୬୯ତମ ବର୍ଷ ୨୧ ଫେବ୍ରୁଆରୀ, ୨୦୨୬ ପ୍ରଥମ ସଂଖ୍ୟା

उद् वयं तमसस्परि ज्योतिष्पश्यन्त उत्तरम्।
देवं देवत्रा सूर्यमगन्म ज्योतिरुत्तमम्।। ऋग्वेदः १. ५०. १०

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୬]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୬ |
| କର୍ମର ଆନନ୍ଦ | ... | ଶ୍ରୀଅରବିନ୍ଦ | ... | ୯ |
| କର୍ମରେ ଏକାଗ୍ରତା (ଆଶ୍ରମର ପିଲାମାନଙ୍କ ସହ କଥୋପକଥନ) | ... | ଶ୍ରୀମା | ... | ୧୨ |
| ସଚେତ ଯଜ୍ଞ | ... | ଶ୍ରୀଅରବିନ୍ଦ | ... | ୧୪ |
| ଯଥାର୍ଥ ସ୍ୱାଧୀନତା | ... | ଶ୍ରୀମା | ... | ୧୫ |
| ଅବଚେତନ (ଶ୍ରୀଅରବିନ୍ଦଙ୍କ ପତ୍ରାବଳିରୁ) | ... | ଶ୍ରୀଅରବିନ୍ଦ | ... | ୧୬ |
| ଧମ୍ମପଦ (୧୩) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୮ |
| ଜନ୍ମଦିନର ବାର୍ତ୍ତା | ... | ... | ... | ୨୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୭ |
| ନୈତିକ ଓ ଆଧ୍ୟାତ୍ମିକ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୨ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ଷଷ୍ଠ ସୂକ୍ତ, ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ... | ୩୬ |
| ସାଗର ସାରୂପ୍ୟ (କବିତା) | ... | ଶ୍ରୀଅରବିନ୍ଦ | ... | ୪୦ |
| ବିଶ୍ୱାମିତ୍ର ବଶିଷ୍ଠ ସଂବାଦ-ବିସଂବାଦ | ... | ଶ୍ରୀ ମନୋଜ ଦାସ | ... | ୪୧ |
| ନୂତନ ଚେତନା ଓ ନୂତନ ସମାଜ | ... | ଶ୍ରୀ ପ୍ରପତ୍ତି | ... | ୪୫ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଶ୍ରୀମଦ୍‌ଭଗବଦ୍‌ଗୀତା (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ) | ... | ... | ... | ୪୮ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ନିୟତିର ପ୍ରଭୁ ଅଥବା ତା'ର କ୍ରୀଡ଼ନକ (ଶ୍ରୀମାଙ୍କ ସଙ୍ଗେ ଏକ କଥୋପକଥନ) | ... | ... | ... | ୫୩ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ଆତ୍ମ-ନିବେଦନର ନିଷ୍ଠା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୬ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

# ପ୍ରାର୍ଥନା

... It is true to say that the divisions of time are purely arbitrary, that the date assigned to the renewal of the year varies according to the latitude, the climate, the customs, and that it is purely conventional. This is the mental attitude which smiles at the childishness of men and wants to let itself be guided by profounder truths. And then suddenly the mind itself feels its powerlessness to translate these truths precisely, and, renouncing all wisdom of this kind, it lets the song of the aspiring heart arise, the heart for which every circumstance is an opportunity for a deeper, vaster and more intense aspiration. . . . The year of the West renews itself: why not profit by it to will with renewed ardour that this symbol should become a reality and the deplorable things of the past give place to things which must exist in all glory? ...

(MCW, Vol. 1, P. 286) – The Mother

... ଏମିତି କହିବା ସତ ଯେ କାଳ-ବିଭାଜନ ଏକାନ୍ତ ଅଯୌକ୍ତିକ, ବର୍ଷାରମ୍ଭ ପାଇଁ ନିରୂପିତ ତାରିଖରେ ଅକ୍ଷାଂଶ, ଜଳବାୟୁ, ପରମ୍ପରା ଅନୁସାରେ ପାର୍ଥକ୍ୟ ରହିଥାଏ ଏବଂ ତାହା ପୂରା ଗତାନୁଗତିକ । ଏହା ହେଲା ଏକ ମାନସିକ ଦୃଷ୍ଟିକୋଣ ଯାହା ମଣିଷର ପିଲାଳିଆମିରେ ହସେ ଏବଂ ମହତ୍ତର ସତ୍ୟସବୁ ଦ୍ୱାରା ନିଜକୁ ପରିଚାଳିତ କରିବାକୁ ଚାହେଁ । ତା'ପରେ ହଠାତ୍ ଦିନେ ସେହି ମନହିଁ ସେସବୁ ସତ୍ୟକୁ ଅବିକଳ ରୂପାୟିତ କରିବା ଦିଗରେ ନିଜର ଅକ୍ଷମତା ଅନୁଭବ କରେ ଏବଂ ସେ ପର୍ଯ୍ୟାୟର ବିଜ୍ଞତା ପରିହାର କରି ଅଭୀପ୍ସୁ ହୃଦୟ-ସଂଗୀତକୁ ଉତ୍ସାରିତ ହେବାକୁ ଦିଏ – ଯେଉଁ ହୃଦୟ ସକାଶେ ଯାବତୀୟ ପରିସ୍ଥିତି ଏକ ଗଭୀରତର, ବ୍ୟାପକତର ଏବଂ ଅଧିକ ତୀବ୍ର ଅଭୀପ୍ସାର ସୁଯୋଗ । ... ପାଶ୍ଚାତ୍ୟ ପ୍ରବର୍ତ୍ତିତ ବର୍ଷର ପୁନରୁଜ୍ଜୀବନ ଘଟି ଚାଲିଥାଏ : ପୁନରୁଜ୍ଜୀବିତ ଉତ୍ସାହ ସହକାରେ ଏ ପ୍ରତୀକକୁ ବାସ୍ତବ ହେବା ଦିଗରେ ଏବଂ ଅତୀତର ଶୋଚନୀୟ ସବୁକଥା ସ୍ଥାନରେ ଗୌରବାବହଭାବେ ତିଷ୍ଠି ପାରିବା ଭଳି ନୂତନ ସକାଶେ ସ୍ଥାନ ଛାଡ଼ି ଦେବାର ସୁଯୋଗ ଆମେ ଗ୍ରହଣ ନକରିବା କାହିଁକି ? ...

(ଧ୍ୟାନ ଓ ପ୍ରାର୍ଥନା, ଜାନୁଆରୀ ୨, ୧୯୧୫) – ଶ୍ରୀମା ✤

# ଶ୍ରୀଅରବିନ୍ଦଙ୍କ ବାଣୀ

All is created by the Supreme Goddess, the Supreme and Original Mahashakti, all proceeds from her, all lives by her, all lives in her, even as she lives in all. All wisdom and knowledge are her wisdom and knowledge; all power is her power, all will and force her will and force, all action is her action, all movement her movement. All beings are portions of her power of existence.

(CWSA, Vol. 11, p. 1139) – Sri Aurobindo

ସବୁକିଛି ସେହି ସର୍ବୋଚ୍ଚ ଦେବୀଙ୍କର ସୃଜନ – ସେହିଁ ପରମା ଓ ଆଦ୍ୟା ମହାଶକ୍ତି । ସବୁକିଛି ତାଙ୍କ ଠାରୁ ଜାତ ହୋଇଛି, ସମସ୍ତେ ତାଙ୍କ ଦ୍ୱାରା ଜୀବନ ଧାରଣ କରିଛନ୍ତି, ସମସ୍ତେ ତାଙ୍କ ଭିତରେ ନିବାସ କରୁଛନ୍ତି, ଏପରିକି ସେ ସମସ୍ତଙ୍କ ଭିତରେ ମଧ୍ୟ ନିବାସ କରୁଛନ୍ତି । ସବୁକିଛି ଜ୍ଞାନ ଓ ବୁଦ୍ଧି ତାଙ୍କର ଜ୍ଞାନ ଓ ବୁଦ୍ଧି; ସମସ୍ତ ଶକ୍ତି ତାଙ୍କର ଶକ୍ତି, ସମସ୍ତ ଇଚ୍ଛା ଓ ଶକ୍ତି ତାଙ୍କର ଇଚ୍ଛା ଓ ଶକ୍ତି, ସମସ୍ତ କ୍ରିୟା ତାଙ୍କର କ୍ରିୟା, ସମସ୍ତ ଗତିବିଧି ତାଙ୍କର ଗତିବିଧି ଅଟେ । ସମସ୍ତ ସତ୍ତା ତାଙ୍କର ବିଦ୍ୟମାନ ଥିବା ଶକ୍ତିର ଅଂଶ ବିଶେଷ ଅଟନ୍ତି ।

– ଶ୍ରୀଅରବିନ୍ଦ



# କର୍ମର ଆନନ୍ଦ

## ଶ୍ରୀଅରବିନ୍ଦ

ତୁମ କର୍ମରେ ସବୁବେଳେ ଏହି ତିନୋଟି ବିଷୟ ରହିଥାଏ : ପ୍ରଭୁ, କର୍ମୀ ଓ ଯନ୍ତ୍ର । ନିଜ ଭିତରେ ଏଗୁଡ଼ିକର ଯଥାର୍ଥ ସଂଜ୍ଞା ନିର୍ଣ୍ଣୟ କରିବା ଏବଂ ସେଗୁଡ଼ିକୁ ଠିକ୍ ଭାବରେ ଅଧିଗତ କରିବା ହେଉଛି କର୍ମ ତଥା କର୍ମର ଆନନ୍ଦର ଗୋପନ ରହସ୍ୟ ।

ପ୍ରଥମେ ତୁମକୁ ଶିଖିବାକୁ ହେବ ଭଗବାନଙ୍କର ଯନ୍ତ୍ର ହେବା ପାଇଁ ଏବଂ ତୁମ ପ୍ରଭୁଙ୍କୁ ଗ୍ରହଣ କରିନେବା ପାଇଁ । ତୁମେ ଯାହାକୁ ତୁମେ ନିଜେ ବୋଲି କୁହ ସେହି ବାହ୍ୟ ଜିନିଷଟି ହେଉଛି ଯନ୍ତ୍ର, ଏହା ହେଉଛି ମନର ଏକ ଢାଞ୍ଚା, ପ୍ରାଣମୟ ଏକ ଶକ୍ତି-ପ୍ରବେଗ, ଆକାର ଥିବା ଏକ ଯନ୍ତ୍ରପାତି, ସ୍ପ୍ରିଙ୍ଗ୍, ପେଚ, ଚକଦାନ୍ତୀ ଆଦି ନାନା କଳକବ୍ଜା ଓ କାରିଗରୀ କୌଶଳରେ ପୂର୍ଣ୍ଣ ଏକ ବସ୍ତୁ । ଏହାକୁ ଦିବ୍ୟକର୍ମୀ ବା ପ୍ରଭୁ ବୋଲି କୁହ ନାହିଁ, ଏହା କେବେ ହେଲେ ଦିବ୍ୟକର୍ମୀ ବା ପ୍ରଭୁ ହୋଇ ପାରିବ ନାହିଁ । ନିଜକୁ ବିନୀତ ଭାବରେ ଭଗବାନଙ୍କର ଏକ ଯନ୍ତ୍ର ବୋଲି ମାନିନିଅ, ବିନୀତ ଭାବରେ ତଥାପି ସ୍ୱାଭିମାନ ସହ, ଉତ୍ସର୍ଗ ଓ ଆନୁଗତ୍ୟର ଭାବ ସହ ଏବଂ ଆନନ୍ଦ ମନରେ ନିଜକୁ ତାଙ୍କର ଏକ ଯନ୍ତ୍ର ବୋଲି ଗ୍ରହଣ କର ।

ପ୍ରଭୁଙ୍କର ଏକ ନିଖୁଣ ଯନ୍ତ୍ର ହୋଇ ଉଠିବାଠାରୁ ଆଉ ଅଧିକ ଗର୍ବ ଓ ଗୌରବର କଥା କିଛି ନାହିଁ ।

ପ୍ରଥମେ ଶିଖିବାକୁ ହେବ କିପରି ସର୍ବଦା ପୂରାପୂରି ଆଜ୍ଞାପାଳନ କରିବାକୁ ହୁଏ । ତରବାରି ବାଛେ ନାହିଁ ତାହା କେଉଁଠି ଆଘାତ କରିବ, ତୀର ପଚାରେ ନାହିଁ ତାହା କେଉଁ ଲକ୍ଷ୍ୟ ଦିଗରେ ଚାଳିତ ହେବ, ଯନ୍ତ୍ରର ସ୍ପ୍ରିଙ୍ଗଗୁଡ଼ିକ ଜିଦ୍ କରନ୍ତି ନାହିଁ ସେମାନଙ୍କ କ୍ରିୟା ଫଳରେ କେଉଁ ଧରଣର ବସ୍ତୁର ଉତ୍ପାଦନ ହେବ । ବିଶ୍ୱପ୍ରକୃତିର ଅଭିପ୍ରାୟ ଓ କ୍ରିୟା ଦ୍ୱାରାହିଁ ତାହା ସ୍ଥିରୀକୃତ ହୋଇଥାଏ । ସଚେତ ଯନ୍ତ୍ରଟି ନିଜ ପ୍ରକୃତିର ଶୁଦ୍ଧ ଓ ମୂଳ ସ୍ୱଧର୍ମକୁ ଯେତେ ଅଧିକ ଅନୁଭବ କରିବା ପାଇଁ ଓ ମାନି ଚଳିବା ପାଇଁ ଶିଖିବ, ସେତେ ଅଧିକ ଶୀଘ୍ରହିଁ ତା ଦ୍ୱାରା ସଂପନ୍ନ ହେଉଥିବା କର୍ମ ଆହୁରି ପୂର୍ଣ୍ଣ, ନିଖୁଣ ଓ ତ୍ରୁଟିହୀନ ହୋଇ ଉଠିବ । ସ୍ନାୟବିକ ପ୍ରବୃତ୍ତି-ପ୍ରଣୋଦିତ ପ୍ରାଣଶକ୍ତି ଯଦି ନିଜ ପସନ୍ଦ ଓ ଖିଆଲ ଖୁସି ଅନୁଯାୟୀ କର୍ମ ନିର୍ବାଚନ କରେ, ଯଦି ଶାରୀରିକ ଓ ମାନସିକ ଯନ୍ତ୍ର ବିଦ୍ରୋହ କରେ ତେବେ ତାହା ଦ୍ୱାରା ସମସ୍ତ କର୍ମ ନଷ୍ଟଭ୍ରଷ୍ଟ ହୋଇଯିବାହିଁ ସାର ହେବ ।

ତୁମେ ନିଜକୁ ଭଗବାନଙ୍କ ଶ୍ୱାସ-ପ୍ରଶ୍ୱାସରେ ବହି ଯିବାକୁ ଛାଡ଼ିଦିଅ ଏବଂ ଝଡ଼ରେ ଉଡୁଥିବା ଏକ ପତ୍ର ପରି ହୋଇଯାଅ, ତାଙ୍କ ହାତରେ ନିଜକୁ ଛାଡ଼ିଦିଅ ଏବଂ ଆଘାତ କରିବା ପାଇଁ ଉଦ୍ୟତ ଏକ ଖଡ଼୍ଗ ପରି ଓ ନିଜ ଲକ୍ଷ୍ୟଭେଦ ପାଇଁ ଛୁଟି ଚାଲୁଥିବା ଏକ ତୀର ପରି ହୋଇଉଠ । ତୁମର ମନ ଯନ୍ତ୍ରପାତିର ଏକ ସ୍ପ୍ରିଙ୍ଗ୍ ପରି ହେଉ ଏବଂ ତୁମର ଶକ୍ତି ଏକ ପିଷ୍ଟନ୍ ପରି କ୍ରିୟା କରୁ; ତୁମର କର୍ମ ହୋଇଉଠୁ ସେହିପରି ଇସ୍ପାତଦୃଢ଼ ଯାହା କୌଣସି ଜିନିଷକୁ ଚୂରିପେଷି ନୂତନ ଆକୃତି ଦେବା ପାଇଁ ତାହା ଉପରେ ବାରଂବାର କ୍ରିୟା କରିଥାଏ । ତୁମର ବାଣୀ ହୋଇଉଠୁ ନେହି ଉପରେ ହାତୁଡ଼ି-ଆଘାତର ଶବ୍ଦ ପରି ଏବଂ ଇଞ୍ଜିନର ଶ୍ରମାର୍ତ୍ତ କ୍ରନ୍ଦନ ପରି ଓ ରଣଭେରୀର ସେହି ତୂର୍ଯ୍ୟ-ନିନାଦ ପରି ଯାହା ସମଗ୍ର ଅଞ୍ଚଳରେ ଭାଗବତ ଶକ୍ତିର ବିଜୟ ଘୋଷଣା କରୁଥାଏ । ଯେକୌଣସି ବାଟରେ ହେଉ ନା କାହିଁକି ଏକ ଯନ୍ତ୍ର ଭଳି ସେହି କର୍ମ କରିଚାଲ ଯାହା ତୁମ ପାଇଁ ସ୍ୱାଭାବିକ ଓ ଯେଉଁ କର୍ମ ପାଇଁ ତୁମେ ନିଯୁକ୍ତ ହୋଇଛ ।

ରଣଭୂମିର ଲୀଳାରେ ହିଁ ତରବାରିର ଆନନ୍ଦ, ତୀରର ଉଲ୍ଲାସ ସାଇଁ ସାଇଁ ଶବ୍ଦ କରି ଛୁଟି ଚାଲିବାରେ, ମହାଶୂନ୍ୟରେ ଚକାଭଉଁରି କାଟି ଘୂରି ବୁଲିବାରେହିଁ ପୃଥିବୀର ଆନନ୍ଦ, ନିଜର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟ, ଦୀପ୍ତି ଓ ଚିରନ୍ତନ ଗତିରୁହିଁ ସୂର୍ଯ୍ୟ ତା'ର ସମ୍ରାଟସୁଲଭ ଆନନ୍ଦର ଉପଭୋଗ କରିଥାଏ । ହେ ଭଗବାନଙ୍କର ଆତ୍ମସଚେତନ ଯନ୍ତ୍ର, ତୁମେ ନିଜେ ମଧ୍ୟ ନିୟୋଜିତ ହୋଇଥିବା କର୍ମରୁ ଆନନ୍ଦର ରସ ଆସ୍ୱାଦନ କର ।

ତରବାରି ନିଜେ ଗଢ଼ାହେବା ପାଇଁ ଆବେଦନ ଜଣାଇ ନ ଥିଲା କିଂବା ନିଜ ପ୍ରୟୋଗକାରୀକୁ ଏହା ପ୍ରତିରୋଧ କରେ ନାହିଁ ଅଥବା ଯେତେବେଳେ ଏହା ଭାଙ୍ଗି ତୁଟି ଯାଏ ସେଥିପାଇଁ ଏହା ବିଳାପ କରେ ନାହିଁ । ଗଢ଼ି ହେବାରେ ଏକ ଆନନ୍ଦ ଅଛି, ବ୍ୟବହୃତ ହେବାରେ ଏକ ଆନନ୍ଦ ଅଛି, ଆଡ଼େଇ ରଖା

ହେବାରେ ଏକ ଆନନ୍ଦ ଅଛି ଏବଂ ଭାଙ୍ଗି ଯିବାରେ ମଧ୍ୟ ଏକ ଆନନ୍ଦ ଅଛି । ସମତାର ସେହି ଆନନ୍ଦକୁ ଆବିଷ୍କାର କର ।

ଯେହେତୁ ତୁମେ ଯନ୍ତଟିକୁ କର୍ମୀ ଓ ପ୍ରଭୁ ବୋଲି ଭୁଲ୍ କରିଛ ଏବଂ ଯେହେତୁ ନିଜ କାମନାବାସନାର ଅଜ୍ଞାନତାର ବଶବର୍ତ୍ତୀ ହୋଇ, ତୁମ ନିଜର ପସନ୍ଦ ଅନୁଯାୟୀ ଅବସ୍ଥା, ନିଜର ଲାଭାଲାଭ ଓ ଉପଯୋଗିତାକୁ ବାଛି ସ୍ଥିର କରିବାକୁ ବାହାରି ପଡ଼ିଛ, ତେଣୁ ତୁମକୁ ନାନା ଦୁଃଖ, କ୍ଲେଶ ଓ ଯାତନା ଭୋଗ କରିବାକୁ ପଡ଼ୁଛି ଏବଂ ବାରଂବାର ତୁମକୁ ରକ୍ତବର୍ଣ୍ଣ ଉତ୍ତପ୍ତ ନରକର ଅଗ୍ନିକୁଣ୍ଡ ଭିତରେ ପଡ଼ିବାକୁ ହେଉଛି, ବାରଂବାର ତୁମକୁ ନୂତନ ଜନ୍ମ ନେଇ ନୂତନ ଆକାର ଓ ସ୍ୱଭାବ ଗ୍ରହଣ କରିବାକୁ ପଡ଼ୁଛି ଯେପର୍ଯ୍ୟନ୍ତ ତୁମେ ତୁମର ମାନୁଷୀ ଶିକ୍ଷାଲାଭକୁ ପୂରା କରି ନାହଁ । ଏବଂ ଏହା ଏହିପରି ହୋଇ ଚାଲିଛି କାରଣ ଏହା ତୁମର ଅପରିପକ୍ୱ, ଅସଂପୂର୍ଣ୍ଣ ପ୍ରକୃତି ଭିତରେହିଁ ବିଦ୍ୟମାନ ରହିଛି । ଯେହେତୁ ବିଶ୍ୱ-ପ୍ରକୃତିହିଁ କର୍ମକର୍ତ୍ତ୍ରୀ, ସେ କେଉଁ ଲକ୍ଷ୍ୟ ନେଇ ଏହିପରି କରିଚାଲିଛି ? ତାହାର ସ୍ଥୂଳ ମନ, ପ୍ରାଣ ଓ ଜଡ଼ ଭିତରୁ ଏକ ପୂର୍ଣ୍ଣ ସଚେତ ସତ୍ତାର ଗଠନ ଓ ବିକାଶକୁ ରୂପାୟିତ କରିବାହିଁ ତାହାର ଉଦ୍ଦେଶ୍ୟ ।

*

ପରବର୍ତ୍ତୀ ପଦକ୍ଷେପ ହେଉଛି ନିଜକୁ ଦିବ୍ୟକର୍ମୀ ବୋଲି ଜାଣ । ତୁମର ପ୍ରକୃତିକୁ କର୍ମୀ ବୋଲି ବୁଝ ଏବଂ ନିଜର ପ୍ରକୃତିକୁ ତଥା ସମଗ୍ର ବିଶ୍ୱପ୍ରକୃତିକୁ ନିଜର ସ୍ୱରୂପ ବୋଲି ଜାଣ ।

ଏହି ପ୍ରକୃତି-ସ୍ୱରୂପ(nature-self) କିଛି ବିଶେଷ ଭାବରେ ତୁମର ନୁହଁ ବା ତାହା ଆଦୌ ସୀମିତ ନୁହେଁ । ତୁମରି ପ୍ରକୃତିହିଁ ଏହି ସୂର୍ଯ୍ୟକୁ, ସମସ୍ତ ସୌର ଜଗତକୁ, ପୃଥିବୀକୁ, ତା'ର ପ୍ରାଣୀମାନଙ୍କୁ, ତୁମକୁ, ତୁମର ସବୁକିଛିକୁ, ତୁମେ ଯାହା ହୋଇଛ ଓ ଯାହାସବୁକୁ ପ୍ରତ୍ୟକ୍ଷ କରୁଛ — ସେସମସ୍ତ କିଛିକୁ ରୂପଦେଇ ଗଢ଼ିଛି । ଏହି ପ୍ରକୃତିହିଁ ତୁମର ମିତ୍ର, ତୁମର ଶତ୍ରୁ, ତୁମର ଜନନୀ ଓ ତୁମର ଭକ୍ଷଣକାରୀ, ତୁମର ପ୍ରେମାସ୍ପଦ ଓ ତୁମର ଉତ୍ପୀଡ଼ନକାରୀ, ତୁମ ଆତ୍ମାର ଭଗିନୀ ଓ ସମ୍ପୂର୍ଣ୍ଣ ପର, ଅପରିଚିତ, ବିଦେଶୀ; ଏହାହିଁ ତୁମର ଆନନ୍ଦ ଓ ତୁମର ଦୁଃଖ-ବେଦନା, ତୁମର ପାପ ଓ ତୁମର ପୁଣ୍ୟ, ତୁମର ସାମର୍ଥ୍ୟ ଓ ତୁମର ଦୁର୍ବଳତା, ତୁମର ଜ୍ଞାନ ଓ ତୁମର ଅଜ୍ଞାନ । ଏବଂ ତଥାପି ଏଥିଭିତରୁ କିଛି ବି ନୁହେଁ; ଏହା ଏପରି କିଛି ଯାହାର ଏଗୁଡ଼ିକ ହେଉଛି ପ୍ରଚେଷ୍ଟା ଓ ଅପୂର୍ଣ୍ଣ ଭାବମୂର୍ତ୍ତି । କାରଣ ଏସବୁର ଊର୍ଦ୍ଧ୍ୱରେ, ଏଗୁଡ଼ିକୁ ଅତିକ୍ରମ କରି ଏକ ମୂଳ ଆତ୍ମଜ୍ଞାନ ରହିଛି ଏବଂ ରହିଛି ଏକ ଅନନ୍ତ ଶକ୍ତି ଏବଂ ଅସଂଖ୍ୟ ଅଗଣିତ ଗୁଣରୂପ ।

କିନ୍ତୁ ତୁମ ଭିତରେ ରୂପାୟିତ ହୋଇଛି ତାହାର ଏକ ବିଶେଷ ଗତିବୃତ୍ତି, ଏକ ଯଥୋପଯୋଗୀ ପ୍ରକୃତି ଏବଂ ବ୍ୟକ୍ତିଗତ ଶକ୍ତି । ଏକ ପ୍ରସାରମୟୀ ନଦୀ ପରି ତାହାର ଅନୁସରଣ କର ଯେତେବେଳେ କି ଏହା ଶେଷରେ ତୁମକୁ ପହୁଞ୍ଚାଇ ଦେବ ତାହାର ଅନନ୍ତ ଆଦି ସ୍ରୋତ ଓ ମୂଳ ସ୍ୱରୂପରେ ।

ତେଣୁ ତୁମ ନିଜ ଶରୀରକୁ ଜଡ଼ର ଏକ ଗ୍ରନ୍ଥି ବୋଲି ଓ ତୁମର ମନକୁ ବିଶ୍ୱ ମନର ଏକ ଘୂର୍ଣ୍ଣି ବୋଲି ଏବଂ ତୁମ ଜୀବନକୁ ଚିରନ୍ତନ ପ୍ରାଣ-ସମୁଦ୍ରର ଏକ ଆବର୍ତ୍ତ ବୋଲି ଜାଣ । ତୁମର ଶକ୍ତିକୁ ଅନ୍ୟ ସମସ୍ତ ସତ୍ତାଙ୍କ ଶକ୍ତି ବୋଲି ଜାଣ, ଏବଂ ତୁମର ଜ୍ଞାନକୁ ସେହି ଆଲୋକର ଏକ ଦ୍ୟୁତି ଓ ଝଲକ ବୋଲି ଜାଣ ଯାହା କୌଣସି ମନୁଷ୍ୟର ଅଧିକାରଭୁକ୍ତ ନୁହେଁ, ଏବଂ ତୁମର କର୍ମକୁ ତୁମ ନିଜ ପାଇଁ ଉଦ୍ଦିଷ୍ଟ ହୋଇଥିବା କର୍ମ ବୋଲି ଜାଣ ତେବେ ନିଜକୁ ଏକ ସ୍ୱତନ୍ତ୍ର ପୃଥକ୍ ବ୍ୟକ୍ତିସତ୍ତା ବୋଲି ମନେ କରିବାର ଭ୍ରାନ୍ତିରୁ ମୁକ୍ତ ହୁଅ ।

ଯେତେବେଳେ ତାହା ସଂପନ୍ନ ହୋଇଯିବ ସେତେବେଳେ ତୁମେ ତୁମ ବ୍ୟକ୍ତିସତ୍ତାର ସତ୍ୟରେ, ତୁମର ସାମର୍ଥ୍ୟରେ, ତୁମର ମହିମାରେ, ତୁମର ସୌନ୍ଦର୍ଯ୍ୟରେ ଓ ତୁମର ଜ୍ଞାନରେ ଏକ ମୁକ୍ତ ଆନନ୍ଦ ଅନୁଭବ କରିବ ଏବଂ ଯଦି ଏଗୁଡ଼ିକରୁ ତୁମେ ବଞ୍ଚିତ ହୁଅ, ତେବେ ମଧ୍ୟ ତହିଁରେ ଆନନ୍ଦ ଅନୁଭବ କରିବ । କାରଣ ଏସବୁଗୁଡ଼ିକ ହେଉଛି ସେହି ଦିବ୍ୟପୁରୁଷଙ୍କର ନାଟକୀୟ ମୁଖା ଓ ବେଶଭୂଷା ଏବଂ ସେହି ଆତ୍ମଶିଳ୍ପୀଙ୍କର ଆତ୍ମ-ଭାବମୂର୍ତ୍ତି ।

ତୁମେ ନିଜକୁ କାହିଁକି ସୀମିତ କରିବ ? ତୁମକୁ ଆଘାତ କରୁଥିବା ଖଡ୍ଗ ଭିତରେ ତଥା ଆଲିଙ୍ଗନ କରୁଥିବା ବାହୁ ଭିତରେ ନିଜକୁ ଅନୁଭବ କର, ସୂର୍ଯ୍ୟଙ୍କର ଜାଜ୍ୱଲ୍ୟମାନ ଦୀପ୍ତି ଭିତରେ ଓ ପୃଥିବୀର ଲାସ୍ୟ ଭିତରେ, ଇଗଲର ଉଡ଼ିବା ଭିତରେ ଓ ନାଇଟିଙ୍ଗେଲ୍‌ର ଗାନ ଭିତରେ ନିଜକୁ ଅନୁଭବ କର । ଯାହାକିଛି ଅତୀତ ହୋଇଯାଇଛି ଓ ଯାହାକିଛି ବର୍ତ୍ତମାନ ବିଦ୍ୟମାନ ହୋଇ ରହିଛି ଓ ଯାହାକିଛି ଭବିଷ୍ୟତରେ ରୂପ ନେବାକୁ ଯାଉଛି ସେସବୁ ଭିତରେ ନିଜକୁ ଅନୁଭବ କର ।

କାରଣ ତୁମେ ହେଉଛ ଅସୀମ ଏବଂ ଏ ସମସ୍ତ ଆନନ୍ଦ ତୁମ ପାଇଁ ସମ୍ଭବପର ।

ଦିବ୍ୟ କର୍ମକର୍ତ୍ତ୍ରୀଙ୍କର ନିଜ କର୍ମର ଆନନ୍ଦ ଥାଏ ଏବଂ ଯାହାଙ୍କ ପାଇଁ ସେ କର୍ମ କରୁ ଥାଆନ୍ତି ତାଙ୍କର ସେହି ପରମ ପ୍ରେମିକଙ୍କ ଆନନ୍ଦ ହୋଇଉଠେ ତାଙ୍କ ନିଜର ଆନନ୍ଦ । ସେହି ଦେବୀ ନିଜକୁ ଜାଣନ୍ତି ସେହି ପରମ ପୁରୁଷଙ୍କ ଚେତନା ଓ ଶକ୍ତି ରୂପେ, ତାଙ୍କର ଜ୍ଞାନ ଓ ଜ୍ଞାନର ସଂଯମ ରୂପେ, ତାଙ୍କର ଐକ୍ୟ ଓ ତାଙ୍କର ଆତ୍ମ-ବିଭାଜନ ରୂପେ, ତାଙ୍କ ସତ୍ତାର ଅସୀମତା ଓ ସସୀମତା ରୂପେ । ତୁମେ ନିଜକୁ ଏ ସମସ୍ତ କିଛି ବୋଲି ଜାଣ; ତୁମେ ମଧ୍ୟ ତୁମ ଦିବ୍ୟ-ପ୍ରେମିକଙ୍କ ଆନନ୍ଦକୁ ଉପଭୋଗ କର ।

ଅନେକେ ଅଛନ୍ତି ଯେଉଁମାନେ ନିଜକୁ ଏକ କର୍ମଶାଳା ବୋଲି ବା ଏକ ଯନ୍ତ୍ର ବୋଲି ବା ତହିଁରେ ତିଆରି ହୋଇଥିବା ଏକ ବସ୍ତୁ ବୋଲି ଜାଣନ୍ତି । କିନ୍ତୁ ସେମାନେ କର୍ମକର୍ତ୍ତାଙ୍କୁ ଭୁଲ୍ କରନ୍ତି ପ୍ରଭୁ ବୋଲି, ଏହା ମଧ୍ୟ ଏକ ଭୁଲ୍ । ଯେଉଁମାନେ ଏହି ଭୁଲ୍‌ରେ ପଡ଼ନ୍ତି ସେମାନେ ପ୍ରକୃତିର ସେହି ସମୁଚ୍ଚ, ଶୁଦ୍ଧ ଓ ନିଖୁଣ କର୍ମଧାରାକୁ କ୍ୱଚିତ୍ ବୁଝିଥାଆନ୍ତି ।

ଯନ୍ତ୍ର ହେଉଛି ବ୍ୟକ୍ତିରୂପ ନେଇଥିବା ଏକ ସୀମିତ ବସ୍ତୁ, କର୍ମୀ ହେଉଛି ବ୍ୟକ୍ତିଭାବସଂପନ୍ନ ଏକ ବିଶ୍ୱଗତ ସତ୍ୟ, କିନ୍ତୁ ଏଥି ଭିତରୁ କେହି ମଧ୍ୟ ପ୍ରଭୁ ନୁହନ୍ତି, କାରଣ କେହି ମଧ୍ୟ ସେହି ଯଥାର୍ଥ ଦିବ୍ୟ ପୁରୁଷ ନୁହନ୍ତି ।

*

ଶେଷରେ ନିଜକୁ ଜାଣ ସେହି ପ୍ରଭୁଙ୍କ ସ୍ୱରୂପ ବୋଲି, କିନ୍ତୁ ନିଜର ସେହି ଦିବ୍ୟ-ଆତ୍ମାକୁ କୌଣସି ଆକୃତି ପ୍ରଦାନ କର ନାହିଁ ଏବଂ ତାହା ପାଇଁ ଗୁଣର କୌଣସି ସଂଜ୍ଞାର ସନ୍ଧାନ କର ନାହିଁ । ସେହି ଦିବ୍ୟ-ତତ୍ତ୍ୱଙ୍କ ସଙ୍ଗେ ତୁମ ନିଜ ସତ୍ତାରେ ଏକ ହୋଇଯାଅ, ତୁମ ନିଜ ଚେତନାରେ ତାଙ୍କ ସଙ୍ଗେ ସଂପର୍କଯୁକ୍ତ ହୋଇଯାଅ, ତୁମ ନିଜର ସମସ୍ତ ଶକ୍ତି ଦେଇ ତାଙ୍କର ଆଜ୍ଞା ପାଳନ କର, ତୁମ ନିଜର ଆନନ୍ଦରେ ତାଙ୍କର ଅଧୀନ ଓ ବଶୀଭୂତ ହୋଇଯାଅ ଏବଂ ତାଙ୍କର ଆଲିଙ୍ଗନରେ ଆବଦ୍ଧ ହୁଅ – ନିଜ ଜୀବନରେ, ଶରୀରରେ ଓ ମନରେ ତାଙ୍କୁହିଁ ସାର୍ଥକ ଓ ପରିପୂର୍ଣ୍ଣ କର । ସେତେବେଳେ ଯାଇ ତୁମ ଅନ୍ତରର ଏକ ଉନ୍ମୀଳିତ ଦୃଷ୍ଟି ଆଗରେ ସେହି ଏକମାତ୍ର ଯଥାର୍ଥ ଦିବ୍ୟପୁରୁଷ ଆବିର୍ଭୂତ ହେବେ, ଯେକି ସ୍ୱୟଂ ତୁମେ, ପୁଣି ତୁମେ ନୁହଁ, ଯେକି ବାକି ଅନ୍ୟ ସମସ୍ତ ପୁଣି ଅନ୍ୟ ସମସ୍ତଙ୍କଠାରୁ ଅଧିକ, ଯେକି ତୁମ ସମସ୍ତ କର୍ମର ନିୟନ୍ତା, ନିର୍ଦ୍ଦେଶକ ଓ ତା'ର ଉପଭୋକ୍ତା, ସମସ୍ତ କର୍ମୀ ଓ ଯନ୍ତ୍ରମାନଙ୍କର ପ୍ରଭୁ; ଏହି ବିଶ୍ୱଲୀଳାର ତାଣ୍ଡବ ନୃତ୍ୟରେ କ୍ଷିପ୍ର ପଦ ସଞ୍ଚାଳନ କରି ତା'ର ଆନନ୍ଦ-ଉଚ୍ଛ୍ୱାସରେ ସେ ମତ୍ତ ରହିଥିଲେ ମଧ୍ୟ ତଥାପି ତୁମ ଆତ୍ମାର ନିଭୃତ ଆନ୍ତର ପ୍ରକୋଷ୍ଠରେ ତୁମ ସଙ୍ଗେ ନୀରବ, ନିଶ୍ଚୁପ ଓ ଏକଲା ହୋଇ ରହିଛନ୍ତି ।

ସେହି ଦିବ୍ୟପ୍ରଭୁଙ୍କ ଆନନ୍ଦର ଅଧିକାର ଲାଭ କରିବା ପରେ ତୁମ ପାଇଁ ଆଉ ଜୟ କରିବାର କିଛି ନାହିଁ । କାରଣ ସେ ତୁମ ହାତରେ ଦେଇ ଦେବେ ସ୍ୱୟଂ ନିଜକୁ ତଥା ବସ୍ତୁସକଳକୁ ଏବଂ ସମସ୍ତ ପ୍ରାଣିକୁଳର ଯାହା କିଛି ପାଇବାର, ରଖିବାର, କାର୍ଯ୍ୟ କରିବାର ବା ଭୋଗ କରିବାର ରହିଛି; ତହିଁରେ ତୁମର ନିଜର ଯେତିକି ଯଥାର୍ଥ ଅଂଶ ଓ ଭାଗ ରହିଛି ତାହା ସେ ତୁମକୁ ଦେଇ ଦେବା ସଙ୍ଗେ ସଙ୍ଗେ ଯାହାକୁ ଭାଗ କରାଯାଇ ପାରିବ ନାହିଁ ତାହା ମଧ୍ୟ ତୁମକୁ ଦେଇ ଦେବେ । ତୁମେ ତୁମ ସତ୍ତାରେ ଧାରଣ ଓ ଅନ୍ତର୍ଗତ କରି ରଖିବ ନିଜକୁ ଓ ବାକି ଅନ୍ୟ ସକଳଙ୍କୁ ଏବଂ ତୁମେ ଯାହା ହୋଇ ଉଠିବ ତାହା କେବଳ ତୁମେ ନୁହଁ ବା ଅନ୍ୟ ସକଳ ନୁହନ୍ତି । କର୍ମର ଏହାହିଁ ହେଉଛି ପରମ ପୂର୍ଣ୍ଣତାଲାଭ ଓ ଚୂଡ଼ାନ୍ତ ପରାକାଷ୍ଠା ।

(*Essays in Philosophy and Yoga,*
The Delight of Works, pp. 163 - 166)

In the Ashram, negligence in work is treachery.

(MCW. Vol. 13, p. 163) – The Mother

ଆଶ୍ରମରେ କର୍ମର ଅବହେଳାକୁ ବିଶ୍ୱାସଘାତକତା କୁହାଯିବ ।

୧୫ ମାର୍ଚ୍ଚ, ୧୯୬୯ – ଶ୍ରୀମା

# କର୍ମରେ ଏକାଗ୍ରତା

## (ଆଶ୍ରମର ପିଲାମାନଙ୍କ ସହ କଥୋପକଥନ)

## ଶ୍ରୀମା

... ତୁମେ ଯେତେବେଳେ କୌଣସି କାମ କରୁଥାଅ, ତୁମେ ଯଦି ତହିଁରେ ଏକାଗ୍ର ହୁଅ, ତା'ହେଲେ ଘଣ୍ଟାକର କାମ ଦଶ ମିନିଟ ଭିତରେ କରିଦେଇ ପାରିବ । ସମୟ ବଞ୍ଚାଇବାକୁ ଚାହିଁଲେ ଏକାଗ୍ରତା ଶିଖ । ମନୋଯୋଗ ଓ ଏକାଗ୍ରତା ଦ୍ୱାରା କାମସବୁକୁ ତୁମେ ଅଧିକ ଶୀଘ୍ର ଓ ଅଧିକ ଉତ୍ତମ ଭାବରେ କରିପାରିବ । ଯଦି ତୁମକୁ ଅଧଘଣ୍ଟାର କିଛି କାମ ଦିଆ-ଯାଇଛି — ଅବଶ୍ୟ ଅଧଘଣ୍ଟା ପାଇଁ ତୁମକୁ ଯଦି କିଛି ଲେଖିବାର କାମ ଦିଆଯାଇଥାଏ, ମୁଁ ସେ ବିଷୟରେ କହୁ ନାହିଁ — କିନ୍ତୁ ଯଦି ତୁମକୁ କିଛି ବିଷୟରେ ଚିନ୍ତା କରିବାକୁ ପଡ଼େ ଅଥଚ ତୁମ ମନ ଚାରିଆଡ଼େ ଭାସି ବୁଲୁଛି, ଯଦି ତୁମେ କ'ଣ କରୁଛ ଖାଲି ସେ ବିଷୟରେ ନୁହେଁ, ତୁମେ କେତେ କାମ କରିସାରିଛ ଓ ଆଉ କେତେ କାମ କରିବାକୁ ବାକି ଅଛି — ସେସବୁ ବିଷୟରେ ଓ ଅନ୍ୟାନ୍ୟ ବିଷୟଗୁଡ଼ିକ ସମ୍ପର୍କରେ ଯଦି ଚିନ୍ତା କରୁଥାଅ ତା'ହେଲେ ତୁମକୁ କାମଟି କରିବା ପାଇଁ ଯେତେ ସମୟ ଲାଗି-ଥାଆନ୍ତା, ତା'ର ତିନିଗୁଣ ଅଧିକ ସମୟ ଲାଗିବ । ଯେତେବେଳେ ତୁମର ଅନେକ ଗୁଡ଼ିଏ କାମ କରିବାକୁ ଥାଏ, ତା'ହେଲେ କରୁଥିବା ନିର୍ଦ୍ଦିଷ୍ଟ କାମଟି ଉପରେହିଁ କିପରି ସମସ୍ତ ଏକାଗ୍ରତା ଓ ମନୋଯୋଗ ଦେଇପାରିବ, ତାହା ଶିଖିବା ଉଚିତ । ତା'ହେଲେ ଘଣ୍ଟାକର କାମଟିକୁ ତୁମେ ଦଶ ମିନିଟ ଭିତରେ କରି ଦେଇ ପାରିବ । ...

*ପ୍ରଶ୍ନ : ଗୋଟିଏ ଗାଣିତିକ ସମସ୍ୟାର ସମାଧାନ ଥରେ ଥରେ ଖୁବ୍ କମ୍ ସମୟରେ ଆସେ, ଅନ୍ୟ ସମୟରେ ଏଥିପାଇଁ ଖୁବ୍ ବେଶୀ ସମୟ ଲାଗେ ।*

ଶ୍ରୀମା : ହଁ, ଠିକ୍ ଏହାହିଁ, ଏହା ନିର୍ଭର କରେ ତୁମେ କେତେ ମାତ୍ରାରେ ଏକାଗ୍ର ହେଉଛ ତା' ଉପରେ । ତୁମେ ଯଦି ନିଜକୁ ପର୍ଯ୍ୟବେକ୍ଷଣ କରିବ ତେବେ ଏହା ବେଶ୍ ଦେଖି-ପାରିବ । ଯେତେବେଳେ ସମାଧାନଟି ଆସେ ନାହିଁ, ତା'ର କାରଣ ହେଉଛି ମସ୍ତିଷ୍କରେ ଏକ ପ୍ରକାର ଆଳସ୍ୟ, ମେଘୁଆ ପାଗ ପରି କିଛି, କେଉଁଠି ଅବା କୁହୁଡ଼ି ପରି କିଛି ରହିଥାଏ ଏବଂ ତୁମେ ସ୍ୱପ୍ନ ଦେଖିଲା ଭଳି ଏକ ଅବସ୍ଥାରେ ଥାଅ । ତୁମେ ନିଜକୁ ଆଗକୁ ଠେଲୁ ଥାଅ ଏହି ସମାଧାନଟି ପାଇବାର ଚେଷ୍ଟାରେ, କିନ୍ତୁ ଯେପରି ତୁଳା ବା ପଶମ ପରି କିଛି ଭିତରେ ନିଜକୁ ଠେଲୁଛ, ସେଠାରେ ସ୍ୱଷ୍ଟ ଭାବରେ କିଛି ଦେଖିପାରୁ ନାହଁ, ତେଣୁ ମୁଣ୍ଡକୁ କିଛି ଆସୁ ନାହିଁ । ଏହି ଅବସ୍ଥାରେ ତୁମେ ଘଣ୍ଟା ଘଣ୍ଟା ଧରି ରହିପାର ।

ଏକାଗ୍ରତାର ଅର୍ଥ ହେଉଛି ସେହି ମେଘ ବା କୁହୁଡ଼ିକୁ ଦୂର କରିବା । ତୁମ ବୁଦ୍ଧିର ସମସ୍ତ ଉପାଦାନକୁ ଏକାଗ୍ର କରି ଗୋଟିଏ ବିନ୍ଦୁରେ ତାହାକୁ ଠୁଳ କର, ଏବଂ ତା'ପରେ ଦେଖ ତୁମକୁ ଏପରି ସକ୍ରିୟ ଭାବରେ ସମାଧାନଟି ପାଇବାକୁ ଚେଷ୍ଟା କରିବାକୁ ହେବ ନାହିଁ । ତୁମକୁ ଯାହା କରିବାକୁ ହେବ, ତା'ହେଉଛି ଏପରି ଭାବେ ଏକାଗ୍ର ରହିବ, ଯେପରିକି କେବଳ ସମସ୍ୟାଟିକୁ ଦେଖିପାରୁଛ — କିନ୍ତୁ କେବଳ ସମସ୍ୟାଟିର ଉପରି ଭାଗକୁ ନୁହେଁ, ତା'ର ଗଭୀରକୁ ଯିବାକୁ ହେବ ଏବଂ ତାହା କ'ଣ ଲୁଚାଇ ରଖିଛି ତାହା ଦେଖିବାକୁ ହେବ । ତୁମେ ଯଦି ତୁମର ସମସ୍ତ ମାନସିକ ଶକ୍ତିକୁ ଏକତ୍ର ଗୋଟାଇ ଠୁଳ କରି ଏପରି ଏକ ବିନ୍ଦୁରେ ତାହାକୁ ଏକାଗ୍ର କରି ରଖିବ ଯାହାକି ସମସ୍ୟାଟି ଉପରେହିଁ ସ୍ଥିର ହୋଇ ରହିବ । ତୁମେ ସେଇଠାରେହିଁ ସ୍ଥିର ହୋଇ ରୁହ ଯେପରିକି ଗୋଟିଏ କାନ୍ଥରେ ଗର୍ତ୍ତ ପରି କିଛି କରି ତାହାକୁ ଭେଦ କରିବାକୁ ଯାଉଛ, ଦେଖିବ ହଠାତ୍ ତୁମ ମୁଣ୍ଡରେ ସମାଧାନଟି ଆସିଯାଉଛି । ଏବଂ ଏହାହିଁ ଏକମାତ୍ର ବାଟ । ତୁମେ ଯଦି ଏପରି ଚେଷ୍ଟା କର ଯେ ଏଇଟି କ'ଣ ସମାଧାନ, ସେଇଟି କ'ଣ ସମାଧାନ, ଏଇଟି ନା ସେଇଟି ?... ତା'ହେଲେ ତୁମେ କିଛି ପାଇବ ନାହିଁ କିଂବା ତୁମକୁ ଘଣ୍ଟା ଘଣ୍ଟା ସମୟ ଲାଗିଯିବ । ତୁମର ମାନସିକ ଶକ୍ତିକୁ ଗୋଟିଏ ବିନ୍ଦୁରେ ଏପରି ସାମର୍ଥ୍ୟର ସହ ଏକାଗ୍ର କର ଯାହାଫଳରେ ତାହା ଶବ୍ଦଗୁଡ଼ିକୁ ଭେଦ କରି ତା' ପଛରେ ରହିଥିବା ସତ୍ୟଟିକୁ ଧରିପାରିବ । ତୁମକୁ ଗୋଟିଏ ସମାଧାନ ପାଇବାକୁ ହେଲେ ସମସ୍ୟାଟି ଉପରେ ସମସ୍ତ ଶକ୍ତି ନେଇ ଝାମ୍ପିପଡ଼ ।

ଏବଂ ବରାବର ତୁମେ ଯେଉଁ ଦିନଗୁଡ଼ିକରେ ଟିକିଏ ଅଳସୁଆ ହୋଇ ରହିଥାଅ, ସେତେବେଳେ ଏହା କଷ୍ଟସାଧ

ହୋଇଉଠେ । ତୁମେ ଆଳସ୍ୟପରାୟଣ ହୋଇ ରହିଥାଅ : ମନେ ହେବ ଯେପରି କି ତୁମେ ସମାଧାନଟିକୁ ଛୁଇଁ ଧରିବାକୁ ଯାଉଛ, କିନ୍ତୁ ତାହା ପୁଣି କେଉଁଆଡ଼େ ହାତରୁ ଖସି ଚାଲିଯାଉଛି ।

ଏହା ସ୍ୱାଭାବିକ ଯେ ଯଦି ଏହା ବାସ୍ତବତଃ ଅସମ୍ଭବ, ତୁମକୁ ତ ରାକ୍ଷସମାନଙ୍କ ସହିତ କାରବାର କରିବାକୁ ପଡ଼ୁ ନାହିଁ ! ତୁମର ବିଶ୍ୱାସ ତୁମ ଶିକ୍ଷକମାନଙ୍କର ଯଥେଷ୍ଟ ବିଚାରବୁଦ୍ଧି ଅଛି; ଏବଂ ଯଦି ତୁମେ ସେମାନଙ୍କୁ ଯାଇ କୁହ ଯେ, ''ଦେଖନ୍ତୁ, ମୁଁ ଏହା କରିପାରିଲି ନାହିଁ, ସମୟ ପାଇଲି ନାହିଁ, ମୁଁ ଯେତିକିଟା ସମ୍ଭବ ତାହା କରିଛି, ମୋର ଆଉ ଅଧିକ ସମୟ ନଥିଲା ।''– ତା'ହେଲେ ସେମାନେ ତୁମକୁ ଗାଳି ଦେବେ ନାହିଁ, ମୁଁ ସେପରି ଭାବୁ ନାହିଁ । କିନ୍ତୁ ଏଠାରେ ଶତକଡ଼ା ଅନେଶତ ଭାଗ କ୍ଷେତ୍ରରେ ମନର ଅର୍ଦ୍ଧ-ଜଡ଼ତା ଓ ତାମସିକ ଆଳସ୍ୟ ଯାହା ତୁମକୁ ଏହା ଭାବିବାକୁ ପ୍ରବର୍ତ୍ତାଏ ଯେ ତୁମର ଅତି ବେଶୀଗୁଡ଼ିଏ କାମ ରହିଛି । ତୁମେ ଯଦି ନିଜକୁ ନିରୀକ୍ଷଣ କରିବ, ତା'ହେଲେ ଦେଖିବ ବରାବର ଏପରି କିଛି ରହିଛି, ଯାହା ତୁମକୁ ଏ ଦିଗରେ ଟାଣେ, ପୁଣି ସେଦିଗରେ ଟାଣେ ଏବଂ ତା'ପରେ ଏହି ଆଳସ୍ୟ, ଯେପରି କି ତୁମେ ତୂଳା ଗଦାଟିଏ ଭିତରେ, ମେଘୁଆ କିଛି ଭିତରେ ବାସ କରୁଛ ।

କର୍ମର ଉପଯୋଗିତା ଏହା ଛଡ଼ା ଆଉ କିଛି ନୁହେଁ : ଏହି ମାନସିକ ଶକ୍ତିକୁ ଏକାଗ୍ର କରି ସ୍ଫଟିକ ଭଳି ଗଠନ କରିବା । କାରଣ, ତୁମେ ଯାହା ଶିଖିଥାଅ (ତାହାକୁ ଯଦି କୌଣସି କର୍ମ ଭିତରେ ବା ଗଭୀର ଅଧ୍ୟୟନ ଭିତରେ ଅଭ୍ୟାସ ନକର) ତା'ହେଲେ ତୁମେ ଶିଖିଥିବା ଜିନିଷରୁ ଅନ୍ତତଃ ଅର୍ଦ୍ଧେକ ଭାଗ ସମୟକ୍ରମେ କୁଆଡ଼େ ତିରୋହିତ ହୋଇଯିବ, ଉଭାଇ ଅନ୍ତର୍ଦ୍ଧାନ ହୋଇଯିବ । କିନ୍ତୁ ଏହା ଗୋଟିଏ ଜିନିଷ ଛାଡ଼ିଯିବ, ତା' ହେଉଛି ତୁମ ଚିନ୍ତାକୁ ସ୍ଫଟିକ ପରି ରୂପ ଦେଇ ଗଠନ କରିବାର କ୍ଷମତା । ତା' ଭିତରୁ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ କିଛିକୁ, ସମ୍ପୂର୍ଣ୍ଣ ଠିକ୍ ଓ ସଂଗଠିତ କିଛିକୁ ରୂପ ଦେବାର କ୍ଷମତା । ଏବଂ ଏହାହିଁ ହେଉଛି କର୍ମର ଉପଯୋଗିତା : ତୁମ ମସ୍ତିଷ୍କର କ୍ଷମତାକୁ ସଂଗଠିତ କରିବା । କିନ୍ତୁ ତୁମେ ଯଦି ତୁମର ଆଳସ୍ୟ ଭିତରେ ମଜ୍ଜି ରୁହ, ସେହିସବୁ ମେଘୁଆ ଓ ଧୂଆଁଳିଆ କିଛି ଭିତରେ ରୁହ, ତା'ହେଲେ ବର୍ଷ ବର୍ଷ ଧରି ଚେଷ୍ଟା କଲେ ମଧ୍ୟ ତା'ର କିଛି ଫଳ ହେବ ନାହିଁ, ତୁମେ କୌଣସି କର୍ମ ଭିତରେ ପ୍ରବେଶ କଲାବେଳେ ତୁମର ଯେତିକି ବୁଦ୍ଧି ଥିଲା, ତା' ଅପେକ୍ଷା ତହିଁରୁ ଅଧିକ ବୁଦ୍ଧିମାନ୍ ହୋଇ ବାହାରିବ ନାହିଁ । କିନ୍ତୁ ତୁମେ ଯଦି ସମର୍ଥ ହୋଇଥାଅ, ଏପରିକି ଅଧଘଣ୍ଟା ପାଇଁ, ତୁମର ବିଶେଷ ଆଗ୍ରହ ନଥିବା କୌଣସି ବିଷୟରେ ଏକାଗ୍ର ହୁଅ, ଉଦାହରଣ ସ୍ୱରୂପ ବ୍ୟାକରଣର ଏକ ନିୟମ ଉପରେ (ବ୍ୟାକରଣର ନିୟମଗୁଡ଼ିକ ଖୁବ୍ ନୀରସ ଲାଗେ, କିନ୍ତୁ ତା' ଅପେକ୍ଷା ଅଧିକ ଶୁଷ୍କ ଓ ନୀରସ ଜିନିଷ ମଧ୍ୟ ଅଛି), ତୁମେ ଯଦି ତହିଁରୁ ଗୋଟିଏ ନିୟମ ନେଇ ତାହାକୁ ବୁଝିବାକୁ ଚେଷ୍ଟା କର – ଘୋଷି, ମୁଖସ୍ଥ କରି ତାହାକୁ ଯାନ୍ତ୍ରିକ ଭାବରେ ପ୍ରୟୋଗ କରିବା ନୁହେଁ, ସେଥିରେ କିଛି ଲାଭ ନାହିଁ କିନ୍ତୁ ସେହି ଶବ୍ଦଗୁଡ଼ିକ ପଛରେ କ'ଣ ରହିଛି ତାହା ବୁଝିବାକୁ ଚେଷ୍ଟା କରିବା : ''ଏହି ନିୟମଟି କାହିଁକି ଏହିପରି ଭାବରେ ଗଠିତ ହୋଇଛି ?'' ଏବଂ ସେଥିପାଇଁ ତୁମର ନିଜର ଏକ ସୂତ୍ର ବାହାର କରିବା, ତାହା ଖୁବ୍ ଆଗ୍ରହଜନକ ହେବ, ''ଯେଉଁ ଭଦ୍ରବ୍ୟକ୍ତି ଜଣକ ଏହି ନିୟମଟି ଲେଖିଛନ୍ତି ତାହା କାହିଁକି ଏହି ରୀତିରେ ଲେଖିଛନ୍ତି ? ମୁଁ ତାହା ଅଧ୍ୟୟନ କରୁଛି ଓ ବୁଝିବାକୁ ଚେଷ୍ଟା କରୁଛି କାହିଁକି ସେ ଏହି ଶବ୍ଦଟିକୁ ସେହି ଶବ୍ଦଟିର ପରେ ରଖିଲେ ଓ ସେହି ଶବ୍ଦଟିକୁ ଅନ୍ୟ ଶବ୍ଦଟିର ପରେ ରଖିଲେ, ଏବଂ ନିୟମଟିକୁ ଏହିପରି ଭାବରେ ରଖିଲେ କାହିଁକି ? କାରଣ, ସେ ଭାବିଲେ ଜିନିଷଟିକୁ ବ୍ୟକ୍ତ କରିବାକୁ ଏହାହିଁ ସବୁଠୁ ନିର୍ଭୁଲ, ପୂର୍ଣ୍ଣ ଓ ସ୍ପଷ୍ଟ ରୀତି ।'' ଏହିପରି ଭାବରେହିଁ ତୁମକୁ ତାହା ଆବିଷ୍କାର କରିବାକୁ ହେବ, ଏବଂ ଯେତେବେଳେ ତୁମେ ତାହା ଆବିଷ୍କାର କରିବ, ତୁମେ ହଠାତ୍ ଖୁସି ହୋଇ କହିବ, ''ଓଃ ଏହାର ଅର୍ଥ ଏହିପରି ! ଏହିଭାବରେହିଁ ଏହାକୁ ଦେଖିବା ଉଚିତ, ତା'ହେଲେ ବିଷୟଟି ପୂରା ପରିଷ୍କାର ହୋଇଯାଉଛି ।''

ମୁଁ ତୁମକୁ ଏହା ବୁଝାଇବାକୁ ଚାହୁଁଛି ଯେ : ଯେତେବେଳେ ତୁମେ ଜିନିଷଟିକୁ ବୁଝିପାର, ସେତେବେଳେ ଏହା ତୁମ ଭିତରେ ଏକ ସ୍ଫଟିକ ପରି କିଛିର, ଏକ ଛୋଟ ଉଜ୍ଜ୍ୱଳ ଚକ୍ ଚକ୍ ବିନ୍ଦୁ ପରି କିଛିକୁ ଗଠନ କରେ । ଏବଂ ଯଦି ଏହିପରି ବହୁ, ବହୁ ସଂଖ୍ୟାରେ ଏଗୁଡ଼ିକୁ ନିଜ ଭିତରେ ଗଠନ କର ତା'ହେଲେ ତୁମେ ଏକ ବୁଦ୍ଧିମାନ୍ ବ୍ୟକ୍ତି ହେବାକୁ ଆରମ୍ଭ କରିବ । ଏହାହିଁ ହେଉଛି କର୍ମର ଉପଯୋଗିତା, ଖାଲି ଗୁଡ଼ାଏ ଗଦା ଗଦା ଜିନିଷକୁ ମୁଣ୍ଡ ଭିତରେ ଭର୍ତ୍ତି କରିବା ନୁହେଁ, ତାହା ତୁମକୁ କୌଣସି ଦିଗରେ ଆଗେଇ ନେବ ନାହିଁ ।

(M.C.W. Vol. 5, pp.124 - 127)

# ସଚେତ ଯଜ୍ଞ

## ଶ୍ରୀଅରବିନ୍ଦ

ସଂକ୍ଷେପରେ କହିଲେ ଆମ ଉପରେ ଏହି ଦାବି ରଖାଯାଇଛି ଯେ ଆମେ ଯେପରି ଆମର ସମଗ୍ର ଜୀବନକୁ ଏକ ସଚେତ ଯଜ୍ଞରେ ପରିଣତ କରୁ । ଆମ ସତ୍ତାର ପ୍ରତ୍ୟେକଟି ମୁହୂର୍ତ୍ତ, ପ୍ରତ୍ୟେକଟି ଗତିବୃତ୍ତି ଯେପରି ହୋଇଉଠେ ପରମ ଶାଶ୍ୱତଙ୍କ ପାଖରେ ଏକ ଭକ୍ତିପୂର୍ଣ୍ଣ ଆତ୍ମ-ନିବେଦନ । ଆମର ସମସ୍ତ କର୍ମ ତାହା ଯେତେ କ୍ଷୁଦ୍ର, ଯେତେ ସାଧାରଣ ଓ ଯେତେ ନଗଣ୍ୟ ହେଉ ବା ତାହା ଯେତେ ବିରାଟ, ଯେତେ ଅସାଧାରଣ ଓ ଯେତେ ମହତ୍ ହେଉ, ସମସ୍ତ କର୍ମକୁ ଏକ ଉତ୍ସର୍ଗୀକୃତ କର୍ମ ରୂପେ କରିବାକୁ ପଡ଼ିବ । ଆମର ବ୍ୟଷ୍ଟିଗତ ପ୍ରକୃତିକୁ ଆନ୍ତର ଓ ବାହ୍ୟ ଗତିବୃତ୍ତିର ଗୋଟିଏ ଏକକ ଚେତନାରେ ବାସ କରିବାକୁ ହେବ, ତାହାକୁ ଏପରି ଦିବ୍ୟ କିଛି ପାଖରେ ଉତ୍ସର୍ଗୀକୃତ କରିବାକୁ ହେବ, ଯାହାକି ଆମକୁ ଅତିକ୍ରମ କରିଥାଏ ଓ ଆମର ଅହଂଠାରୁ ଅନେକ ବିରାଟ ହୋଇଥାଏ । ନୈବେଦ୍ୟଟି କ'ଣ ଏବଂ କାହାକୁ ଅର୍ପିତ ହେଉଛି ତହିଁରେ କିଛି ଯାଏ ଆସେ ନାହିଁ, କିନ୍ତୁ ସେହି କର୍ମଟିରେ ଏପରି ଏକ ଚେତନା ରହିବା ଆବଶ୍ୟକ ଯେ ଆମେ ତାହାକୁ ଅର୍ପଣ କରୁଛୁ ସକଳ ସତ୍ତା ଭିତରେ ବିଦ୍ୟମାନ ସେହି ଏକ ଦିବ୍ୟସତ୍ତାଙ୍କୁ । ଆମର ସବୁଠୁ ସାଧାରଣ ବା ସବୁଠୁ ସ୍ଥୂଳ ଭୌତିକ କର୍ମ ମଧ୍ୟ ଯେପରି ଏହି ଧରଣର ଉତ୍କର୍ଷଭାବ ସହ ସମ୍ପନ୍ନ ହୁଏ । ଆମେ ଯେତେବେଳେ ଆହାର କରୁ ସେତେବେଳେ ଆମେ ସଚେତ ହେବା ଉଚିତ ଯେ ଆମେ ସେହି ଖାଦ୍ୟକୁ ଆମ ଭିତରେ ରହିଥିବା ସେହି ଦିବ୍ୟ ଉପସ୍ଥିତିଙ୍କୁ ଅର୍ପଣ କରୁଛୁ; ଗୋଟିଏ ମନ୍ଦିର ଭିତରେ ଏହା ଏକ ପବିତ୍ର ନୈବେଦ୍ୟ ହୋଇ ଉଠିବା ଉଚିତ ଓ ଏହା ଏକ ଦୈହିକ ପ୍ରୟୋଜନ ମାତ୍ର ବା ଆତ୍ମତୃପ୍ତି ଲାଭର ଏକ ଉପକରଣ ମାତ୍ର – ଏଇ ଧରଣର ସମସ୍ତ ଭାବ ଆମ ଭିତରୁ ଚାଲିଯିବା ଉଚିତ । ଯେକୌଣସି ମହତ୍ତର ଶ୍ରମ, ଯେକୌଣସି ଉଚ୍ଚତର ସାଧନା, ଯେକୌଣସି କଷ୍ଟସାଧ୍ୟ ବା ମହତ୍ କର୍ମାନୁଷ୍ଠାନ, ତାହା ଆମ ପାଇଁ କିଂବା ଅନ୍ୟ ପାଇଁ ବା ଜାତି ପାଇଁ କରାଯାଉ ନା କାହିଁକି, ଦେଖିବାକୁ ହେବ ଯେପରି 'ଜାତି ପାଇଁ, ଆମ ପାଇଁ ବା ଅନ୍ୟମାନଙ୍କ ପାଇଁ'– ଏହି ଧାରଣା ଭିତରେ ଅଟକି ଯିବା ଆମ ପାଇଁ ଆଉ ସମ୍ଭବ ହେଉ ନାହିଁ । ଆମେ ଯାହାକିଛି କରୁ ତାହାକୁ ଏକ କର୍ମଯଜ୍ଞ ରୂପେ ଉତ୍ସର୍ଗ କରିବାକୁ ହେବ; ସେହି ଉତ୍ସର୍ଗ ଆମ ନିଜ ଉଦ୍ଦେଶ୍ୟରେ ବା ଜାତି ଉଦ୍ଦେଶ୍ୟରେ ବା ଅନ୍ୟ ଉଦ୍ଦେଶ୍ୟରେ ନୁହେଁ, ତାହା ହେବ ଏହିଗୁଡ଼ିକର ମାଧ୍ୟମରେ ବା ସିଧାସଳଖ ସେହି ଏକ ଦିବ୍ୟ ଭଗବତ୍ ପୁରୁଷଙ୍କ ଉଦ୍ଦେଶ୍ୟରେ ଯେ କି ଏହିସବୁର ଭିତରେ ଗୋପନରେ ଲୁକ୍କାୟିତ ହୋଇ ରହିଛନ୍ତି । ଆମର ଲକ୍ଷ୍ୟ ହେବ ସେ ଯେପରି ଆଉ ଲୁକ୍କାୟିତ ହୋଇ ନ ରହି ଆମ ଆତ୍ମା, ଆମ ମନ ଓ ଆମର ବୋଧ ପାଖରେ ନିଜର ଦିବ୍ୟ ଉପସ୍ଥିତି ନେଇ ସଦା ପ୍ରକଟିତ ହୁଅନ୍ତି । ଆମ କର୍ମର ସମସ୍ତ କ୍ରିୟା ଓ ପରିଣତିକୁ ସେହି ପରମ ଏକକଙ୍କ ହାତରେ ସମର୍ପି ଦେବାକୁ ହେବ, ଏହି ଭାବ ନେଇ ଯେ ସେହି ଦିବ୍ୟ-ଉପସ୍ଥିତି ହେଉଛି ଅନନ୍ତ ଏବଂ ସର୍ବୋଚ୍ଚ ପରମଙ୍କ ଉପସ୍ଥିତି ଯାହାଙ୍କ ଦ୍ୱାରାହିଁ ଆମର ସମସ୍ତ ଶ୍ରମ ଓ ଅଭୀପ୍ସା ସମ୍ଭବ ହେଉଛି । କାରଣ ଯାହାକିଛି ଘଟୁଛି ତାହା ତାଙ୍କରି ସତ୍ତା ଭିତରେ ହିଁ ଘଟୁଛି । ଏବଂ ଦିବ୍ୟପ୍ରକୃତି ଆମର ସମସ୍ତ ଶ୍ରମ ଓ ଅଭୀପ୍ସାକୁ ନେଇ ତାଙ୍କରି ଉଦ୍ଦେଶ୍ୟରେ, ତାଙ୍କରି ଯଜ୍ଞବେଦୀରେ ନୈବେଦ୍ୟ ରୂପେ ଅର୍ପଣ କରୁଛି ।

(Bulletin, Feb. 1999, p. 55)

# ଯଥାର୍ଥ ସ୍ୱାଧୀନତା

**ଶ୍ରୀମା**

ମୁଁ ତୁମକୁ କହେ 'ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ହୁଅ'; କିନ୍ତୁ ତୁମେ ଏ ଶବ୍ଦଗୁଡ଼ିକର ପ୍ରକୃତ ଅର୍ଥ ବୁଝିବା ଆବଶ୍ୟକ । ଅନେକ ସମୟରେ ସ୍ୱାଧୀନତାକୁ ଲୋକମାନେ ଯଥେଚ୍ଛାଚାର ବୋଲି ଭୁଲ୍ କରନ୍ତି । ସାଧାରଣ ମନ ପାଇଁ ସ୍ୱାଧୀନ ହେବାର ଅର୍ଥ ହେଉଛି ସମସ୍ତ ଭୁଲ୍ କାର୍ଯ୍ୟକୁ ଅବାଧରେ କରି ପାରିବାର ସୁଯୋଗ । ଏହା ସ୍ପଷ୍ଟ ଯେ ଆମେ ସେହି ଧରଣର ସ୍ୱାଧୀନତା କଥା କହୁ ନାହୁଁ । ମୁଁ ଯେତେବେଳେ କହେ 'ସ୍ୱାଧୀନ ହୁଅ', ମୁଁ ଯଥାର୍ଥ ସ୍ୱାଧୀନତା କଥା କହେ, ଯାହାର ଅର୍ଥ ହେଉଛି ସମସ୍ତ ଆସକ୍ତିରୁ ମୁକ୍ତି ।

ସେଠାରେ ପହଞ୍ଚିପାରିବା କିନ୍ତୁ ସହଜ ନୁହେଁ । ଉଦାହରଣସ୍ୱରୂପ ତୁମେ ନିଜକୁ ପଚାର ସମସ୍ତ ନିନ୍ଦା ଓ ପ୍ରଶଂସାର କେତେ ଊର୍ଦ୍ଧ୍ୱରେ ତୁମେ ରହିଛ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ, ତୁମେ ଅନ୍ୟମାନଙ୍କଠାରୁ ନିଜକୁ ଏତେ ଉପରେ ବୋଲି ଭାବିବ ଯେ ସେମାନଙ୍କର ମତାମତକୁ ଅବହେଳାର ଦୃଷ୍ଟିରେ ଦେଖିବ, ନା, ତା' ନୁହେଁ; କିନ୍ତୁ ବର୍ତ୍ତମାନ ତୁମ ନିଜର ଅଜ୍ଞାନତା ସମେତ ଚାରିଆଡ଼େ ଯେଉଁ ଅଜ୍ଞାନତା ପୂରି ରହିଛି ତାହାକୁ ବିଚାରକୁ ନେଇ ତୁମର ଜାଣିରଖିବା ଉଚିତ ଯେ ଅନ୍ୟ ଜଣକୁ ଠିକ୍ ଭାବରେ ବିଚାର କରିବାର ସାମର୍ଥ୍ୟ କାହାର ନାହିଁ । ତୁମ ଭିତରେ ବା ତୁମ ଗୁରୁଙ୍କ ଭିତରେ ଥିବା ଦିବ୍ୟ-ଚେତନାହିଁ ତୁମର ଏକମାତ୍ର ପଥପ୍ରଦର୍ଶକ ।

ଯଥାର୍ଥରେ ସ୍ୱାଧୀନ ହେବାର ଏକମାତ୍ର ବାଟ ହେଉଛି ଭଗବାନଙ୍କ ନିକଟରେ ତୁମର ସମର୍ପଣକୁ ଆହୁରି ସାମଗ୍ରିକ ଓ ସର୍ତ୍ତ ବିହୀନ କରିବା । ତା'ହେଲେ ଦେଖିବ ତୁମକୁ ଯାହା ବାନ୍ଧି ରଖିଛି, ଆବଦ୍ଧ ଓ ଶୃଙ୍ଖଳିତ କରିଛି ସେସବୁର ଗୁରୁତ୍ୱ କୁଆଡ଼େ ଉଭେଇ ଯାଇଛି ଓ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମଠାରୁ ସେଗୁଡ଼ିକ ଖସି ପଡ଼ିଛି ।

ତା' ବୋଲି ଏହାର ଅର୍ଥ ନୁହେଁ ଯେ ଅନ୍ୟମାନଙ୍କ ଜରିଆରେ ତୁମ ନିକଟକୁ ଯାହା ବି ଆସୁ ସେଥିରୁ କିଛି ଶିଖିବାର ନାହିଁ, ବରଂ ଅନ୍ୟ ପକ୍ଷରେ ଜଣେ ଶିଶୁ ମଧ୍ୟ ତୁମକୁ ଅନେକ ଶିକ୍ଷା ଦେଇପାରେ । ଏହାର ଅର୍ଥ ନୁହେଁ ଯେ ଶିଶୁଟିର ଅଜ୍ଞାନତା ତୁମଠାରୁ କମ୍, କିନ୍ତୁ ସେ ତୁମର ପ୍ରତିକୃତିକୁ ଦେଖାଉଥିବା ଏକ ଦର୍ପଣ ପରି କାର୍ଯ୍ୟ କରିପାରେ ଏବଂ ତୁମ ସ୍ୱଭାବର ଏପରି କିଛିକୁ ପ୍ରତିବିମ୍ବିତ କରିପାରେ, ଯାହା ସମ୍ପର୍କରେ ତୁମେ ସଚେତ ନଥିଲ । ତେଣୁ ତୁମେ ଏଥିରୁ ଏକ ମହତ୍ ଉପକାର ପାଇପାର, ଅବଶ୍ୟ ଏଥିପାଇଁ ତୁମେ ଅବାଞ୍ଛିତ ପ୍ରତିକ୍ରିୟା ବିନା କିପରି ଶିକ୍ଷା ଗ୍ରହଣ କରିବାକୁ ହୁଏ ତାହା ଜାଣିଥିବା ଉଚିତ ।

ତୁମର ଏପରି ଅଭିଜ୍ଞତା ହେବା ଉଚିତ ଯେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ଅନ୍ୟଠାରୁ କିଛି ଶିଖିପାର । ତଥାପି ସେମାନଙ୍କ ମତାମତ ଦ୍ୱାରା ବାନ୍ଧି ହେଲା ପରି ଅନୁଭବ ନକରି ସବୁବେଳେ ମନେ ରଖିବ ଯେ ଗୋଟିଏ ମାତ୍ର ପରମ ସତ୍ୟ ରହିଛି ଯେ କି ସବୁ ଜାଣିପାରେ ଓ ବିଚାର କରିପାରେ । ତା' ହେଲେ ହିଁ ତୁମେ ମୁକ୍ତ ।

ମୁଁ ତୁମଠାରୁ ଏହି ସ୍ୱାଧୀନତା ଚାହୁଁଛି, ତୁମେ ଯେପରି ସମସ୍ତ ଆସକ୍ତିରୁ, ସମସ୍ତ ଅଜ୍ଞାନତାରୁ, ସମସ୍ତ ପ୍ରତିକ୍ରିୟାରୁ ମୁକ୍ତ ରୁହ — ଭଗବାନଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ବ୍ୟତୀତ ଅନ୍ୟ ସବୁଥିରୁ ମୁକ୍ତ ରୁହ, କାରଣ ଏହି ସମର୍ପଣ ସହିତ ହିଁ ପରମ ଆଧ୍ୟାତ୍ମିକ ସ୍ୱାଧୀନତା ଆସେ ।

(ବୁଲେଟିନ୍, ଫେବ୍ରୁଆରୀ, ୧୯୫୮) ❖

# ଅବଚେତନ

## (ଶ୍ରୀଅରବିନ୍ଦଙ୍କ ପତ୍ରାବଳିରୁ)

ଆମ ଯୋଗରେ ଅବଚେତନ କହିଲେ ଆମ ସତ୍ତାର ସେହି ବୁଡ଼ି ରହିଥିବା ପ୍ରଚ୍ଛନ୍ନ ଅଂଶକୁ ବୁଝାଏ ଯେଉଁଥିରେ ଜାଗ୍ରତ୍ ଭାବରେ କୌଣସି ସଚେତ ବା ସଂଲଗ୍ନ ଭାବନା, ଇଚ୍ଛା ବା ଆବେଗ ବା ସଂଗଠିତ ପ୍ରତିକ୍ରିୟା ନଥାଏ । କିନ୍ତୁ ତଥାପି ଏହି ଅବଚେତନ ଅଜ୍ଞାନ ଓ ଅସ୍ପଷ୍ଟ ଭାବରେ ସବୁକିଛିର ଛାପ ଗ୍ରହଣ କରେ ଓ ନିଜ ଭିତରେ ସେଗୁଡ଼ିକୁ ଜମାଇ ରଖେ । ଏହି ଅବଚେତନରୁ ମଧ୍ୟ ଉଦ୍ରେକ ହୋଇଥାଏ ଲାଗି ରହିଥିବା ନାନା ଅଭ୍ୟାସଗତ ଗତିବୃତ୍ତିର ପ୍ରେରଣାସବୁ, ଯେଉଁଗୁଡ଼ିକ କି ଅତି ସ୍ଥୂଳ ଭାବରେ ବାରଂବାର ପୁନରାବୃତ୍ତି ହୋଇ ଚାଲିଥାଆନ୍ତି ବା ନାନା କିମ୍ଭୂତକିମାକାର ଛଦ୍ମବେଶ ନେଇ ସ୍ୱପ୍ନ ବା ଜାଗ୍ରତ୍ ଅବସ୍ଥା ଭିତରକୁ ପ୍ରବେଶ କରିଥାଆନ୍ତି । କାରଣ, ଯଦି ଏହି ଅବଚେତନର ଛାପଗୁଡ଼ିକ ଏକ ଅସଂଲଗ୍ନ ଓ ଅସଂଗଠିତ ରୂପ ନେଇ ସ୍ୱପ୍ନ ଆକାରରେ ଉପରକୁ ଉଠି ଆସିପାରନ୍ତି ତେବେ ସେଗୁଡ଼ିକ ମଧ୍ୟ ଆମ ଜାଗ୍ରତ୍ ଚେତନା ଭିତରକୁ ଉଠି ଆସି ପାରନ୍ତି ଓ ଉଠି ଆସି ଥାଆନ୍ତି ମଧ୍ୟ । ସେତେବେଳେ ସେଗୁଡ଼ିକ ପୁରୁଣା ଚିନ୍ତା, ପୁରୁଣା ମାନସିକ, ପ୍ରାଣିକ ଓ ଦୈହିକ ନାନା ଅଭ୍ୟାସର ପୁନରାବୃତ୍ତି ବା ନାନା ଇନ୍ଦ୍ରିୟାନୁଭୂତି, କର୍ମ ଓ ଆବେଗ ଦିଗରେ ଏକ ଅନ୍ଧ, ଅଜ୍ଞାନମୟ ପ୍ରେରଣାର ରୂପ ବା ଆକାର ନେଇ ଉଠି ଆସନ୍ତି ।

ଏହି ଅସ୍ପଷ୍ଟ, ଅଜ୍ଞାନମୟ ପ୍ରେରଣାଗୁଡ଼ିକ ଆମ ସଚେତ ଭାବନା ବା ସଂକଳ୍ପ ଭିତରୁ ଆସି ନଥା'ନ୍ତି ଏବଂ ଏପରିକି ଅନେକ ସମୟରେ ଆମର ସତ୍ତା ଯାହା ଠିକ୍ ବୋଲି ଜାଣେ, ବିଚାର କରେ ଓ ଯାହାକୁ ଅନୁସରଣ କରିବା ପାଇଁ ସ୍ଥିର କରେ ଏଗୁଡ଼ିକ ତା'ର ବିରୋଧ କରିଥାଆନ୍ତି । ଅବଚେତନାରେହିଁ ରହିଥାଏ ଏକ ଅଜ୍ଞାନମୟ ମନ ଯାହା ଆମର ଅତୀତ ଦ୍ୱାରା ଗଠିତ ନାନା ଜିଦ୍‌ଖୋର ସଂସ୍କାର, ଛାପ, ଯୋଗାଯୋଗ, ଧରାବନ୍ଧା ଧାରଣା, ଅଭ୍ୟାସଗତ ପ୍ରତିକ୍ରିୟା ଆଦିରେ ଭରପୂର; ଆଉ ମଧ୍ୟ ରହିଥାଏ ଏକ ଅଜ୍ଞାନମୟ ପ୍ରାଣ ଯାହାକି ଅଭ୍ୟାସଗତ ନାନା କାମନା-ବାସନା, ଇନ୍ଦ୍ରିୟାବେଗ ଓ ସ୍ନାୟବିକ କ୍ରିୟା, ପ୍ରତିକ୍ରିୟାର ବୀଜଗୁଡ଼ିକରେ ଭରପୂର ଓ ତହିଁ ସଙ୍ଗରେ ମଧ୍ୟ ରହିଥାଏ ସେହି ସବୁଠୁ ଅଜ୍ଞାନମୟ ଜଡ଼-ଭୌତିକ ଅଂଶ ଯାହା ଆମ ଶରୀରର ଅବସ୍ଥା ସମ୍ବନ୍ଧୀୟ ନାନା ବିଷୟର ନିରୂପଣ କରେ । ଏହାହିଁ ଆମ ଶରୀରର ରୋଗବ୍ୟାଧି ନିମନ୍ତେ ବିଶେଷ ଭାବରେ ଦାୟୀ । ଏହି ଅବଚେତନା ଯୋଗୁଁହିଁ ଆମକୁ ନାନା ଦୁରାରୋଗ୍ୟ ବ୍ୟାଧି ଭୋଗିବାକୁ ପଡ଼େ, କାରଣ ଶରୀର ଚେତନା ଉପରେ କୌଣସି ବ୍ୟାଧିର ଆକ୍ରମଣ ଯେତେବେଳେ କିଛି ଛାପ ରଖିଯାଏ, ସେତେବେଳେ ଅବଚେତନା ନିଜର ଜିଦ୍‌ଖୋର ସ୍ମୃତି ଓ ପୁନରାବୃତ୍ତିର ଅଭ୍ୟାସ ଯୋଗୁଁ, ସେହି ରୋଗକୁ ବାରଂବାର ମନେ ପକାଏ ଓ ଆମ ଶରୀରକୁ ମଧ୍ୟ କ୍ରମାଗତ ଭାବେ ବାରଂବାର ସେହି ରୋଗ ଭୋଗ କରିବାକୁ ପଡ଼େ ।

କିନ୍ତୁ ଏହି ଅବଚେତନା(Subconscient)କୁ ଆମ ସତ୍ତାର ଅନ୍ୟାନ୍ୟ ନିମଗ୍ନ ଚେତନା(Subliminal)ର ଅଂଶଠାରୁ ସ୍ପଷ୍ଟ ରୂପେ ପୃଥକ୍ କରି ଦେଖିବା ଉଚିତ, ଯେପରି ଆନ୍ତର ବା ସୂକ୍ଷ୍ମ ଦୈହିକ ଚେତନା, ଆନ୍ତର ପ୍ରାଣିକ ବା ଆନ୍ତର ମାନସିକ ଚେତନା – କାରଣ ଏଗୁଡ଼ିକ ଆଦୌ ଅଜ୍ଞାନମୟ ବା ଅସଂଲଗ୍ନ ବା ଅସଂଗଠିତ ଚେତନା ନୁହନ୍ତି, ଏଗୁଡ଼ିକ କେବଳ ଆମର ବାହ୍ୟ, ସମ୍ମୁଖଭାଗର ଚେତନାଠାରୁ ପରଦାବୃତ ହୋଇ ଅନ୍ତରାଳରେ ଅଛନ୍ତି । ଆମର ସମ୍ମୁଖଭାଗ ଚେତନା ଏହି ନିମଗ୍ନ ଚେତନାଠାରୁ ଆନ୍ତର ସ୍ପର୍ଶ, ଆନ୍ତର ସଂଯୋଗ ବା ପ୍ରଭାବ ଆକାରରେ ବରାବର କିଛି ନା କିଛି ଗ୍ରହଣ କରୁଥାଏ କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହା ଜାଣି ନଥାଏ ସେଗୁଡ଼ିକ କେତେବେଳେ କିପରି ଭାବରେ ଆସୁଛି ।

ନିଦ୍ରା ସମୟରେ ନିଜ ସଂକଳ୍ପକୁ କାର୍ଯ୍ୟକାରୀ କରିବାର ବାଟଟି ହେଉଛି, ନିଦ୍ରା ଯିବା ପୂର୍ବରୁ ଜାଗ୍ରତ୍ ମନର ସଂକଳ୍ପ ସହ ଅବଚେତନକୁ ଏପରି ପରିଚିତ ଓ ଅଭ୍ୟସ୍ତ କରାଇବା, ଯେପରିକି ତାହା ଏହି ସଂକଳ୍ପଟିକୁ ନିଦ୍ରା ସମୟରେ ବି ମାନି ଚଳିବ । ଉଦାହରଣ ସ୍ୱରୂପ ଅନେକ ସମୟରେ ଏପରି ଘଟିଥାଏ ଯେ ତୁମେ ଯଦି ଅବଚେତନ ଉପରେ ଏକ ସଂକଳ୍ପ ରଖିଦିଅ ଯେ ସକାଳେ ଏତେଟା ବେଳକୁ ନିଦରୁ ଉଠିବ ବୋଲି ତେବେ ଅବଚେତନ ତାହା ମାନିବ ଏବଂ ଠିକ୍ ସେତିକି ବେଳକୁ ତୁମ ନିଦ ଭାଙ୍ଗିଯିବ । ଅନ୍ୟାନ୍ୟ ବିଷୟର କ୍ଷେତ୍ରରେ ମଧ୍ୟ ଏହି ପଦ୍ଧତିଟିକୁ ପ୍ରସାରିତ କରାଯାଇପାରେ । ଅନେକେ ଶୋଇବା

ପୂର୍ବରୁ କାମଭାବ ସମ୍ପନ୍ନ ସ୍ୱପ୍ନ ନ ଦେଖିବାକୁ ଓ କୌଣସି ସ୍ଖଳନ ଆଦି ନ ହେବାକୁ ଅବଚେତନ ଉପରେ ଏକ ସଂକଳ୍ପ ରଖି ଦିଅନ୍ତି । କିଛିଦିନର ଅଭ୍ୟାସ ପରେ (ପ୍ରଥମରୁ ସାଫଲ୍ୟ ନ ମିଳିଲେ ମଧ୍ୟ) ଏପରି ହୁଏ ଯେ ଯୌନାବେଗସମ୍ପନ୍ନ ସ୍ୱପ୍ନ ଦେଖିବା ପୂର୍ବରୁ ଆପେ ଆପେ ନିଦ ଭାଙ୍ଗିଯାଏ ଓ ସ୍ୱପ୍ନରେ ସ୍ଖଳନ ଆଦି ଘଟେ ନାହିଁ । ଜଣେ ମଧ୍ୟ ଏକ ସଚେତ ନିଦ୍ରାର ବିକାଶ ଘଟାଇପାରେ, ଯେଉଁଥିରେ ଏକ ପ୍ରକାର ଅନ୍ତଶ୍ଚେତନା ସଜାଗ ରୁହେ ଏବଂ ସ୍ୱପ୍ନରେ କିଛି ଅଘଟଣ ଘଟିବା ପୂର୍ବରୁ ତାହା ହସ୍ତକ୍ଷେପ କରେ ।

(Bulletin, Aug. 1968, p. 18) ✤

## ପ୍ରକୃତିର ଦୋଷ ଦୁର୍ବଳତା ଓ ଦିବ୍ୟଶକ୍ତି ଆଡ଼କୁ ଉନ୍ମୀଳନ :

*ପ୍ରଶ୍ନ : ମା, ଗତଥର ଆମେ ପଢ଼ିଥିଲେ ଯେ, ''ତୁମ ପ୍ରକୃତିରେ କେତେ କ'ଣ ଦୋଷ ଦୁର୍ବଳତା ଅଛି ସେଇଟା ବଡ଼ କଥା ନୁହେଁ । ଯେଉଁ ଗୋଟିଏ କଥା ଗୁରୁତ୍ୱପୂର୍ଣ୍ଣ ତା' ହେଉଛି ଦିବ୍ୟଶକ୍ତି ପ୍ରତି ନିଜକୁ ଖୋଲି ଧରିବା ।'' ମା, ଯେତେବେଳ ଯାଏ ଜଣକ ଭିତରେ ଦୋଷତ୍ରୁଟି ରହିଥାଏ ସେ ନିଜକୁ ଦିବ୍ୟଶକ୍ତି ପ୍ରତି ଖୋଲି ଧରିବ କିପରି ?*

**ଶ୍ରୀମା :** ମୁଁ ମନେକରେ ଯେ ପ୍ରତ୍ୟେକ ଲୋକରହିଁ ଦୋଷ ଦୁର୍ବଳତା ରହିଛି । ତେଣୁ ଯଦି ଏପରି ହୋଇଥା'ନ୍ତା ଯେ ଯେଉଁମାନଙ୍କର ଆଦୌ କୌଣସି ଦୋଷତ୍ରୁଟି ନାହିଁ ସେହିମାନେ କେବଳ ଭଗବାନଙ୍କ ଆଡ଼କୁ ନିଜକୁ ଖୋଲି ଧରି ପାରିବେ ତା' ହେଲେ କେହି ମଧ୍ୟ ନିଜକୁ ଖୋଲି ଧରି ପାରନ୍ତେ ନାହିଁ । ଆରମ୍ଭରେ ସମସ୍ତଙ୍କର ନାନା ଦୋଷତ୍ରୁଟି ଥାଏ । କୌଣସି ଲୋକ ଗୋଟିଏ ଅବିଭାଜ୍ୟ ଏକକ ଖଣ୍ଡ ଆକାରରେ ଗଠିତ ହୋଇ ନାହିଁ । ଏହାହିଁ ହେଉଛି ମୁଖ୍ୟ କାରଣ । ଆମ ସତ୍ତାର ବହୁ ଭିନ୍ନ ଭିନ୍ନ ଅଂଶ ରହିଛି, ଯେଉଁଗୁଡ଼ିକ କି ଅନେକ ସମୟରେ ପରସ୍ପରଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ପାଖାପାଖି ପାଲି କରି, ଏପରିକି ପୂରା ନିୟମିତ କ୍ରମରେ ସେଗୁଡ଼ିକ ଆମ ଚେତନା ଉପରେ ପ୍ରଭାବ ବିସ୍ତାର କରନ୍ତି । ତେଣୁ ଯେତେବେଳେ ଆମ ସତ୍ତାର ଏକ ଅଂଶ ବେଶ୍ ସଦିଚ୍ଛାସମ୍ପନ୍ନ ହୋଇଥାଏ ଏବଂ ଦିବ୍ୟଶକ୍ତି କ'ଣ ସେ ସମ୍ପର୍କରେ ତା'ର କିଛି ଧରଣର ପ୍ରତ୍ୟକ୍ଷ ରହିଥାଏ ସେହି ଅଂଶଟିହିଁ ଆମ ସତ୍ତାକୁ ସେହି ଶକ୍ତି ପ୍ରତି ଖୋଲିଦିଏ ଓ ସେହି ଶକ୍ତି ସହ ସଂଯୋଗ ସ୍ଥାପନ କରେ । କିନ୍ତୁ ଏହି ଅଂଶଟି ସବୁବେଳେ ସତ୍ତାର ସମ୍ମୁଖ ଭାଗରେ ରହି ନଥାଏ । ଅନ୍ୟାନ୍ୟ ଅଂଶଗୁଡ଼ିକ ସତ୍ତାର ସମ୍ମୁଖ ଭାଗକୁ ଆସି ଯାଆନ୍ତି ଯେଉଁଗୁଡ଼ିକ ଭିତରେ ନାନାପ୍ରକାର ଦୋଷତ୍ରୁଟି, ମନ୍ଦ ଅଭ୍ୟାସ ଆଦି ରହିଥାଏ ଏବଂ ସେଗୁଡ଼ିକ ଚେତନା ଉପରେ ନାନା ପରଦା ପକାଇ ତାହାକୁ ପୂରା ଆବୃତ କରିଦେଇ ପାରନ୍ତି । କିନ୍ତୁ ଯଦି ଆମେ ସତ୍ତାର ସେଇ ଅଂଶଟି କଥା ସ୍ମରଣ ରଖିଥିବୁ ଯେ ତାହା ନିଜକୁ ଦିବ୍ୟଶକ୍ତି ପ୍ରତି ଖୋଲି ଦେଇଥିଲା, ତା'ହେଲେ ସେହି ଉନ୍ମୀଳନଟିକୁ ଆମେ ଧରି ରଖିପାରିବୁ ଯଦିଓ ସେତେବେଳେ ବାହ୍ୟ ଭାବରେ ସକ୍ରିୟ ଓ ସମ୍ମୁଖ ଭାଗରେ ଥିବା ସତ୍ତାର ଅଂଶଟି ସେ ସମ୍ପର୍କରେ କୌଣସି ବିଶେଷ ଆଗ୍ରହ ପ୍ରକାଶ କରେନା ବା ଏପରିକି ତାହାକୁ ବୁଝିବା ପାଇଁ ମଧ୍ୟ ସମର୍ଥ ହୁଏ ନାହିଁ । କିନ୍ତୁ ଅନ୍ୟ ଅଂଶଟି ନିଜକୁ ସେଇଭଳି ବରାବର ଖୋଲି ରଖି ପାରିବା ପାଇଁ ଓ ଦିବ୍ୟଶକ୍ତିକୁ ଗ୍ରହଣ କରିବା ପାଇଁ ସମର୍ଥ ହୋଇପାରେ । ✤

# ଧମ୍ମପଦ

## (୧୩)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ୱଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ୱଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ୱଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ନବମ ଅଧ୍ୟାୟ

### ପାପବଗ୍‌ଗୋ (ପାପବର୍ଗ)

(୧)

ଅଭିତ୍‌ଥରେଥ କଲ୍ୟାଣେ ପାପା ଚିତ୍ତଂ ନିବାରୟେ ।
ଦନ୍ଧଂ ହି କରୋତୋ ପୁଞ୍ଞଂ ପାପସ୍ମିଂ ରମତେ ମନୋ ॥

(Hasten towards the Good, turn the mind away from Evil; if you do good in sloth, the mind will indulge in evil.)

ଅବିଳମ୍ୱେ ଶୁଭ ଦିଗକୁ ଗତି କର; ଅଶୁଭରୁ ମନକୁ ନିବାରିତ କର ।

ଶୁଭ କାର୍ଯ୍ୟରେ ଆଳସ୍ୟ ପରାୟଣ ହେଲେ, ମନ ଅଶୁଭରେ ଲିପ୍ତ ହେବ ।

(୨)

ପାପଞ୍ଚେ ପୁରିସୋ କୟିରା ନ ତଂ କୟିରା ପୁନପ୍ପୁନଂ ।
ନ ତମ୍ହି ଛନ୍ଦଂ କୟିରାଥ ଦୁକ୍ଖୋ ପାପସ୍ସ ଉଚ୍ଚୟୋ ॥

(If a man does an evil thing, he must not repeat it, he must not indulge it. Painful is the accumulation of evil.)

ବ୍ୟକ୍ତି ଯଦି ଅଶୁଭ କର୍ମ କରେ, ବାରଂବାର ତାହା କରିବା ଅନୁଚିତ; ତହିଁରେ ଆସକ୍ତ ହେବା ଅନୁଚିତ । ଅଶୁଭର ସଞ୍ଚୟ ଦୁଃଖପ୍ରଦ ।

(୩)

ପୁଞ୍ଞଞ୍ଚେ ପୁରିସୋ କୟିରା କୟିରାଥେନଂ ପୁନପ୍ପୁନଂ ।
ତମ୍ହି ଛନ୍ଦଂ କୟିରାଥ ସୁଖୋ ପୁଞ୍ଞସ୍ସ ଉଚ୍ଚୟୋ ॥

(If a man does a good thing, let him repeat it, let him indulge it. Happiness comes of the accumulation of good.)

ବ୍ୟକ୍ତି ଯଦି ଶୁଭ କର୍ମ କରେ, ବାରଂବାର ତାହା କରିବା ଉଚିତ; ତହିଁରେ ଅନୁରାଗ ରଖିବା ଉଚିତ । ଶୁଭର ସଞ୍ଚୟ ସୁଖପ୍ରଦ ।

(୪)

ପାପୋପି ପସ୍ସତି ଭଦ୍ରଂ ୟାବ ପାପଂ ନ ପଚ୍ଚତି ।
ୟଦା ଚ ପଚ୍ଚତି ପାପଂ ଅଥ ପାପୋ ପାପାନି ପସ୍ସତି ॥

(The evil-doer finds it all good, so long as the evil does not ripen. As soon as evil ripens then the evil-doer finds it all evil.)

ଯେତେଦିନ ଅଶୁଭ କର୍ମଫଳ ପ୍ରସବ ନ କରେ, ସେତେଦିନ ପାପାଚାରୀ ସେଥିରେ ମଙ୍ଗଳ ଦେଖୁଥା'ନ୍ତି । ଯେତେବେଳେ ତାହା ଫଳ ପ୍ରସବ କରେ, ସେତେବେଳେ ପାପାଚାରୀ ତାହାର ଅମଙ୍ଗଳ ଦର୍ଶନ କରନ୍ତି ।

(୫)

ଭଦ୍ରୋପି ପସ୍ସତି ପାପଂ ୟାବ ଭଦ୍ରଂ ନ ପଚ୍ଚତି ।
ୟଦା ଚ ପଚ୍ଚତି ଭଦ୍ରଂ ଅଥ ଭଦ୍ରୋ ଭଦ୍ରାଣି ପସ୍ସତି ॥

(The goodly man finds it all evil, so long as the good does not ripen. When the good ripens then the goodly man finds it all good.)

ଯେତେଦିନ ଶୁଭ କର୍ମ ଫଳ ପ୍ରସବ ନ କରେ, ସେତେଦିନ ଶୁଭକର୍ମା ସେଥିରେ ଅଶୁଭ ଦେଖୁଥା'ନ୍ତି । ଯେତେବେଳେ ତାହା ଫଳ ପ୍ରସବ କରେ, ସେତେବେଳେ ଶୁଭକର୍ମା ତାହାର ମଙ୍ଗଳ ଦର୍ଶନ କରନ୍ତି ।

(୬)

ମାବମଞ୍ଞେଥ ପାପସ୍ସ ନ ମନ୍ତଂ ଆଗମିସ୍ସତି ।
ଉଦବିନ୍ଦୁନିପାତେନ ଉଦକୁମ୍ଭୋପି ପୂରତି ।
ପୂରତି ବାଲୋ ପାପସ୍ସ ଥୋକ-ଥୋକମ୍ପି ଆଚିନଂ ॥

(Think not lightly of Evil, saying, "It will not come to me." Water drops falling constantly fill up the jar, even so the ignorant man gathers evil little by little and becomes full of it.)

''ଏହା ମୋତେ ସ୍ପର୍ଶ କରିବ ନାହିଁ'', ଏହିପରି ଭାବି ଅଶୁଭ ପ୍ରତି ଅନବହିତ ହେବ ନାହିଁ । ବିନ୍ଦୁ ବିନ୍ଦୁ ଜଳ ପଡ଼ିବା ଦ୍ୱାରା ଜଳକୁମ୍ଭ ପୂର୍ଣ୍ଣ ହୋଇଥାଏ, ସେହିପରି ଅଜ୍ଞ ଲୋକ ଅଳ୍ପ ଅଳ୍ପ ଅଶୁଭ ଆହରଣ କରିବା ହେତୁ ତହିଁରେ ପୂର୍ଣ୍ଣ ହୋଇଥାଏ ।

(୭)

ମାବମଞ୍ଞେଥ ପୁଞ୍ଞସ୍ସ ନ ମନ୍ତଂ ଆଗମିସ୍ସତି ।
ଉଦବିନ୍ଦୁ ନିପାତେନ ଉଦକୁମ୍ଭୋପି ପୂରତି ।
ପୂରତି ଧୀରୋ ପୁଞ୍ଞସ୍ସ ଥୋକ-ଥୋକମ୍ପି ଆଚିନଂ ॥

(Think not lightly of the good saying "It will not come to me." Water drops falling constantly fill up the jar, even so the wise man gathers the good little by little and is full of it.)

''ଏହା ମୋର ଲଭ୍ୟ ନୁହେଁ'' – ଏହିପରି ଭାବି ଶୁଭକୁ ଅକିଞ୍ଚିତ୍କର ଜ୍ଞାନ କରିବ ନାହିଁ । ବିନ୍ଦୁ ବିନ୍ଦୁ ଜଳ ପଡ଼ିବା ଦ୍ୱାରା ଜଳକୁମ୍ଭ ପୂର୍ଣ୍ଣ ହୋଇଥାଏ । ସେହିପରି ବିଜ୍ଞ ଲୋକ ଅଳ୍ପ ଅଳ୍ପ ଶୁଭ ସଞ୍ଚୟ କରିବା ହେତୁ ତହିଁରେ ପୂର୍ଣ୍ଣ ହୁଅନ୍ତି ।

(୮)

ବାଣିଜୋ'ବ ଭୟଂ ମଗ୍ଗଂ ଅପ୍ପସତ୍ଥୋ ମହଦ୍ଧନୋ ।
ବିସଂ ଜୀବିତୁକାମୋ'ବ ପାପାନି ପରିବଜ୍ଜୟେ ॥

(A merchant who has few companions but a great treasure avoids dangerous roads, even so a man who loves his life should avoid evil.)

ଅଳ୍ପସଂଖ୍ୟକ ସହଗାମୀ ସହିତ ବହୁମୂଲ୍ୟ ଦ୍ରବ୍ୟ ନେଇ ଯାଉଥିବା ବଣିକ ଯେପରି ଭୟସଙ୍କୁଳ ମାର୍ଗ ପରିହାର କରନ୍ତି, ସେହିପରି ଜୀବନ ଯାହାର ପ୍ରିୟ ସେ ଅଶୁଭକୁ ବର୍ଜନ କରିବେ ।

[ବି.ଦ୍ର. ଶ୍ଳୋକ - (୯)ର ଅନୁବାଦ ନାହିଁ ।]

(୧୦)

ୟୋ ଅପ୍ପଦୁଟ୍ଠସ୍ସ ନରସ୍ସ ଦୁସ୍ସତି
ସୁଦ୍ଧସ୍ସ ପୋସସ୍ସ ଅନଙ୍ଗଣସ୍ସ ।
ତମେବ ବାଲଂ ପଚ୍ଚେତି ପାପଂ,
ସୁଖୁମୋ ରଜୋ ପଟିବାତଂ 'ବ ଖିତ୍ତୋ ॥

(If a man offends a person who is harmless, pure and innocent, the evil falls back on him, like fine dust cast against the wind.)

ଯେଉଁ ଲୋକ ନିର୍ଦୋଷ, ଶୁଦ୍ଧ ଏବଂ ନିଷ୍ପାପ ବ୍ୟକ୍ତିର ଅନିଷ୍ଟ କରେ, ପବନର ବିପରୀତ ଦିଗରେ କ୍ଷିପ୍ତ ସୂକ୍ଷ୍ମ ଧୂଳିକଣା ପରି ଅମଙ୍ଗଳ ତା' ଆଡ଼କୁ ଫେରିଯାଏ ।

(୧୧)

ଗବ୍ଭମେକେ ଉପ୍ପଜ୍ଜନ୍ତି ନିରୟଂ ପାପକମ୍ମିନୋ ।
ସଗ୍ଗଂ ସୁଗତିନୋ ୟନ୍ତି, ପରିନିବ୍ବନ୍ତି ଅନାସବା ॥

(Some come to birth again, the evil-doers go to hell, the righteous to heaven, the desireless to Nirvana.)

କେହି କେହି ପୁନର୍ଜନ୍ମ ଗ୍ରହଣ କରନ୍ତି, ପାପୀ ନିରୟଗାମୀ ହୁଅନ୍ତି । ଧର୍ମପରାୟଣ ସ୍ୱର୍ଗକୁ ଗମନ କରନ୍ତି, ଅନାସକ୍ତ ଜନ ନିର୍ବାଣ ପ୍ରାପ୍ତ ହୁଅନ୍ତି ।

(୧୨)

ନ ଅନ୍ତଲିକ୍ଖେ ନ ସମୁଦ୍ଦମଜ୍ଝେ
ନ ପବ୍ବତାନଂ ବିବରଂ ପବିସ୍ସ ।
ନ ବିଜ୍ଜତି ସୋ ଜଗତିପ୍ପଦେସୋ
ୟତ୍ଥଟ୍ଠିତୋ ମୁଞ୍ଚେୟ୍ୟ ପାପକମ୍ମା ॥

(Neither in the sky, nor in the depths of the ocean, nor within the mountain cave is there a spot in the whole world where one can escape one's evil deeds.)

କି ଅନ୍ତରୀକ୍ଷ, କି ସମୁଦ୍ର ମଧ୍ୟ, କି ପର୍ବତବିବର – ଜଗତରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ ରହିଲେ ପାପକର୍ମରୁ ନିଷ୍କୃତି ସମ୍ଭବ ହେବ ।

(୧୩)

ନ ଅନ୍ତଲିକ୍ଖେ ନ ସମୁଦ୍ଦମଜ୍ଝେ
ନ ପବ୍ବତାନଂ ବିବରଂ ପବିସ୍ସ ।
ନ ବିଜ୍ଜତି ସୋ ଜଗତିପ୍ପଦେସୋ
ଯତ୍ଥଟ୍ଠିତଂ ନ ପ୍ପସହେୟ୍ୟ ମଚ୍ଚୂ ॥

(Neither in the sky, nor in the depths of the ocean, nor within the mountain cave is there a spot where Death cannot assail.)

କି ଅନ୍ତରୀକ୍ଷ, କି ସମୁଦ୍ର ମଧ୍ୟ, କି ପର୍ବତବିବର – ଜଗତରେ ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେ ରହିଲେ ମୃତ୍ୟୁର ବଶୀଭୂତ ହେବ ନାହିଁ ।

**ଶ୍ରୀମା'ଙ୍କ ଭାଷ୍ୟ :**

ମନ ମଧ୍ୟରେ ଯେଉଁସବୁ ଚିନ୍ତା ଉପସ୍ଥିତ ହୁଏ, ସାଧାରଣତଃ ଲୋକେ ସେ ବିଷୟରେ ଅସତର୍କ ରହିବାରେ ଅଭ୍ୟସ୍ତ ହୋଇଥା'ନ୍ତି । ଆମ୍ଭମାନଙ୍କର ପରିବେଷ୍ଟନୀ ନାନା ପ୍ରକାର ଚିନ୍ତାରେ ପରିପୂର୍ଣ୍ଣ । ଏଗୁଡ଼ିକ କୌଣସି ବ୍ୟକ୍ତିବିଶେଷର ସ୍ୱୀୟ ଅଧିକାରଭୁକ୍ତ ନୁହେଁ, ଏକ ବ୍ୟକ୍ତି ଠାରୁ ଅପର ବ୍ୟକ୍ତି ନିକଟକୁ ଏଗୁଡ଼ିକ ଅବାଧରେ, ଅତି ସହଜରେ ଯାତାୟାତ କରେ; କାରଣ ଏପରି ଅଳ୍ପ ଲୋକ ଅଛନ୍ତି, ଯେଉଁମାନେ ନିଜର ଚିନ୍ତାରାଜି ଉପରେ ପ୍ରହରୀ ରୂପେ କାର୍ଯ୍ୟ କରିପାରନ୍ତି ।

ଯଦି ନିଜର ଚିନ୍ତାଧାରା ଉପରେ ଯଥାର୍ଥ ଶାସନପ୍ରଣାଳୀ ଶିକ୍ଷା କରିବା ଲାଗି ତୁମେ ବୌଦ୍ଧମାନଙ୍କର ସାଧନା ଅବଲମ୍ବନ କର, ତା'ହେଲେ ତୁମେ ଅତ୍ୟନ୍ତ ଚିତ୍ତାକର୍ଷକ ବିଷୟର ଉଦ୍‌ଘାଟନ କରିପାରିବ । ତୁମେ ତୁମର ଚିନ୍ତାସମୂହର ପର୍ଯ୍ୟବେକ୍ଷଣ କରିବାକୁ ଚେଷ୍ଟା କର । ସେଗୁଡ଼ିକୁ ଅବାଧରେ ମସ୍ତିଷ୍କ ମଧ୍ୟରେ ଯାତାୟାତ କରିବାକୁ ନଦେଇ, ଏପରିକି ସମୟ ସମୟରେ ସେଗୁଡ଼ିକୁ ମସ୍ତିଷ୍କ ମଧ୍ୟରେ ପ୍ରବେଶାଧିକାର ଏବଂ ଅବିଧେୟ ଭାବରେ ପ୍ରତିଷ୍ଠିତ ହେବାକୁ ନଦେଇ, ତୁମେ ସେଗୁଡ଼ିକୁ ଲକ୍ଷ୍ୟ କର, ପର୍ଯ୍ୟବେକ୍ଷଣ କର । ତାହାହେଲେ ତୁମେ ଏପରି ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିବ, ଯହିଁରେ ତୁମେ ବିସ୍ମୟାଭିଭୂତ ହେବ; କାରଣ ତୁମେ ସ୍ପଷ୍ଟ ଜାଣିପାରିବ ଯେ କ୍ଷଣକାଳ ମଧ୍ୟରେ ଚରମ ବିସଦୃଶ ଏବଂ ସମ୍ୟକ୍ ଅନିଷ୍ଟକର ଚିନ୍ତାଧାରା ତୁମର ମସ୍ତିଷ୍କ ମଧ୍ୟଦେଇ ଚାଲିଯାଇଛି ।

ତୁମେ ବିଶ୍ୱାସ କର ଯେ ତୁମେ ଜଣେ ଉତ୍ତମ, ଦୟାଳୁ, ଶୁଭାନୁଧ୍ୟାୟୀ ଓ ହୃଦୟବାନ୍ ବ୍ୟକ୍ତି । ତୁମେ କାହାରି ଅନିଷ୍ଟ ଚିନ୍ତା କର ନାହିଁ, ତୁମେ ସମସ୍ତଙ୍କର କେବଳ ଶୁଭ କାମନା କର,– ଇତ୍ୟାଦି ବିଷୟ ତୁମେ ନିଜକୁ ପ୍ରସନ୍ନ ଚିତ୍ତରେ କହିଥାଅ । କିନ୍ତୁ ଚିନ୍ତା କରିବା ସମୟରେ ତୁମେ ଯଦି ଅକପଟ ସରଳତା ସହ ନିଜ ପ୍ରତି ଲକ୍ଷ୍ୟ କର, ତୁମେ ଉପଲବ୍ଧି କରିପାରିବ ଯେ ତୁମର ମସ୍ତିଷ୍କରେ ଏପରି ଚିନ୍ତାରାଶି ରହିଛି ଯାହାର କି ସମୟ ସମୟରେ ଭୟଙ୍କର ରୂପ ହୁଏ ଏବଂ ଯାହା ତୁମର ଅଗୋଚର ଥିଲା ।

ଉଦାହରଣସ୍ୱରୂପ, ତୁମେ ଯେତେବେଳେ କୌଣସି ବିଷୟ ଅପସନ୍ଦ କର ସେତେବେଳେ ତୁମ ମନରେ କିପରି ପ୍ରତିକ୍ରିୟା ହୁଏ; ତୁମେ କିପରି ତୁମର ବନ୍ଧୁ, ଆତ୍ମୀୟ ଓ ପରିଚିତ ବ୍ୟକ୍ତିଗଣ, ସମସ୍ତଙ୍କର ଅଧଃପାତ ଚିନ୍ତାରେ ଅଧୀର ହୋଇପଡ଼ । ତୁମେ କିପରି ତୁମର ଅଜ୍ଞାତସାରରେ ସେମାନଙ୍କର ନାନା ଅଶୁଭ କାମନା କର ! ଏବଂ ତୁମେ କିପରି କହିଥାଅ – ''ସେମାନେ ସେପରି ହେବା ଯୋଗୁଁ ଉଚିତ ଶିକ୍ଷା ପାଇବେ !'' ଏବଂ ସମାଲୋଚନା କରିବା ସମୟରେ ତୁମେ କହିଥାଅ – ''ତାଙ୍କର ତ୍ରୁଟି ବିଷୟ ଅବଶ୍ୟ ତାଙ୍କୁ ଜଣାଇ ଦେବା ଉଚିତ !'' ଏବଂ ତୁମର ଭାବନା ଅନୁସାରେ ଯଦି କେହି କାର୍ଯ୍ୟ ନକରେ, ତେବେ ତୁମେ କୁହ – ''ସେ ଦଣ୍ଡ ପାଇବା ଉଚିତ !'' ଇତ୍ୟାଦି ।

ତୁମେ ଏହିସବୁ ବିଷୟ ଜାଣିପାର ନାହିଁ, କାରଣ ଚିନ୍ତା କରିବା ସମୟରେ ତୁମେ ନିଜ ପ୍ରତି ଲକ୍ଷ୍ୟ ରଖ ନାହିଁ । ଯେତେବେଳେ ତାହା ତୁମେ ଜାଣିପାର ସେତେବେଳେ ତାହା ଅତିଶୟ ଉଗ୍ର ହୋଇଥାଏ । କିନ୍ତୁ ଯେତେବେଳେ ଚିନ୍ତାଧାରାଟି କେବଳ ମନ ମଧ୍ୟଦେଇ ଚାଲିଯାଏ, ତୁମେ ତାହାକୁ ନଜର କର ନାହିଁ – ତାହା ଆସେ, ପ୍ରବେଶ କରେ, ବାହାରି ଯାଏ । ସୁତରାଂ ତୁମେ ଜାଣିପାରୁଛ ଯେ ଯଦି ତୁମେ ପ୍ରକୃତରେ ନିର୍ମଳ ହେବାକୁ ଚାହଁ, ଏବଂ ପୂର୍ଣ୍ଣରୂପେ ସତ୍ୟାନୁରାଗୀ ହେବାକୁ ଚାହଁ,

ତେବେ ଅପ୍ରମାଦ, ଆନ୍ତରିକତା, ଆତ୍ମନିରୀକ୍ଷଣ, ଆତ୍ମଶାସନ ପ୍ରୟୋଜନ, ଯାହା ସାଧାରଣତଃ ଦେଖାଯାଏ ନାହିଁ । ଯଥାର୍ଥରେ ଅକପଟ-ସରଳ ହେବା ଯେ କଷ୍ଟସାଧ ବିଷୟ, ଏହି ଉପଲବ୍ଧି ତୁମର ଆରମ୍ଭ ହେବ ।

ଉତ୍ତମ ସ୍ୱଭାବ ଓ ଉତ୍ତମ ଅଭିପ୍ରାୟ ବ୍ୟତୀତ ତୁମ ମଧ୍ୟରେ ଆଉ କିଛି ନାହିଁ – ଏ ବିଷୟ ଭାବି ତୁମେ ଆପେ ଆପେ ସନ୍ତୁଷ୍ଟ ଓ ନିଶ୍ଚିତ ହୋଇଥାଅ ଏବଂ ତୁମେ ଯେଉଁ କର୍ମ କର ତାହା ଅପରର କଲ୍ୟାଣ ନିମିତ୍ତ କର – ଏହା ସତ୍ୟ ହେବ ଯେପର୍ଯ୍ୟନ୍ତ ତୁମେ ସଚେତନ ଥିବ ଏବଂ ତୁମର ଚିନ୍ତାସମୂହ ଉପରେ ତୁମର ଶାସନ ଥିବ; କିନ୍ତୁ ଯେଉଁ ମୁହୂର୍ତ୍ତରେ ତୁମେ ବିଶେଷ ମନୋଯୋଗୀ ନଥିବ, ସେହି ସମୟରେ ଯାବତୀୟ ଅପକୃଷ୍ଟ ଭାବଧାରା ତୁମର ଅଗୋଚରରେ ତୁମ ମଧ୍ୟରେ ଆସି ଉପସ୍ଥିତ ହେବ ।

ତୁମର ମନୋରାଜ୍ୟକୁ ସମ୍ପୂର୍ଣ୍ଣ ବିଶୁଦ୍ଧ କରିବା ଯଦି ତୁମର ଅଭିଳାଷ ଥାଏ, ତାହାହେଲେ ଦୀର୍ଘକାଳ ପର୍ଯ୍ୟନ୍ତ, ଅତି ଦୀର୍ଘକାଳ ପର୍ଯ୍ୟନ୍ତ ତୁମକୁ ଅପ୍ରମାଦରତ ହେବାକୁ ହେବ । ଅଧିକନ୍ତୁ ଏପରି ବିଶ୍ୱାସ କର ନାହିଁ ଯେ ତୁମେ ତୁମର ଲକ୍ଷ୍ୟରେ ଏକେବାରେ ପହଞ୍ଚିଯିବ, କାରଣ ତୁମେ ଏକ ସମୟରେ ଶୁଭାନୁଧ୍ୟାୟୀ ହେବାକୁ ଘଟଣାକ୍ରମେ ସଂକଳ୍ପବଦ୍ଧ ହୋଇଥିଲ । ଅବଶ୍ୟ ଏପରି ସଂକଳ୍ପ ଅତ୍ୟାବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ଏହାର ପରବର୍ତ୍ତୀ ବହୁକାଳ ପର୍ଯ୍ୟନ୍ତ ତୁମକୁ କଡ଼ା ପ୍ରହରୀ ରୂପେ କାର୍ଯ୍ୟ କରିବାକୁ ହେବ, ଯେପରିକି ତୁମେ ତୁମର ସଂକଳ୍ପକୁ କୌଣସି ସମୟରେ ଅଗ୍ରାହ୍ୟ ନକର ।

(କ୍ରମଶଃ)

("Mother's Commentary on the Dhammapada"
''ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ'',
ପୃଷ୍ଠା : ୮୫ - ୯୧)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଜନ୍ମଦିନର ବାର୍ତ୍ତା

୨. ୨. ୧୯୩୦

ଚମ୍ପକଲାଲକୁ,

ଏହି ବର୍ଷଟି ହୋଇଉଠୁ ଅଗ୍ରଗତି ଏବଂ ରୂପାନ୍ତରର ବର୍ଷ – ଭାଗବତ ଉପଲବ୍ଧି ଦିଗରେ ଏକ ପାଦ ଅଗ୍ରଗତି ।

– ଶ୍ରୀମା

୨. ୨. ୧୯୩୩

ଚମ୍ପକଲାଲକୁ ତା'ର ଜନ୍ମଦିନରେ,

''ଯେଉଁ କଥା ଜଣାପଡୁଛି ସବୁଠାରୁ ଅସୁବିଧାଜନକ, ସବୁଠାରୁ ସମ୍ଭାବନାହୀନ ଓ ପ୍ରାୟ ସବୁଠାରୁ ଅସମ୍ଭବ, ସେସବୁ ପରିପୂର୍ଣ୍ଣରୂପେ ସିଦ୍ଧ ହେବ, କାରଣ, ହେ ପ୍ରଭୁ, ତୁମର ଉପସ୍ଥିତି ଆମ୍ଭମାନଙ୍କ ମଧ୍ୟରେ ଏହି ନିଶ୍ଚୟତା ଭରି ଦେଇଛି ଯେ ତୁମ ସଂକଳ୍ପ ଓ ତୁମ ବିଧାନର ନୂତନ ସ୍ୱରୂପକୁ ପ୍ରକାଶ କରିବା ନିମନ୍ତେ ପାର୍ଥିବ ଜଗତ୍ ସ୍ୱୟଂ ପ୍ରସ୍ତୁତ ହେଉଛି ।''

ମୋର ଆଶୀର୍ବାଦ ସହ ।

– ଶ୍ରୀମା

୨. ୨. ୧୯୪୦

ତୋ'ର ଚେତନାକୁ ପ୍ରଶାନ୍ତ ଓ ବ୍ୟାପକ କର; ତୋ'ର ଆତ୍ମାର ଗଭୀରତର ପ୍ରଦେଶକୁ ପ୍ରବେଶ କର ।

– ଶ୍ରୀଅରବିନ୍ଦ

ଚଳିତ ବର୍ଷ ସମତା ପ୍ରତିଷ୍ଠା ନିମନ୍ତେ ଏକ ଉଦ୍ୟମ କର ।

– ଶ୍ରୀମା

୨. ୨. ୧୯୪୧

ସକଳ ନିଶ୍ଚେତନାକୁ ପ୍ରତ୍ୟାଖ୍ୟାନ କରିବାର ଏବଂ ଦିବ୍ୟ ଆଲୋକରୁ ଯାହାକିଛି ଆସେ ସେସବୁକୁ ଗ୍ରହଣ କରିବାର ସାମର୍ଥ୍ୟ ସହ ଏକ ସ୍ୱଚ୍ଛ ଚେତନା – ତୋ' ସାମନାରେ ଏଇ ଲକ୍ଷ୍ୟ ରହିବା ଉଚିତ ।

– ଶ୍ରୀଅରବିନ୍ଦ

ଏହି ବର୍ଷ ତୋତେ ହତାଶ କରି ଆସୁଥିବା ବିରୋଧୀ ପରାମର୍ଶକୁ ସଂପୂର୍ଣ୍ଣରୂପେ ଅତିକ୍ରମ କରିବାକୁ ହେବ ଓ ବାହାରକୁ ଫିଙ୍ଗି ଦେବାକୁ ହେବ, ଏହାକୁ ଏପରି ଭାବରେ ପ୍ରତ୍ୟାଖ୍ୟାନ କରିବାକୁ ହେବ ଯେପରି ତାହା ଆଉ କେବେ ବି ଫେରି ଆସି ନପାରେ । ତୋ'ର ଘର, ତୋ'ର ସ୍ଥାନ ଓ ତୋ'ର ପୂର୍ଣ୍ଣତା ଏଇଠାରେ ।

– ଶ୍ରୀମା

୨. ୨. ୧୯୪୨

ସବୁବେଳେ ଅଭୀପ୍ସା କର ଅଧିକରୁ ଅଧିକ ସଚେତନ ହେବା ଲାଗି ଯାହାଫଳରେ ଭୌତିକ ଚେତନାରୁ ଓ ପ୍ରାଣ ପ୍ରକୃତିର ଅପେକ୍ଷାକୃତ ଅନ୍ଧକାରମୟ ଅଂଶରୁ ସମସ୍ତ କ୍ଷୁଦ୍ର କ୍ଷୁଦ୍ର ବାଧା ଦୂର ହୋଇଯିବ ।

– ଶ୍ରୀଅରବିନ୍ଦ

ଶତ୍ରୁର ବାରଂବାର ଆକ୍ରମଣ ସମ୍ମୁଖରେ ତୋତେ ତୋ'ର ବିଶ୍ୱାସରେ ଅଟଳ ରହିବାକୁ ହେବ ଓ ଦିବ୍ୟ ବିଜୟ ଲାଭ ପର୍ଯ୍ୟନ୍ତ ସହ୍ୟ କରିବାକୁ ପଡ଼ିବ ।

– ଶ୍ରୀମା

୨. ୨. ୧୯୪୩

ଦିବ୍ୟ ଆଲୋକ ଆସିବା ସମୟରେ ତାକୁ ଗ୍ରହଣ କରିବା ନିମନ୍ତେ ବିଶ୍ୱାସ ଓ ଆତ୍ମ-ଉନ୍ମୀଳନ ବଳରେ ନିଜକୁ ପ୍ରସ୍ତୁତ ରଖ ।

– ଶ୍ରୀଅରବିନ୍ଦ

ଏହି ବର୍ଷଟି ତୋ' ପାଇଁ ହୋଇଉଠୁ ଏକ ପୂର୍ଣ୍ଣ ଉନ୍ମୀଳନ ଓ ସକଳ ସୀମାକୁ ଅତିକ୍ରମ କରିଯିବାର ବର୍ଷ ।

– ଶ୍ରୀମା

୨. ୨. ୧୯୪୪

ମନ ନୀରବ ହେଉ ଓ ଦିବ୍ୟ ଆଲୋକକୁ ଗ୍ରହଣ କରୁ; ପ୍ରାଣ ଶାନ୍ତ ହେଉ ଓ ମୁକ୍ତିପ୍ରଦାନକାରୀ ଦିବ୍ୟ ଶକ୍ତିକୁ ଗ୍ରହଣ କରୁ ।

– ଶ୍ରୀଅରବିନ୍ଦ

ଏହି ବର୍ଷଟି ତୋତେ ଆଣିଦେଉ ଯଥାର୍ଥ ବିଶ୍ୱାସ – ଏକ ବିଶ୍ୱାସ ଯାହାକୁ କି କୌଣସି ଅନ୍ଧକାର ଆବୃତ କରିପାରେ ନାହିଁ ।

–ଶ୍ରୀମା

୨. ୨. ୧୯୪୫

ଆରମ୍ଭ ହେଉଥିବା ଏହି ବର୍ଷଟି ତୋ'ର ଚୈତ୍ୟସତ୍ତାର ବିକାଶ ଓ ଏହା ତୋ' ପ୍ରକୃତି ତଥା ଜୀବନ ଉପରେ କର୍ତ୍ତୃତ୍ୱ ବିସ୍ତାର ପଥରେ ଏକ ସୁନିଶ୍ଚିତ ଅବସ୍ଥାର ସ୍ମାରକୀ ହୋଇଉଠୁ ।

–ଶ୍ରୀଅରବିନ୍ଦ

ଏକଥା ମୁଁ କହିପାରୁ ଥିବାରୁ ଖୁସୀ ହେଉଛି ଯେ ତୋ'ର ଉନ୍ମୀଳନ ଓ ତୋ'ର ଗ୍ରହଣଶୀଳତା ଗତ ବର୍ଷ ଅପେକ୍ଷା ବୃଦ୍ଧି

ପାଇଛି । ଏତିକିରେ ଅଟକି ଯା' ନାହିଁ ଓ ଆସନ୍ତା ବର୍ଷ ସେସବୁକୁ ପୂର୍ଣ୍ଣତା ପ୍ରାପ୍ତ ହେବାକୁ ସୁଯୋଗ ଦେ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୪୬

ନିଜକୁ ଉନ୍ମୀଳନ କରିବାରେ ଲାଗି ରହ, ଯାହାଫଳରେ ଚୈତ୍ୟ ଚେତନା ତୋ' ମଧ୍ୟରେ ବିକାଶପ୍ରାପ୍ତ ହେବ ଓ ଦିବ୍ୟ ଆଲୋକ ତୋ ମନ ଓ ପ୍ରାଣ ସତ୍ତାରେ ଯାହାକିଛି ଅନ୍ଧକାର ରହିଛି ସେସବୁକୁ ଶୁଦ୍ଧ ଓ ଜ୍ୟୋତିର୍ମୟ କରିବ ।

—ଶ୍ରୀଅରବିନ୍ଦ

ମୋର ପ୍ରିୟ ଶିଶୁ, ବର୍ତ୍ତମାନ ମୁଁ ତୋତେ ବାସ୍ତବରେ ମୋର ପ୍ରିୟ ଶିଶୁ ବୋଲି କହିପାରେ, ଯେହେତୁ ତୁ ମୋର ବାହୁଚ୍ଛାୟା ତଳେ ଚିରଦିନ ଲାଗି ଆଶ୍ରୟ ନେଇଛୁ — ମୋର ସମସ୍ତ ପ୍ରେମ ସହ ସେଠାରେ ମୁଁ ତୋତେ ସ୍ୱାଗତ ଜଣାଉଛି ।

— ଶ୍ରୀମା

୨. ୨. ୧୯୪୭

ପରିପୂର୍ଣ୍ଣ ଚୈତ୍ତ୍ୟିକ ପରିବର୍ତ୍ତନ ପଥରେ ଅଧିକରୁ ଅଧିକ ଅଗ୍ରଗତି ହେଉଛି ସାଧନାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, କାରଣ ତାହା ହେଉଛି ଆଧ୍ୟାତ୍ମିକ ରୂପାନ୍ତର ଦିଗରେ ସିଧାସଳଖ ରାସ୍ତା । ଭକ୍ତି, ସଂଗତି ଓ କାର୍ଯ୍ୟରେ ଟିକିନିଖି ଭାବ, ଏକ ବର୍ଦ୍ଧିଷ୍ଣୁ ଆନ୍ତର ଦୃଷ୍ଟି ଓ ଚେତନା, ପ୍ରାଣିକ ଅହଂକାରର ପ୍ରଚଣ୍ଡତର ଗତିବୃତ୍ତିର କ୍ରମବର୍ଦ୍ଧମାନ କ୍ଷୟିଷ୍ଣୁତା ହେଉଛି ପଥ ମଧ୍ୟସ୍ଥ ଉଲ୍ଲେଖଯୋଗ୍ୟ ଅଗ୍ରଗତିର ଏକ ଏକ ମାଇଲଖୁଣ୍ଟ ।

—ଶ୍ରୀଅରବିନ୍ଦ

ମୋର ପ୍ରିୟ ଶିଶୁ, ଗତ ବର୍ଷ ଯାହା ମୁଁ ଭବିଷ୍ୟ ଦୃଷ୍ଟିରେ ଦେଖିଥିଲି ତାହା ସଂପୂର୍ଣ୍ଣ ସତ୍ୟ ବୋଲି ପ୍ରମାଣିତ ହୋଇଛି; ମାଆ ଓ ସନ୍ତାନର ଏହି ସଂପର୍କ ବାସ୍ତବ ପକ୍ଷରେ, ତୀବ୍ର ଭାବରେ ଓ ଗଭୀର ଭାବରେ ବହୁ ପରିମାଣରେ ବୃଦ୍ଧି ପାଇଛି ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୪୮

ଆଲୋକ ପ୍ରତି ଅନ୍ଧ ଓ ଆହ୍ୱାନ ପ୍ରତି ବଧିର ଏହି ଜଡ଼, ଜଡ଼-ଚେତନା ଓ ଜଡ଼-ଜୀବନ ହେଉଛି ନିଶ୍ଚେତନା ଓ ଏହାର ପ୍ରତିରୋଧର ସର୍ବଶେଷ ଓ ସର୍ବଶ୍ରେଷ୍ଠ ଦୁରପନେୟ ଆଶ୍ରୟସ୍ଥଳ । ସେଠାରେ ଆଲୋକ ଯେତେ ନିକଟତର ହେବ ଏହା ତା'ର ପ୍ରତିରୋଧର କାନ୍ଥକୁ ସେତେ ଉଚ୍ଚତର କରି ଗଢ଼ି ତୋଳିବ । ଯେତେବେଳେ ତାହା ଅତିକ୍ରାନ୍ତ ହେବ ସେତେବେଳେ ଚୂଡ଼ାନ୍ତ ରୂପାନ୍ତର ପାଇପାରିବ ଏକ ମୁକ୍ତ ରାସ୍ତା ।

— ଶ୍ରୀଅରବିନ୍ଦ

ମୋର ପ୍ରିୟ ଶିଶୁ,

ଏହି ବର୍ଷ ତୋ'ର ଗ୍ରହଣଶୀଳତା ସେହି ପର୍ଯ୍ୟନ୍ତ ବୃଦ୍ଧି ପାଉ ଯାହାକି ତୋ' ମଧ୍ୟରେ ସମ୍ପୂର୍ଣ୍ଣ ଉତ୍ତମ ସ୍ୱାସ୍ଥ୍ୟ ଫେରାଇ ଆଣିବା ଲାଗି ଯେଉଁ ଶକ୍ତି କାର୍ଯ୍ୟ କରୁଛି ତାହାର ପୂର୍ଣ୍ଣ ଉପଯୋଗ ନିମନ୍ତେ ତୋତେ ସାମର୍ଥ୍ୟ ପ୍ରଦାନ କରିପାରିବ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୪୯

ତୋ'ର ଜନ୍ମଦିନ ଉପଲକ୍ଷେ ଶ୍ରୀଅରବିନ୍ଦଙ୍କ ପ୍ରେମ ଓ ଆଶୀର୍ବାଦ ।

— ଶ୍ରୀମା

ମୋର ପ୍ରିୟ ଶିଶୁ, ବର୍ତ୍ତମାନ ସମୟ ଆସିଛି ଯେତେବେଳେ ତୋ'ର ବିଶ୍ୱାସକୁ ଯଥାର୍ଥରେ ସକ୍ରିୟ ହେବାକୁ ହେବ ଓ ସକଳ ପ୍ରତିକୂଳ ଗତିବୃତ୍ତି ବିରୋଧରେ ଅବିଚଳିତ ହୋଇ ଦଣ୍ଡାୟମାନ ହେବାକୁ ହେବ । ବିଶ୍ୱାସ ରଖ, ଯଥାର୍ଥ ବିଶ୍ୱାସ ରଖ ଯେ ତୁ ଆରୋଗ୍ୟ ଲାଭ କରୁଛୁ ଓ ଆରୋଗ୍ୟ ବାଧ୍ୟ ହେବ ଆସିବାକୁ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୦ ଓ ୧୯୫୧

ଯଥାର୍ଥ ସ୍ମୃତିର ରକ୍ଷକ ମୋର ସର୍ବୋତ୍ତମ ବିଶ୍ୱସ୍ତ ସନ୍ତାନକୁ ମୁଁ ଆଜି ମୋର ପୂର୍ଣ୍ଣ ଆତ୍ମାର ନିଶ୍ଚୟତା ପ୍ରଦାନ କରୁଛି । ୧୯୫୦ ମସିହାରେ ମୁଁ ଏ ବହିରେ କିଛି ନ ଲେଖିବାର କାରଣ ହେଉଛି ତୋ' ଜୀବନରେ ତାହା ହେବାର ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବର୍ଷ, ଯେଉଁ ବର୍ଷ କି ତୁ ଅତୀତରେ ଯାହା ଥିଲୁ ତା' ଉପରେ ଏକ ମୋହର ମାରିବା ସଙ୍ଗେ ସଙ୍ଗେ ତୁ ଭବିଷ୍ୟତରେ କ'ଣ ହେବୁ — ପ୍ରଭୁଙ୍କର, ଯାହାଙ୍କର ଉପସ୍ଥିତି ପୂର୍ବ ଅପେକ୍ଷା ଏଠାରେ ଅଧିକ ସାମଗ୍ରିକ ଭାବେ ରହିଛି, ତାଙ୍କରି ଏକ ଯଥାର୍ଥ ଓ ପୂର୍ଣ୍ଣ ସନ୍ତାନ — ସେଥିନିମନ୍ତେ ତୋ' ସମ୍ମୁଖରେ ଦ୍ୱାର ଉନ୍ମୁକ୍ତ କରି ଦେଇଛି ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୨

ଧୈର୍ଯ୍ୟ
ଅଧ୍ୟବସାୟ
ସହନଶୀଳତା
ବିଶ୍ୱାସ ଏବଂ ଏକ
ଅବିଚଳିତ ସାହସ ...
... ଆମ୍ଭେମାନେ ଲକ୍ଷ୍ୟର ନିକଟବର୍ତ୍ତୀ ହେଉଛେ ।
ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୩

ଏକ ସ୍ଥିର ଅଗ୍ରଗତି ଓ ତୋତେ କ'ଣ ହେବାକୁ ହେବ ତା'ର ଏକ ସ୍ପଷ୍ଟ ବୋଧ । ଶେଷ ହୋଇ ଯାଇଥିବା ବର୍ଷର ଏହିସବୁ ହେଉଛି ଲାଭ । ବର୍ତ୍ତମାନ କେବଳ ଏହାକୁ ନିରବଚ୍ଛିନ୍ନ ଭାବେ ଚଳାଇ ରଖିବାକୁ ହେବ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

—ଶ୍ରୀମା

୨. ୨. ୧୯୫୪

୧୯୪୦ ମସିହାରେ ଶ୍ରୀଅରବିନ୍ଦ ତୋତେ ଲେଖିଥିଲେ : ''ତୋ'ର ଚେତନାକୁ ପ୍ରଶାନ୍ତ ଏବଂ ବ୍ୟାପକ କର'' ଏବଂ ମୁଁ ଜୋର୍ ଦେଉଛି ସମତା ପ୍ରତିଷ୍ଠା କରିବା ଉପରେ । ତା' ପରଠାରୁ ଅନେକ କଥା ଘଟିଛି, ଅନେକ ଅଗ୍ରଗତି ହୋଇଛି, କିନ୍ତୁ ଏତକ କଥା ପୂର୍ଣ୍ଣରୂପେ ସଂସିଦ୍ଧ ହେବା ପାଇଁ ବାକି ଅଛି । ଏଇତକ ତୋ' ଲାଗି ଆରମ୍ଭ ହେଉଥିବା ଏଇ ବର୍ଷଟିରେ ସମ୍ପନ୍ନ ହେଉ । ଭିତରେ ଓ ବାହାରେ ଏକ ନୀରବ ସମତା ତୋ' ଲାଗି ହେବ ଏକ ବିରାଟ ସାଫଲ୍ୟ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୫

ଏଥର ଏହି ବର୍ଷଟି ହେଉଛି ଏକ ଯଥାର୍ଥ ଅଗ୍ରଗତିର ବର୍ଷ ଯାହାକି ତୋତେ ଲକ୍ଷ୍ୟର ନିକଟତର କରିବା ସଙ୍ଗେ ସଙ୍ଗେ ମୋର ଅତି ନିବିଡ଼ ସାନ୍ନିଧ ମଧ୍ୟକୁ ନେଇ ଆସିଛି ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୬

ମୋର ପ୍ରିୟ ଶିଶୁ,

ଗତ ବର୍ଷ ମୁଁ କ'ଣ କହିଥିଲି ତା'ର ପୁନରାବୃତ୍ତି କରିପାରେ — କିନ୍ତୁ ଏଥରକର ଅଗ୍ରଗତି ବହୁତ ବିରାଟ ଓ ମୋ ସହ ନିବିଡ଼ତା ଅଧିକ ବାସ୍ତବ ଓ ଅନ୍ତରଙ୍ଗ ହୋଇଛି । ତୁ ବହୁତ ଦ୍ରୁତଗତିରେ ପଥ ମଧ୍ୟରେ ଅଗ୍ରଗତି କରିଛୁ — ମୁଁ କେବଳ ତୋତେ କହିପାରେ ଯେ ଏହି ଗତିକୁ **ଅବିଚ୍ଛିନ୍ନ ରଖ ।**

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୭

ଶୁଭ ଜନ୍ମଦିନ !

ମୋର ପ୍ରିୟ ଶିଶୁକୁ ।

ତୁ ଅଗ୍ରଗତି ଅବିଚ୍ଛିନ୍ନ ରଖିଛୁ ଏବଂ ଏଥର ତୋ'ର ଅଗ୍ରଗତି ଅଧିକ ବାସ୍ତବ ଓ ଅଧିକ ପୂର୍ଣ୍ଣାଙ୍ଗ ହୋଇଛି । ତୋ' ଉପରେ **ନିର୍ଭର** ରଖିପାରିବାର ଶକ୍ତିଶାଳୀ ବୋଧ ମୋର ଆସିଛି ଓ ଏହା ବହୁତ ଆରାମପ୍ରଦ ।

ବର୍ତ୍ତମାନ ଏହି ଅଗ୍ରଗତି ତୋ'ର ଶରୀର ପର୍ଯ୍ୟନ୍ତ ସଞ୍ଚରି ଯାଉ ଓ ନିରନ୍ତର ତୋତେ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରୁ ।

ମୋର ପ୍ରେମ ଓ ଅଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୮

ମୋର ପ୍ରିୟ ଶିଶୁ ପ୍ରତି—

ଆଉ ଏକ ବର୍ଷ; ପୂର୍ଣ୍ଣ ସମର୍ପଣ ମଧ୍ୟରେ ପୂର୍ଣ୍ଣାଙ୍ଗ ସେବା ଦିଗରେ ଆଉ ଏକ ପଦକ୍ଷେପ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୫୯

ମୋର ପ୍ରିୟ ଶିଶୁ,

ଏହି ବର୍ଷ ଦିବ୍ୟ କୃପା ପରିସ୍ଥିତିକୁ ଏଭଳି ଭାବରେ ସଜାଡ଼ି ଦେଇଛି ଯାହାଫଳରେ ପୂର୍ବରୁ ଏପର୍ଯ୍ୟନ୍ତ ତୁ ମୋର ଯେତେ ନିକଟ ସମ୍ପର୍କରେ ଥିଲୁ ତାହା ଅଧିକ ବୃଦ୍ଧି ପାଇଛି — ଏବଂ ସବୁବେଳେ ତୁ ପ୍ରମାଣିତ କରିଦେଇଛୁ ଯେ ତୁ ସବୁଠାରୁ ଅଧିକ ନିର୍ଭରଶୀଳ ଓ ଫଳପ୍ରଦ, ସଦା ପ୍ରସ୍ତୁତ, ଯେତେବେଳେ ତୋତେ ଆବଶ୍ୟକ ପଡ଼ିଛି, ତୁ ସବୁବେଳେ ପ୍ରସ୍ତୁତ ହୋଇ ରହିଛୁ, ଯାହା କରିବା ଆବଶ୍ୟକ ପଡ଼ିଛି ତୁ ତାହା ସବୁବେଳେ

କରିଛୁ । ତୋ'ର ଜନ୍ମଦିନରେ ଏଇ କଥା ତୋତେ ମୁଁ କହିବାରେ ବହୁତ ଖୁସୀ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୦

ଚମ୍ପକଲାଲ, ମୋର ପ୍ରିୟ ଶିଶୁ,

ତୁ ନିରନ୍ତର ଅଗ୍ରଗତି କରିଚାଲିଛୁ ବୋଲି କହିପାରୁଥିବାରୁ ମୁଁ ଖୁସୀ । ତୋ'ର ନିଜର ମନ୍ତବ୍ୟ ଅନୁସାରେ, ତୋ'ର ଚେତନା ଅଭିବୃଦ୍ଧି ସାଧନ କରିଚାଲିଛି ଓ ଆଉ ଗୋଟିଏ ଉଦ୍ୟମ ବଳରେ ତୁ ଶୀଘ୍ର ଆଲୋକ ମଧ୍ୟରେ ଅବତୀର୍ଣ୍ଣ ହେବୁ ଓ ବିଜ୍ଞ ବ୍ୟକ୍ତିରେ ପରିଣତ ହେବୁ ।

ଏଇ ଆଉ ଗୋଟିଏ ଉଦ୍ୟମ ହେଉଛି ବାକ୍-ସଂଯମ ... ଦିବ୍ୟ କୃପାର ଉତ୍ସରୁ ଏହି ବର୍ଷ ଏହା ଏକ ଆଶୀର୍ବାଦ ସଦୃଶ ହେଉ !

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୧

ଚମ୍ପକଲାଲ,

ମୋର ପ୍ରିୟ ଶିଶୁ,

ଶୁଭ ଜନ୍ମଦିନ !

କଥାର ବିଶେଷ କିଛି ଆବଶ୍ୟକତା ନାହିଁ । ସବୁକିଛି 'ଠିକ୍' ଚାଲିଛି ।

ନିରନ୍ତର ଆମେ ଲକ୍ଷ୍ୟ ଅଭିମୁଖରେ ଅଗ୍ରଗତି କରି ଚାଲିଛେ, ଏବଂ ତୁ ମୋ ସହ ସମତାଳ ରଖିଛୁ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୨

ଚମ୍ପକଲାଲ,

ମୋର ପ୍ରିୟ ଶିଶୁ,

ସବୁ କିଛି ଠିକ୍ ଅଛି । ତୁ ଖୁବ୍ ଦ୍ରୁତ ଗତିରେ ଅଗ୍ରଗତି କରିଚାଲିଛୁ — କେବଳ ଏହାକୁ ନିରବଚ୍ଛିନ୍ନ ରଖିବାକୁ ହେବ ଓ ତୋ' ସମ୍ମୁଖରେ ପଥ ଅଧିକରୁ ଅଧିକ ସ୍ୱଷ୍ଟ ହୋଇଉଠିବ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୩

ଶୁଭ ଜନ୍ମଦିନ !

ଚମ୍ପକଲାଲ, ମୋର ପ୍ରିୟ ଶିଶୁ,

ପଥ ସଂପୂର୍ଣ୍ଣ ଉନ୍ମୁକ୍ତ ଓ ଏହା ଏକ କାରୁକାର୍ଯ୍ୟପୂର୍ଣ୍ଣ ପଥ, ତୋ'ର ଆତ୍ମାର ଅଭିବ୍ୟକ୍ତି ନିମନ୍ତେ ଏକ ସୁନ୍ଦର ପଥ, ଯାହାକି ତୋ'ର ଆନ୍ତର ଅଭିବୃଦ୍ଧି ବଳରେ ଓ ତୋ'ର ଶାଶ୍ୱତ ଆତ୍ମାର ଏକ ନିଷ୍ପାପର ପରିପ୍ରକାଶସ୍ୱରୂପ ତୋ'ର ହୃଦୟର ପ୍ରସ୍ଫୁଟନ ବଳରେ ଅଧିକରୁ ଅଧିକ ସ୍ୱଷ୍ଟ ଓ ଶକ୍ତିଶାଳୀ ହୋଇଉଠିବ ।

ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୪

ଚମ୍ପକଲାଲ, ମୋର ପ୍ରିୟ ସନ୍ତାନ,

ଏକ ବିରାଟ ପଦକ୍ଷେପ ନିଆଯାଇଛି, ଏକ ବିଶାଳ ପରିବର୍ତ୍ତନ ସଂଘଟିତ ହୋଇଛି, ତୋର ଆତ୍ମାର ଉପସ୍ଥିତି ସ୍ୱଷ୍ଟ ଅନୁଭୂତ ହେଉଛି, ତୁ ଯାହା କରୁଛୁ କେବଳ ସେଇଥିରେ ନୁହେଁ — ଯାହାକି ନିରନ୍ତର ଅଗ୍ରଗତି କରିଚାଲିଛି — କିନ୍ତୁ ତୁ ନିଜେ ଯାହା ସେଥିରେ । ଉପଲବ୍ଧି ଘୋଷଣା କରୁଥିବା ଏହି ବର୍ଷଟି ତୋ' ପକ୍ଷରେ ଏକ ଚୂଡ଼ାନ୍ତ ବର୍ଷ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

—ଶ୍ରୀମା

୨. ୨. ୧୯୬୫

ଚମ୍ପକଲାଲ,

ଏହି ବର୍ଷ ମୁଁ ସ୍ୱଷ୍ଟ ଭାବରେ ବୋଧ କରୁଛି ଯେ ତୁ 'ମୋର ଏକ ଅଂଶବିଶେଷ' ହୋଇପଡ଼ିଛୁ ।

ଚିରନ୍ତନ ପ୍ରେମ ସହ ।

— ଶ୍ରୀମା

୨. ୨. ୧୯୬୬

ଚମ୍ପକଲାଲ,

ଏହି ବର୍ଷଟି ଦିବ୍ୟ ଚେତନା ମଧ୍ୟରେ କାର୍ଯ୍ୟ କରୁଥିବାର ଯଥାର୍ଥ ଆନନ୍ଦର ଆଗମନୀକୁ ଦର୍ଶନ କରୁ ।

ପ୍ରେମର ସହ । — ଶ୍ରୀମା

(କ୍ରମଶଃ)

('ଚମ୍ପକଲାଲ କହନ୍ତି'ରୁ ସଂଗୃହୀତ : ପୃଷ୍ଠା - ୨୩୦-୨୩୯)

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଭାବଧାରାର ଶକ୍ତି

ଅଖଣ୍ଡ କ୍ଷମତାଧାରୀ ଶାସକମାନେ କଲ୍ୟାଣକାରୀ ଅବା ଅନିଷ୍ଟକାରକ ହୁଅନ୍ତୁ, ରାଜ୍ୟଗୁଡ଼ିକ ସଙ୍ଗଠିତ ହେବା ଦିନଠାରୁ ସେମାନେ ଯେଉଁ ଭୁଲ୍‌ଟି କରି ଆସିଛନ୍ତି, ଏବଂ ଆଉ ଯାହା ମନେ ହେଉଛି ଏ ଅଧ୍ୟାୟର ଶେଷ ପର୍ଯ୍ୟନ୍ତ ସେମାନେ ଏମିତି ସେଇ ଭୁଲ୍‌ଟି କରି ଚାଲିଥିବେ, ତାହା ହେଲା ସେମାନେ ସେମାନଙ୍କର ଉତ୍ପୀଡ଼ନକାରୀ କ୍ଷମତା ଉପରେ ଅନାବଶ୍ୟକ ଗୁରୁତ୍ୱ ଆରୋପ କରନ୍ତି । ସେ କ୍ଷମତା ହେଉଛି ଦୈହିକ, ଭୌତିକ ଓ ସ୍ପର୍ଶଗ୍ରାହ୍ୟ, ଆଉ ଚିନ୍ତାଧାରା ଏବଂ ଭାବପ୍ରବଣତାର କ୍ଷମତା ତଥା ପ୍ରଗାଢ଼ ଜୀବନୀଶକ୍ତିକୁ ସେମାନେ ହେୟ ମନେ କରନ୍ତି । ଅନେକ ସଂଗ୍ରାମରତ ମଣିଷମାନଙ୍କ ଭିତରେ, ଅସଂଖ୍ୟ ସଶସ୍ତ୍ର ପୁଲିସ ବାହିନୀ ମଧ୍ୟରେ, ଅନେକ ଗୋଳାବାରିର ବର୍ଷଣ ଭିତରେ, ଏତେ ସଂଖ୍ୟକ କାରାଗାରରେ, ଏ ଧରଣର ଆଇନକାନୁନର ବ୍ୟବସ୍ଥା ମଧ୍ୟରେ, ଅତ୍ୟାଚାରଧର୍ମୀ ହୁକୁମନାମାଗୁଡ଼ିକ ଭିତରେ ଏବଂ କାର୍ଯ୍ୟକାରିଣୀର କ୍ଷମତାରେ ବୁଡ଼ି ରହିଥିବା ପ୍ରତ୍ୟକ୍ଷ ଶାସନର ପରିଭାଷା ଅନୁସାରେ ଗୋଟିଏ ଅନୁଭବ କିଂବା ଚିନ୍ତା, ଜାତୀୟତାବାଦ, ଗଣତନ୍ତ୍ର, ମୁକ୍ତି ପ୍ରତି ଆକୁଳତା ଏ ସକଳର ମୂଲ୍ୟ ଆକଳନ କରି ହେବନି । ସଂଗ୍ରାମ-ମୁଖର ମଣିଷ, ଗୋଳାବାରି, କାରାଗାର, ଆଇନକାନୁନ ଏବଂ ଅତ୍ୟାଚାରମୂଳକ ହୁକୁମନାମା ଅପେକ୍ଷା ଏ ପ୍ରକାରର ଅନୁଭବ ଏବଂ ଅନୁଚିନ୍ତା କିନ୍ତୁ ଅଧିକ କ୍ଷମତାଶାଳୀ । ଏମାନଙ୍କର ସୂତ୍ରପାତଟା କ୍ଷୀଣ ହୋଇପାରେ କିନ୍ତୁ ଅନ୍ତିମଟା ହେଉଛି ପରାକ୍ରମଶାଳୀ । ନିରଙ୍କୁଶ ଶାସନର ଅତ୍ୟାଚାର ଆରମ୍ଭ ହୁଏ କିନ୍ତୁ ବଡ଼ ଜୋର୍‌ସୋରରେ, ମହା ଆଡ଼ମ୍ବର ସହକାରେ, ଶେଷ ପର୍ବଟା କିନ୍ତୁ ଦୁର୍ବଳ ହୋଇଯାଏ । ଭାବଧାରା ସର୍ବଦା ସେନାବାହିନୀ ଅପେକ୍ଷା ଶକ୍ତିଶାଳୀ, ସବୁଠୁ ଅଧିକ କ୍ଷମତାସମ୍ପନ୍ନ ଏବଂ ସବୁଠୁ ସୁସଙ୍ଗଠିତ, ସ୍ୱେଚ୍ଛାଚାରୀ ଶାସନ ଅପେକ୍ଷା ତାହା ଅଧିକ ଦୀର୍ଘସ୍ଥାୟୀ । ଗୋଟିଏ ଚିନ୍ତାଧାରାହିଁ ଫ୍ରାନ୍ସରେ ଶହ ଶହ ବର୍ଷର ସ୍ୱେଚ୍ଛାଚାରୀ ଶାସନକୁ ଗାଦିଚ୍ୟୁତ କରିଥିଲା ଆଉ ୟୁରୋପରେ କ୍ରାନ୍ତିକାରୀ ପରିବର୍ତ୍ତନ ସଂଘଟିତ କରିଥିଲା । ଏହାହିଁ ଥିଲା ଖାଲି ଗୋଟିଏ ଭାବପ୍ରବଣତା ଯାହା ବିରୋଧରେ ସ୍ପେନୀୟ ସୈନ୍ୟବାହିନୀର ଦୁର୍ଜେୟ ଶକ୍ତି ଏବଂ ସ୍ପେନୀୟ ଦମନଲୀଳାର ସଂଘବଦ୍ଧ ନିର୍ମମତା ନେଦର୍‌ଲ୍ୟାଣ୍ଡରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା, ଯାହା ପ୍ରଶାସନିକ ପ୍ରତିଭାକୁ, ସାମରିକ ଶକ୍ତିକୁ, ଆଉରଙ୍ଗଜେବଙ୍କର ଜିଦ୍‌ଖୋର ଶପଥକୁ ବ୍ୟର୍ଥ କରି ଦେଇଥିଲା; ଯାହା ଇଟାଲୀ ଉପରେ ଅଷ୍ଟ୍ରିଆର ଲୌହମୁଷ୍ଟିକୁ ଶିଥିଳ କରି ଦେଇଥିଲା । ଏଇ ପ୍ରକାରର ସକଳ ଦୃଷ୍ଟାନ୍ତରେ ବିଦ୍ରୋହାତ୍ମକ ଚିନ୍ତାଧାରାର ଅନ୍ତରାଳରେ ଥିବା ଦୈହିକ ସାମର୍ଥ୍ୟ ଏବଂ ସଙ୍ଗଠନ ଏତେ ନଗଣ୍ୟ ଯାହା ହାସ୍ୟରସରେ ଭରା ଉଦ୍ଦୀପନା ସୃଷ୍ଟି କରେ, ଅତ୍ୟାଚାରୀର କ୍ଷମତା ଏମିତି ଦୁର୍ଦମନୀୟଭାବେ ଅସମ୍ଭବ ରକମର ବଳବାନ୍ ହୋଇଉଠେ ଯେ ସମସ୍ତ ବିଚାରବନ୍ତ, ବିବେକବାନ୍, ନରମ ସ୍ୱଭାବସମ୍ପନ୍ନ ମହାମନୀଷୀମାନେ କେବଳ ଦେଖି ପାରନ୍ତି ପ୍ରତିରୋଧର ଚରମ ମୂର୍ଖାମିକୁ ଆଉ ଜାଗରଣର ଉଦ୍ୟମକୁ ପ୍ରାୟ ଗୋଟିଏ ଅପରାଧୀର ପାଗଳପଣ ବୋଲି କହି ଅପବାଦଟିଏ ସୃଷ୍ଟି କରି ବସନ୍ତି । କିନ୍ତୁ ଉକ୍ତ ବୈପ୍ଳବିକ ଭାବଧାରା ସହିତ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ ମଣିଷଟି ବିଚାରବନ୍ତ, ବିବେକବାନ୍ ନରମ ସ୍ୱଭାବସମ୍ପନ୍ନ ପୁରୁଷ ନୁହଁ; ସେ ଏକ ଚରମପନ୍ଥୀ, ଏକ ଦୁରାଗ୍ରହୀ ବ୍ୟକ୍ତି ହିସାବରେ ବିବେଚିତ ହୁଏ । ସେ ଜାଣେ ତା'ର ଭାବଧାରାର ବିଜୟ ହେଉଛି ନିଧାର୍ଯ୍ୟ, ସେ ଏକଥା ମଧ ଜାଣେ ଯେ ଏହି ଭାବଧାରାକୁ ଧାରଣ କରି ରଖିଥିବା ମଣିଷଟି, ଏମିତିକି ତା'ର ରିକ୍ତ ହସ୍ତରେ ସେ ହେଉଛି ଅଧିକ ଦୁର୍ଦ୍ଧର୍ଷ, କାରାଗାର ଓ ଫାଶୀକାଠ ଅପେକ୍ଷା, ନାନାବିଧ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ମଣିଷଗୁଡ଼ାକ ଆଉ ବିଧ୍ୱଂସୀ କମାଣ ଅପେକ୍ଷା । ସେ ଜାଣେ ଯେ ନୃଶଂସ ଶକ୍ତି ସହିତ ଲଢ଼େଇରେ ତା' ଅନ୍ତରାତ୍ମାର, ତା' ଭାବଧାରାର ବିଜୟ ସୁନିଶ୍ଚିତ । ରୋମ୍‌ର ସାମ୍ରାଜ୍ୟ ଆଉ ନାହିଁ, କିନ୍ତୁ ଯେଉଁ ଖ୍ରୀଷ୍ଟଧର୍ମକୁ ଏହା ଦମନ କରି ରଖିବାକୁ ମନବଳାଇ ଥିଲା ତାହା ''ସିଜର୍‌ଙ୍କୁ କେବେ ବି ମାଲୁମ ନଥିବା'' ପୃଥିବୀର ଅର୍ଦ୍ଧେକ ଅଞ୍ଚଳକୁ ଅଧିକାର କରି ବସିଛି । ଯେଉଁ ଇହୁଦୀକୁ ସମଗ୍ର ଜଗତ୍ ଉତ୍ପୀଡ଼ିତ କରି ଚାଲିଥିଲା ତାହା ବର୍ତ୍ତି ରହିଗଲା ଗୋଟିଏ ଭାବଧାରାର ପରାକ୍ରମରେ ଆଉ ବିଶ୍ୱର ଶ୍ରେଷ୍ଠ ଆସନଗୁଡ଼ିକ ମଧ୍ୟରେ ତା'ର ଆସ୍ଥାନ ବେଶ୍ ଜମେଇ ଦେଇଛି ଠିକ୍ ଚେସ୍ ଖେଳାଳୀ ପରି

ତା' ରାଜନୀତିର ଗୋଟିଗୁଡ଼ିକ ଚଳେଇ; ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱୀ ସାଜି । ସେ ମଧ୍ୟ ଜାଣେ ତା'ର ନିଜ ଜୀବନ ଆଉ ଅନ୍ୟମାନଙ୍କର ଜୀବନର ମୂଲ୍ୟ ବୋଲି କିଛି ନାହିଁ, ତା' ଭାବଧାରା ତୁଳନାରେ ସେଗୁଡ଼ିକ ସବୁ ଯେ ଧୂଳିକଣା ସଦୃଶ । ଏଇ ଭାବଧାରା ଆଉ ଆବେଗ ପ୍ରବଣତା ପ୍ରଥମେ ପ୍ରଥମେ କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ ନିକଟରେ ସୀମାବଦ୍ଧ ହୋଇ ରହିଥିଲା, ଯେଉଁମାନଙ୍କୁ ସେମାନଙ୍କର ପ୍ରତିବେଶୀ ତଥା ଦେଶବାସୀମାନେ ବାଚାଳ ଅବା ନିପଟ ନିର୍ବୋଧ, ଉଦ୍‌ଭ୍ରାନ୍ତ ବୋଲି ଉପହାସ କରନ୍ତି । କିନ୍ତୁ ଏହା କ୍ରମେ ପ୍ରସାରିତ ହୋଇଯାଏ ଆଉ ସାଉଁଟି ନିଏ ନିଜ ଅନୁଗାମୀମାନଙ୍କୁ ଯେଉଁମାନେ ଟୋଳି ଧରନ୍ତି ସେ ବହ୍ନିକୁ ପ୍ରଥମ ଧର୍ମଦୂତଗଣ ହିସାବରେ, ସୃଷ୍ଟି କରିଯାଏ ତା' ପ୍ରଚାରକବୃନ୍ଦଙ୍କୁ, ତା'ପରେ କର୍ମୀମାନଙ୍କୁ, ଯେଉଁମାନେ ତା' ଉପଦେଶଗୁଡ଼ିକୁ ଆଗେଇ ନେଇ ଯାଆନ୍ତି ଏଭଳି କଷ୍ଟସାଧ୍ୟ ପରିସ୍ଥିତି ଭିତର ଦେଇ ଯାହା ମଣିଷକୁ ଅସାଡ଼ କରିଦିଏ । ଏହି କାର୍ଯ୍ୟ ପାଇଁ ପ୍ରୟାସ ମଧ୍ୟ ଦେଇ ସେମାନଙ୍କୁ ଲିପ୍ତ ହେବାକୁ ପଡ଼େ ଲଢ଼େଇରେ କ୍ଷମତାସୀନ ଶକ୍ତି ସହିତ ଯାହାକୁ ଭାବଧାରାର ଆତଙ୍କ ଘାରି ପକାଏ ଆଉ ତା'ପରେ ଆରମ୍ଭ ହୋଇଯାଏ ଉତ୍ପୀଡ଼ନ । ଭାବଧାରା ସୃଷ୍ଟି କରି ଚାଲେ ତା'ର ସହିଦମାନଙ୍କୁ ଆଉ ସହିଦତ୍ୱ ଭିତରେହିଁ ରହିଛି ଅତୁଳନୀୟ ଅଧ୍ୟାତ୍ମ୍ ଚୁମ୍ବକୀୟ ଶକ୍ତି ଯାହା ଅତି ଅଲୌକିକ କାର୍ଯ୍ୟାବଳୀ ସାଧନ କରିଯାଏ । ସମଗ୍ର ରାଷ୍ଟ୍ର, ବିଶ୍ୱ ସମୁଦାୟ ସେଇ ବହ୍ନିର ପିଣ୍ଡୁଳାଟିକୁ ଧରି ନିଅନ୍ତି ଯାହା ଦିନେ ମୁଷ୍ଟିମେୟ ମଣିଷଙ୍କ ଅନ୍ତର ଭିତରେ ଦିକ୍ ଦିକ୍ ହୋଇ ଜଳୁଥିଲା; ସହିଦର ଶୋଣିତକୁ ପାନ କରି କରି ମାଟି ଅଭିମନ୍ତ୍ରିତ ହୋଇଉଠେ ଏକ ଅପୂର୍ବ ଦିବ୍ୟ ଉନ୍ମାଦନାରେ ଯାହାର ଉଚ୍ଛ୍ୱାସକୁ ସେ ଆଣି ଭରିଦିଏ ତା' ଆପଣାର ସନ୍ତାନଗଣଙ୍କ ଅନ୍ତରରେ, ଯେପର୍ଯ୍ୟନ୍ତ ସେଠାରେ କେବଳ ଗୋଟିଏ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାରକାରୀ ଆଦର୍ଶବୋଧର ପ୍ରତିଷ୍ଠା ନହୋଇଛି, ଯେପର୍ଯ୍ୟନ୍ତ ସଭିଙ୍କ ମାନସପଟରେ ଏକ ଅନିର୍ବାପିତ ଅଟଳ ସଂକଳ୍ପ ମୁଦ୍ରିତ ନ ହୋଇଛି ଯାହା ନିକଟରେ ସବୁକିଛି ଆଗ୍ରହ, ସବୁକିଛି ଆଶା ଅତି ତୁଚ୍ଛ ହୋଇପଡ଼େ ଆଉ ଯେପର୍ଯ୍ୟନ୍ତ ଏହା ପୂର୍ଣ୍ଣ ରୂପେ ସମ୍ପନ୍ନ ନ ହୋଇଛି ମୁହୂର୍ତ୍ତକ ପାଇଁ ଶାନ୍ତି ଅବା ବିଶ୍ରାମର ଅବସର ନାହିଁ, ତାହା ଭୂଖଣ୍ଡ ପାଇଁ ହେଉ ଅବା ସେଇ ଭୂଖଣ୍ଡର ଶାସକବର୍ଗଙ୍କ ପାଇଁ ହେଉ । ଠିକ୍ ଏଭଳି ଗୋଟିଏ ମୁହୂର୍ତ୍ତରେହିଁ ଭାବଧାରା ସୃଷ୍ଟି କରି ଚାଲେ ତା'ର ବୀରପୁଙ୍ଗବ ଓ ଯୋଦ୍ଧାଗଣଙ୍କୁ ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ସଂଖ୍ୟା ଆଉ ଅଦମ୍ୟ ସାହସ ପରାଭୂତ କରେ ଅସଂଖ୍ୟକୁ ଓ ଦୃଢ଼ୀଭୂତ କରି ଚାଲେ ଉଗ୍ର ଭାବଧାରା ରୂପରେ ନିଜକୁ ବିଜୟଶ୍ରୀ ବିମଣ୍ଡିତ ଭାବଧାରାରେ ପରିଣତ ନକଲା ପର୍ଯ୍ୟନ୍ତ । ଭାବଧାରାର ଏହାହିଁ ହେଉଛି ଇତିହାସ, ବିସ୍ତୃତ ଗତିପଥ ଭିତରେ ତାହା ଏଭଳି ଅପରିବର୍ତ୍ତନୀୟ ଯେ ସ୍ପଷ୍ଟତଃ ଦେଖିବାକୁ ଗଲେ ତାହା ଏକ ପ୍ରାକୃତିକ ନିୟମାଧୀନ କାର୍ଯ୍ୟଧାରା ।

କିନ୍ତୁ ଏହି ଉତ୍କର୍ଷତାକୁ ଏକଚ୍ଛତ୍ରବାଦ କେବେହେଲେ ସ୍ୱୀକାର କରିବ ନାହିଁ, ତା' ପାଖରେ ଇତିହାସ ଲବ୍ଧ ଶିକ୍ଷାଗୁଡ଼ିକର ମର୍ମ କିଛି ନାହିଁ । ନିଜ କ୍ଷମତାର ଆଡ଼ମ୍ବର ଓ ଗାରିମାରେ ସେ ଝଲସି ଉଠେ, ନିଜ ଦୁର୍ଜେୟ ପରାକ୍ରମର ବୋଧରେ ସେ ବିମୋହିତ ହୋଇପଡ଼େ ସ୍ୱାଭାବିକ ରୂପେ, କାରଣ ତା' ନିଜ କ୍ଷମତାର ନିଦର୍ଶନ ଓ ପ୍ରମାଣଗୁଡ଼ିକ ଦୃଶ୍ୟମାନ ଓ ସ୍ପର୍ଶଗ୍ରାହ୍ୟ ହୁଏ ତା' ଶିବିରଗୁଡ଼ିକରେ ଆଉ ଅସ୍ତ୍ରଶସ୍ତ୍ରର ସାଜସଜ୍ଜାରେ, କୋଟି କୋଟି, ଲକ୍ଷ ଲକ୍ଷ ଅର୍ଥଶ୍ରାଦ୍ଧରେ ଯାହାକୁ ତା'ର ଟିକସ ସଂଗ୍ରାହକମାନେ ଅସହାୟ ଜନସାଧାରଣଙ୍କ ଠାରୁ ନିଗାଡ଼ି ଆଣନ୍ତି, କମାଣଗୁଡ଼ିକର ବିଶାଳ ଧାଡ଼ିଗୁଡ଼ିକରେ ଏବଂ ସମର ସରଞ୍ଜାମଗୁଡ଼ିକରେ ଯାହା ପରିପୂର୍ଣ୍ଣ କରି ରଖିଛି ତା'ର ବିପୁଳ ଅସ୍ତ୍ରାଗାରଗୁଡ଼ିକୁ, ତା' ଶାସନତନ୍ତ୍ରର ସୁସଂହତ ତଥା ଦ୍ରୁତ କାର୍ଯ୍ୟକ୍ଷମ ସଙ୍ଗଠନରେ, କାରାଗାରରେ, ଯାହା ଭିତରକୁ ସେ ସେଇ ଚିନ୍ତାଧାରାର ମଣିଷମାନଙ୍କୁ ତରବରରେ ବୋହି ନେଇଯାଏ । ତା'ର ଅତ୍ୟାଚାରଜନିତ ପଦକ୍ଷେପଗୁଡ଼ିକର ସାମୟିକ ବିଜୟ ଦ୍ୱାରା ମଧ୍ୟ ସେ ପ୍ରତାରିତ ହୋଇଯାଏ । ହାତରେ ସାଞ୍ଜୁପିନ୍ଧି ସେ ଆଘାତ କରେ ଏବଂ ଗୋଟିଏ ମାତ୍ର ପ୍ରହାରରେ ଜନସମୁଦ୍ରର ଉତ୍ତାଳ ଜୁଆର ତୃଣସମ ବିକ୍ଷିପ୍ତ ହୋଇଯାଏ; ତା'ର ଶକ୍ତି ଆଉ ସ୍ୱାଚ୍ଛନ୍ଦ୍ୟଭରା ଶିଖର ଦେଶରୁ ସିଏ କୁଳିଶ ନିକ୍ଷେପ କରେ ଓ ବିଶାଳ ଭୂଖଣ୍ଡର ଜନରବ, କୋଳାହଳ ମୃତ୍ୟୁସମ ନିସ୍ତବ୍ଧତା ଭିତରେ ବୁଡିଯାଏ; କିଂବା ତା'ର ଫାଶୀକାଷ୍ଠଗୁଡ଼ିକରେ ଧାଡ଼ି କରି ବିଦ୍ରୋହୀମାନଙ୍କୁ ଝୁଲାଇ ଦିଏ କିଂବା ଶହ ଶହ ସଂଖ୍ୟାରେ ସେମାନଙ୍କର ମସ୍ତକଗୁଡ଼ିକୁ ତା'ର ମେସିନ୍‌ଗନ୍ ସାହାଯ୍ୟରେ ଭୂଲୁଣ୍ଠିତ କରିଦିଏ ଏବଂ ତା'ପରେ ନିଜେ ସୃଷ୍ଟି କରିଥିବା ଧ୍ୱଂସସ୍ତୂପ ମଝିରେ ସଳଖ ହୋଇ ଛିଡ଼ା ହୁଏ ଆଉ ଭାବେ ''ଉତ୍ତେଜନା ସରିଗଲା, ଏଣିକି ଆଉ ଭୟ କରିବାର ନାହିଁ, ମୋ ଶାସନ ସ୍ଥାୟୀ ହୋଇ ରହିବ ଚିରଦିନ ପାଇଁ; ମୁଁ ଯାହାକିଛି କରି ଯାଇଛି ଅବା ଯେଉଁ

ରକ୍ତପାତ କରିଛି ସ୍ୱୟଂ ଭଗବାନ୍ ମଧ୍ୟ ତା'ର ହିସାବ ରଖି ପାରିବେ ନାହିଁ।'' କିନ୍ତୁ ସେ ଜାଣି ପାରେନି ଯେ ବିଧିର ନିର୍ଦ୍ଦେଶ ତା' ବିରୋଧରେ ଯାଇଛି, ''ନିର୍ବୋଧ ତୁମେ ! ଏହି ଅନ୍ଧକାର ଭିତରେ ତୁମର ଅନ୍ତରାତ୍ମା ତୁମ ପାଇଁ ଏକାନ୍ତ ପ୍ରୟୋଜନୀୟ ହୋଇ ଉଠିବ।'' କାରଣ ଯେଉଁ ମହାଶକ୍ତି ବିଶ୍ୱକୁ ଶାସନ କରୁଛି ତା' ପାଇଁ ଗୋଟିଏ ଦିନ ପଚାଶ ବର୍ଷ ସହିତ ସମାନ। ସମୟଟା ବିସ୍ତୃତ ହୋଇ ପଡ଼ିଛି ସେଇ ମହାପ୍ରଭୁଙ୍କର ଇଚ୍ଛାନୁସାରେ, କିନ୍ତୁ ବର୍ତ୍ତମାନ ହେଉ କିଂବା ପରେ ହେଉ ଭାବଧାରାର ବିଜୟ ଯେ ନିର୍ଧାର୍ଯ୍ୟ, କାରଣ ସେହିଁ ମଣିଷମାନଙ୍କର ମନ ଭିତରକୁ ଏହାକୁ ପ୍ରେରଣ କରିଛନ୍ତି ଯାହା ଫଳରେ ତାଙ୍କରି ଉଦ୍ଦେଶ୍ୟହିଁ ସିଦ୍ଧ ହୋଇ ପାରିବ।

କାହାଣୀ ଏତେ ପୁରୁଣା, ଏତେ ଥର ତା'ର ପୁନରାବୃତ୍ତି ହୋଇ ସାରିଲାଣି ଅଥଚ ଆଶ୍ଚର୍ଯ୍ୟ ଲାଗେ ଯେ ଏଇ ଭ୍ରାନ୍ତିଟି ତଥାପି ସେମିତି ବଳବତ୍ତର ରହିବା ସଙ୍ଗେ ସଙ୍ଗେ ନିଜକୁ ବାରଂବାର ଦୋହରେଇ ଚାଲିଥିବ। ଗୋଟିକର ଅବସାନ ଘଟିଲେ ତା'ର ପରବର୍ତ୍ତୀ ଏମିତି ପ୍ରତ୍ୟେକଟି ସ୍ୱେଚ୍ଛାଚାରୀ ଶାସକ ଚିନ୍ତା କରିବାକୁ ଲାଗେ, ''ଓଃ, ମୋ କ୍ଷେତ୍ରରେ ପରିସ୍ଥିତିଗୁଡ଼ିକ ଯେ ନିହାତି ଭିନ୍ନ, ଇତିହାସରେ ଅଦ୍ୟାବଧି ଲିପିବଦ୍ଧ ହୋଇଥିବା ଯେକୌଣସି ଶାସନ ଠାରୁ ମୋ ଶାସନଟା ହେଉଛି ସ୍ୱତନ୍ତ୍ର, ବେଶ୍ ଶକ୍ତିଶାଳୀ, ଅଧିକ ସଦ୍‌ଗୁଣସମ୍ପନ୍ନ ଓ ନୀତିବାନ୍, ଉନ୍ନତ ଭାବେ ସଙ୍ଗଠିତ। ମୁଁ ହେଉଛି ଭଗବାନଙ୍କର ପ୍ରିୟ ଓ ମୋର କୌଣସି ଅନିଷ୍ଟ ସମ୍ଭବ ହୋଇ ପାରିବ ନାହିଁ।'' ଆଉ ଏହିପରି ପୁରୁଣା ନାଟକ ପୁଣି ମଞ୍ଚସ୍ଥ ହୁଏ, ଅଭିନୀତ ହୋଇଚାଲେ ସେଇ ଚିରାଚରିତ ଘୋର ବିପର୍ଯ୍ୟୟରେ ଉପନୀତ ହେବା ପର୍ଯ୍ୟନ୍ତ। ସମଗ୍ର ଜଗତରେ ପରିବ୍ୟାପ୍ତ କ୍ଷମତା ଓ ଭୌତିକ ସମୃଦ୍ଧିର ଗାରିମା ଗ୍ରାସ କରି ରଖିଛି ଏହି ବ୍ରିଟିଶ ଜାତିକୁ। ଇଜିପ୍ଟରେ, ଭାରତରେ, ଆୟର୍ଲାଣ୍ଡରେ, ଆଧୁନିକ ଯୁଗର ଉଗ୍ର ସୁଧାରବାଦୀ (Radicals) ସରକାର ଗୋଟିଏ ଦମନ ନୀତି ପାଇଁ ନିଜକୁ ଶକ୍ତିଶାଳୀ କରି ଚାଲିଛି। ସେ ଭାବୁଛି ଯେ ଇଂଲଣ୍ଡର ପ୍ରଭାବ ସେଠି ପଡ଼ିଲେ ସମସ୍ତ ଉତ୍ତେଜନାର ପରିସମାପ୍ତି ଘଟିବ। ତଥାପି କେବଳ ତର୍ଜମା କରି ଚାଲନ୍ତୁ, ଏମତି କେତେ କେତେ ଭାବଧାରାର ଅଭ୍ୟୁଦୟ ଘଟୁଛି ଯାହା ବ୍ରିଟିଶ ଏକଛତ୍ରବାଦକୁ ସେମାନଙ୍କର ପ୍ରମୁଖ ବିରୋଧୀ ଭାବେ ବିବେଚନା କରିଛି। ଏକ ମୁକ୍ତ ଏବଂ ଆତ୍ମକୈନ୍ଦ୍ରିକ ଆୟର୍ଲାଣ୍ଡର ଭାବଧାରା ପୁଣି ଜନ୍ମ ନେଇଛି ଏବଂ ଫିଜରାଲ୍ଡ ଓ ଇମ୍ମେଟଟ୍ (Fitzerald and Emmett)ର ଆତ୍ମା ପୁନର୍ବାର ଆବିର୍ଭୂତ ହୋଇଛନ୍ତି। ସ୍ୱାଧୀନ ଇଜିପ୍ଟର ଧାରା ଏବଂ ବିଶ୍ୱବ୍ୟାପୀ ସମୁଦାୟ ଇସଲାମିକ ଭାବଧାରା ଫାରୋ (Pharaohs)ଙ୍କ ରାଜ୍ୟରେ ଉଭୟେ ପରସ୍ପର ସହିତ ହାତ ମିଳେଇଛନ୍ତି। ଗୋଟିଏ ସ୍ୱାଧୀନ ତଥା ଐକ୍ୟବଦ୍ଧ ଭାରତ ଗଠନର ଭାବଧାରା ଜନ୍ମ ଲାଭ କରିବା ସଙ୍ଗେ ସଙ୍ଗେ ଋଷିମାନଙ୍କ ପୀଠରେ ପଦାର୍ପଣ କରିଛି ତା'ର ପୂର୍ଣ୍ଣ ବିକଶିତ ମହିମାକୁ ଧରି ଆଉ ତା'ର ପଛେ ପଛେ ବିଶ୍ୱ ପାଇଁ ଜରୁରୀ ହୋଇ ପଡ଼ିଥିବା ଏକ ମହାନ୍ ସଭ୍ୟତାର ଆଧ୍ୟାତ୍ମିକ ପ୍ରଖରତା ଠୁଳ ହେବାରେ ଲାଗିଛି। ଇଂଲଣ୍ଡ କ'ଣ ଏହି ଭାବଧାରାଗୁଡ଼ିକୁ ଉତ୍‌ପୀଡ଼କ ତଥା ଦମନମୂଳକ ଆଇନ ପ୍ରୟୋଗ କରି ନଷ୍ଟ କରି ଦେଇପାରିବ ? ଆହୁରି ସେ କ'ଣ ସେଗୁଡ଼ିକୁ ତା'ର ନୀତିବାକ୍ୟ ଏବଂ କମାଣ ସାହାଯ୍ୟରେ ଧ୍ୱଂସ କରି ପାରିବ ? କିନ୍ତୁ ବିଜ୍ଞଜନଙ୍କର ଆଖିରେ ପଟି ବାନ୍ଧି ଦିଆଯାଇଛି ଯାହା ଦ୍ୱାରା ସେମାନେ ଆଉ ଦେଖି ପାରିବେ ନାହିଁ। ଏବଂ ସେମାନଙ୍କର ମନକୁ କିଂକର୍ତ୍ତବ୍ୟବିମୂଢ଼ କରି ଦିଆଯାଇଛି। ତେଣୁ ସେମାନେ କିଛି ବୁଝିବା ଉଚିତ ନୁହେଁ, ଭବିତବ୍ୟ ତା'ର ନିର୍ଦ୍ଧାରିତ ଗତିପଥକୁ ଅନୁସରଣ କରି ଚାଲିବ ବିଧିନିର୍ଦ୍ଦିଷ୍ଟ ପରିଣତି ପର୍ଯ୍ୟନ୍ତ।

## ହାସ୍ୟରସଭରା ଅପେରା ଏ ସଂସ୍କାରଗୁଡ଼ିକ

ମି. ମୋର୍ଲେ ନିଜେ ନିର୍ଣ୍ଣୟ କରି ସାରିଛନ୍ତି ଏବଂ ଭାରତରେ ଯେ ରାଜନୈତିକ ଜୀବନର ଅବସ୍ଥାଗୁଡ଼ିକ ଯଥାର୍ଥଭାବେ ପୂର୍ବବତ୍ ରହିବ ଏଇ ସନ୍ତୋଷଜନକ ଦୃଢ଼ ବିଶ୍ୱାସର ବଶବର୍ତ୍ତୀ ହୋଇ ଦୀର୍ଘ ଦିନରୁ ପ୍ରତ୍ୟାଶୀ ଜଗତ୍ ତା'ର ଚିରାଚରିତ ଧନ୍ଦାରେ ହୁଏତ ବ୍ୟସ୍ତ ରହିଯାଇପାରେ। ଗୋଟିଏ ନିରଙ୍କୁଶ ତଥା ବ୍ୟକ୍ତିଗତ ଶାସନ ଅଧୀନରେ ରହି ସ୍ୱାୟତ୍ତ ଶାସନ ପାଇଁ ପଥ ପରିଷ୍କାର କରିବା ଆଉ ଭାରତୀୟ ଅସନ୍ତୋଷକୁ ଥମେଇ ଦେବା ଉଦ୍ଦେଶ୍ୟରେ ଯେଉଁସବୁ ସଂସ୍କାର ଗ୍ରହଣ କରାଯିବ ସେ ସମ୍ପର୍କରେ ଅନେକ କିଛି ଆଲୋଚନା ହେଉଛି, ଯାହା ଆମେ ଜାଣିଛୁ। ଚାଲନ୍ତୁ, ଏହି ମୂଲ୍ୟବାନ୍ ଓ ଅପାର ବରଦାନ ସମ୍ପର୍କରେ ବସି ଗୋଟି ଗୋଟି ବିଚାର ବିମର୍ଷ କରିବା। ସଂଖ୍ୟା ସେମାନଙ୍କର ତିନି, ଅଦ୍ଭୁତ ବିସ୍ମୟର ଏଇ ତିନି ଜଣିଆ ଦଳ : ଲବ୍ଧ ପ୍ରତିଷ୍ଠ ବ୍ୟକ୍ତି ବିଶେଷଙ୍କର ଗୋଟିଏ

ଉପଦେଷ୍ଟାମଣ୍ଡଳୀ, ପରିବର୍ଦ୍ଧିତ ବିଧାନ ଓ ପ୍ରାଦେଶିକ ପରିଷଦମାନ, ଭାରତୀୟ ପରିଷଦରେ ଜଣେ କିଂବା ଦୁଇଜଣ ଭାରତୀୟଙ୍କୁ ସ୍ୱୀକୃତି ମିଳିଛି ।

ଲବ୍ଧପ୍ରତିଷ୍ଠ ବ୍ୟକ୍ତି ବିଶେଷଙ୍କର ଗୋଟିଏ ଉପଦେଷ୍ଟା ମଣ୍ଡଳୀ – ଆମ ମାନସ ଚକ୍ଷୁରେ ଏହାକୁ ଆମେ ଦେଖି ପାରିବା । ଢାକାର ନବାବ, ଦରଭଙ୍ଗାର ମହାରାଜା, କୁଚ୍‌ବିହାର (Coochbehar), ଏବଂ କାଶ୍ମୀରର ମହାରାଜାମାନେ, ନଭ (Nabha)ର ରାଜା, ସାର୍ ହରନାମ ସିଂ, ଅନ୍ୟ କେତେଜଣ ରାଜା ମହାରାଜା (ବରୋଦାର ମହାରାଜାଙ୍କୁ ଅନ୍ତର୍ଭୁକ୍ତ ନ କରି) ଡ. ରାସବିହାରୀ ଘୋଷ, ବିଚାରପତି ମି. ମୁଖାର୍ଜୀ, ପର୍ଯ୍ୟାପ୍ତ ସଂଖ୍ୟାର ୟୁରୋପୀୟ ଅଣସରକାରୀ କର୍ମଚାରୀ, ବମ୍ବେର ଛତ୍ରଧାରୀ ସାମନ୍ତ ଗଣ ଇତ୍ୟାଦି, ଇତ୍ୟାଦି, ତା' ସାଙ୍ଗକୁ ପୁଚ୍ଛ ସଦୃଶ ଦୃଷ୍ଟି ଆକର୍ଷଣ କରି ରହିଛନ୍ତି ମି. ଗୋଖ୍‌ଲେ ସେମାନଙ୍କ ମଧ୍ୟରୁ ସବୁଠୁ କମ୍ ବିପଜ୍ଜନକ ଜଣେ ବ୍ୟକ୍ତି ହିସାବରେ ଯାହାଙ୍କୁ ମି. ମୋର୍ଲେ ଥଙ୍ଗେଇ ଥଙ୍ଗେଇ ନିଶ୍ଚୟ ''ଆମମାନଙ୍କର ଶତ୍ରୁ'' ବୋଲି ସମ୍ବୋଧନ କରିବା ପାଇଁ ମନରେ ପାଞ୍ଚୁ ଥିଲେ । ଏହି ଖ୍ୟାତିସମ୍ପନ୍ନ ସମାବେଶର ପ୍ରଧାନ କାର୍ଯ୍ୟ ତା'ହେଲେ କ'ଣ ହେବ ? ରାଷ୍ଟ୍ରର ଦୃଷ୍ଟିଭଙ୍ଗୀ କ'ଣ ହେବ ଏହା ସେକଥାକୁ ଖୋଜି ବାହାର କରିବ (ଗୋଟିଏ ଭାରି ଅଖାଡୁଆ ପ୍ରେସ ଅପେକ୍ଷା ନିଃସନ୍ଦେହରେ ଯାହା ଉପରେ ସଭ୍ୟମାନଙ୍କର ଅଧିକ ଉନ୍ନତ କର୍ତ୍ତୃତ୍ୱ ରହିବ) ଏବଂ ସରକାରଙ୍କୁ ଜଣାଇବ; ସେ ମଧ୍ୟ ସରକାରର ଅର୍ଥକୁ ଖୋଜି ବାହାର କରିବ (ଯଦି ତାହା ମଣିଷ ଦ୍ୱାରା ସମ୍ଭବପର ହୁଏ) ଓ ଦେଶକୁ ଅବଗତ କରାଇବ । ଜଣେ ରାଜ୍ୟ ସଚିବଙ୍କୁ ଉପହାସ କଲେ ତାହା ରାଜଦ୍ରୋହାତ୍ମକ ହେବ ବୋଲି ଆମେ ଭାବି ନେଉଛୁ, କାରଣ ଆଇନ ବଳରେ ପ୍ରତିଷ୍ଠିତ ସରକାରଙ୍କର ସେ କ'ଣ ଅଂଶ ବିଶେଷ ନୁହନ୍ତି ? ତେଣୁ ଆମେ କେବଳ ଏତିକି କହିବୁ ଯେ ଲବ୍ଧ ପ୍ରତିଷ୍ଠ ବ୍ୟକ୍ତିମାନଙ୍କର ବାସ୍ତବିକ ଏଇ କୌତୁକଭରା ପରିଷଦଟି ଏବେ ବି ତା'ର ଆହୁରି ହାସ୍ୟୋଦ୍ଦୀପକ କାର୍ଯ୍ୟକଳାପ ଭିତରେ ହେଉଛି ଗିଲ୍‌ବର୍ଟ୍ ଏବଂ ସୁଲ୍ଲିଭାନ୍‌ଙ୍କ ଦ୍ୱାରା ହୋଇଥିବା ଗୋଟିଏ ପ୍ରହସନ କିନ୍ତୁ ଅସନ୍ତୋଷରେ ଉଦ୍‌ବେଳିତ ତଥା ପ୍ରାରମ୍ଭିକ ବିପ୍ଳବର ପ୍ରସବ ବ୍ୟଥାରେ ଜର୍ଜରିତ ହୋଇ ପଡ଼ିଥିବା ଗୋଟିଏ ଭାରତ ବର୍ଷ ନୁହେଁ ।

'ସଂପ୍ରସାରିତ' ବିଧାନ ପରିଷଦଗୁଡ଼ିକ ଉପରେ ଆମର ସେମିତି କିଛି କହିବାର ନାହିଁ । ସେଗୁଡ଼ିକର ଗଠନ ସଂକ୍ରାନ୍ତରେ ମି. ମୋର୍ଲେ ଆମକୁ ଅବଗତ କରେଇ ନାହାନ୍ତି କିନ୍ତୁ ସେ ସ୍ୱଷ୍ଟ ଭାବରେ ଆମକୁ କହି ଦେଇଛନ୍ତି ଯେ ସରକାରୀ କର୍ମକର୍ତ୍ତାଙ୍କ ସଂଖ୍ୟା ଗରିଷ୍ଠତାକୁ ବଜାୟ ରଖାଯିବ – ଏହା ହେଉଛି ଏକ ସମ୍ବାଦର ନମୁନା ଯାହାକୁ 'ବେଙ୍ଗଲୀ'ର ନିଜ ସମ୍ବାଦଦାତାମାନେ କୋଲୁତୋଲା (Colootola)କୁ ପଠେଇବା ପାଇଁ ପାସୋରି ଦେଇଥିଲେ । ସେଇତକହିଁ ଯଥେଷ୍ଟ, କାରଣ ଅସଲ ମର୍ମଟି ହେଲା ବିଧାନ ପରିଷଦଗୁଡ଼ିକ (Legislative Councils) ପୂର୍ବରୁ ଯାହା ଯେମିତି ଥିଲା ତା' ଅପେକ୍ଷା ଅଧିକ ବୃହଦାକାର ଯଥାର୍ଥରେ ହେବା କଥା । ନିଜ ନିଜ ବ୍ୟାପାରଗୁଡ଼ିକର ପରିଚାଳନା କ୍ଷେତ୍ରରେ ପ୍ରତିରୋଧର କୌଣସି ଫଳପ୍ରଦ ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କୁ ସୁବିଧା ଦିଆଯିବନି । ପୂର୍ବରୁ ଆମେ ଏଇ ଛଳକପଟ କଥାମାନ ଆକର୍ଷଣୀୟ ରୀତିରେ ଉପସ୍ଥାପିତ କରିଥିଲୁ; ସେଗୁଡ଼ିକ ଆହୁରି ବିରାଟ କପଟତାର ଆକୃତି ଧାରଣ କରିବାକୁ ବସିଲାଣି, ତାହା ପ୍ରତିଭାତ ହେବ ଆହୁରି ସମୁଜ୍ଜ୍ୱଳ ରୂପ ନେଇ, ସେଗୁଡ଼ିକୁ ଆହୁରି ଚକଚକିଆ କରି ପରିସ୍ଫୁଟ କରି ଦିଆଯିବ କିନ୍ତୁ ତେବେ ବି ତାହା ଛଳନା କପଟତାରେ ପରିପୂର୍ଣ୍ଣ ବ୍ୟତୀତ ଆଉ କିଛି ନୁହେଁ, କେବଳ ଛଳକପଟ ଭରା ସୁଆଙ୍ଗ ।

ଶେଷରେ ମି. ମୋର୍ଲେ କହିଛନ୍ତି, ବର୍ତ୍ତମାନ ସମୟ ଆସିଛି ଭାରତୀୟ ପରିଷଦରେ ଜଣେ କିଂବା ଏପରିକି ଦୁଇଜଣ ଭାରତୀୟଙ୍କୁ ଅନ୍ତର୍ଭୁକ୍ତ କରିବା ବାସ୍ତବିକ ନିରାପଦ ହେବ (ତା'ହେଲେ ବେପରୁଆ ଓ ଦୁଃସାହସୀ କାହାକୁ କହନ୍ତି !) । ସତେ କି ? ବର୍ଷେ ଅବା ଦୁଇ ବର୍ଷ ପୂର୍ବେ ଆମେ ଯାହା ମନେ କରୁଛୁ, ଏଇଟା ଅତ୍ୟନ୍ତ ବିପଜ୍ଜନକ ହୋଇଥା'ନ୍ତା, – ପ୍ରକୃତରେ ଗୋଟିଏ ଆକସ୍ମିକ ଚଞ୍ଚଳତାରେ ସାମ୍ରାଜ୍ୟଟି ଭୂତଳଶାୟୀ ହୋଇ ଥାଆନ୍ତା । ତା'ହେଲେ ମି. ରମେଶ ଦତ୍ତ ଏବଂ ବିଚାରପତି ଅମୀର୍ ଅଲ୍ଲିଙ୍କ ପ୍ରତ୍ୟାଶାଗୁଡ଼ିକ ପୂରଣ ହୋଇପାରେ ଏବଂ ଭାରତୀୟ ପରିଷଦ ଭିତରେ ଦୁଇଜଣ ଭାରତୀୟଙ୍କ ତୁଣ୍ଡ ଶୁଣିବାକୁ ପାଇବା । ଆମେ ତାଙ୍କର ଶୁଭ ମନାସୁଛୁ; କିନ୍ତୁ ସେମାନେ ଟିମ୍ବକ୍‌ଟୁ (Timbuctoo) କିଂବା ଆଣ୍ଡାମାନ୍ ଦ୍ୱୀପପୁଞ୍ଜରେ ରହିପାରନ୍ତି, ତା'ହେଲେ ସେମାନଙ୍କର କାଣ୍ଡଜ୍ଞାନ ଠିକ୍ ରହିବ, ସେମାନେ ଭାରତର ସମ୍ପୂର୍ଣ୍ଣ ଉପକାରରେ ଲାଗିବେ । ବାସ୍ତବିକ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ରହିଲେ ସମ୍ଭବତଃ ସେମାନେ ଢେର୍ ଅଧିକ ଉପଯୋଗୀ ହେବେ ।

ମି. ମୋର୍ଲେଙ୍କ ସଂସ୍କାରଗୁଡ଼ିକ ଏଭଳି ପ୍ରହସନରେ

ପରିପୂର୍ଣ୍ଣ ଓ ହାସ୍ୟୋଦ୍ଦୀପକ ଯେ ସେସବୁକୁ ଗୁରୁତ୍ୱର ସହକାରେ ଆଲୋଚନା କରିବା ଅସମ୍ଭବ ବୋଲି ଆମେ ଅନୁଭବ କରୁଛୁ । ତେବେ ବି ସେଗୁଡ଼ିକର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି । ସକଳ ଏକଚ୍ଛତ୍ରବାଦ ଶାସନ ପରି ସେଇ ଗୋଟିଏ ରକମର ଦୁର୍ଗତି ଭିତରେ ବୁଡ଼ି ଯାଇଥିବା ବ୍ରିଟିଶ ଏକଚ୍ଛତ୍ରବାଦ ମଧ୍ୟ ଗ୍ରୀକ୍ ଦେଶର କେଉଁ ପାତାଳପୁରୀସ୍ଥ ଭୟଙ୍କର ଦେବତା (Demagorgon) ଆଡ଼କୁ ସମୟ ଅତିକ୍ରାନ୍ତ ତଥା ବର୍ତ୍ତମାନ ପାଇଁ ଅନାଦରଣୀୟ ତରଳ ଭୋଜ୍ୟ ସମ କିଛି ପଦାର୍ଥକୁ ଉତ୍କୋଚ ସ୍ୱରୂପ ନିକ୍ଷେପ କରି ଯୁଗଯୁଗାନ୍ତରରୁ ଅନୁସୃତ ତା'ର ନିରର୍ଥକ ପ୍ରୟାସ ରଚି ଚାଲିଛି ଅସଲ ପ୍ରଶ୍ନର ଗୋଟିଏ ମୀମାଂସାକୁ ଏଡ଼ିଯିବା ଉଦ୍ଦେଶ୍ୟରେ । ପ୍ରସଙ୍ଗର ଏହି ଦିଗଟିକୁ ଏହାପରେ ଆମେ ମୁହଁ ଫେରେଇବା ।

## ବିପରୀତଧର୍ମୀ ଉପଦେଶ

ବଙ୍ଗବାସୀ କଲେଜର ଅଧ୍ୟକ୍ଷ ତଥା ସ୍ୱତ୍ୱାଧିକାରୀ ମି. ଜି. ସି. ବୋଷ ଛୋଟିଆ ସନ୍ତକଟିଏ ଦେଇ ଲେଖାଟିଏ ପ୍ରକାଶ କରିଛନ୍ତି 'ବଙ୍ଗବାସୀ'ରେ ଯହିଁରେ ଛାତ୍ର ଓ ଅଭିଭାବକମାନଙ୍କର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ କର୍ତ୍ତବ୍ୟ କ'ଣ ତାକୁ ସେ ତାଙ୍କ ବିଚାରଧାରା ଅନୁସାରେ ଗୁରୁତ୍ୱର ସହିତ ଲିପିବଦ୍ଧ କରିଛନ୍ତି । ମି. ବୋଷ ହେଉଛନ୍ତି ଜଣେ ଖାଣ୍ଟି ଏବଂ ସାଦାସିଧା ଶିକ୍ଷାବିତ୍, କେବେ ବି ନିଜକୁ ସାମିଲ କରି ନାହାନ୍ତି ରାଜନୀତିରେ ଯାହା ଅନ୍ୟ ଏକ ଜଣାଶୁଣା ଅଧ୍ୟକ୍ଷ କରିଥିଲେ ଓ ରାଜନୀତି ବିରୋଧରେ ଯାହାଙ୍କର ସାପ୍ତାହିକୀ ବିକ୍ଷୋଦ୍‌ଗାରଗୁଡ଼ିକ ହେଉଛି ଅଧିକ ଉଲ୍ଲେଖନୀୟ କେବଳ ଶୈଳୀ ପାଇଁ କିନ୍ତୁ ବିଷୟବସ୍ତୁ ପାଇଁ ନୁହେଁ । ତେବେ ଏହି ପ୍ରଶ୍ନଟିର ଶିକ୍ଷଣୀୟ ଦିଗ ଭିତରେ ଆଉ ଛାତ୍ରମାନଙ୍କୁ ଯେତିକି ଦୂର ପର୍ଯ୍ୟନ୍ତ ରାଜନୀତିରେ ଅଂଶ ଗ୍ରହଣ କରିବା ପାଇଁ ଅନୁମତି ଦିଆଯାଇ ପାରିବ ସେତିକିରେ ମି. ବୋଷ ଯଦି ନିଜକୁ ଆବଦ୍ଧ ରଖି ଥାଆନ୍ତେ ତା'ହେଲେ ଆମର କିଛି କହିବାର ଯଥାର୍ଥତା ନଥା'ନ୍ତା । ଦୁର୍ଭାଗ୍ୟବଶତଃ ମିଃ. ବୋଷ ତାଙ୍କ ପ୍ରକୃତ କାର୍ଯ୍ୟ ପରିସରର ବହିର୍ଭୂତ ପ୍ରାଧାନ୍ୟ ବିସ୍ତାର କରୁଥିବା ରାଜନୈତିକ ବାତାବରଣରେ ପ୍ରଲୁବ୍ଧ ହୋଇ ଉଠିବାକୁ ନିଜକୁ ଛାଡ଼ି ଦେଇଛନ୍ତି । ରିସ୍‌ଲେ ଆଦେଶନାମାରେ ନିହିତ ସତ୍ୟାସତ୍ୟ ସମ୍ପର୍କରେ ଆଲୋଚନା କରିବାରୁ ସେ ବିରତ ରହିଛନ୍ତି ଆଉ ଆଦେଶନାମାର ପ୍ରତ୍ୟାହାର ପାଇଁ ଯେପରି କୌଣସି ଆକ୍ଷେପ ବୃଥା ନ ହୁଏ ସେଥିପାଇଁ ସର୍ବସାଧାରଣଙ୍କୁ ଖାଲି ଉପଦେଶ ଦେଇଛନ୍ତି ଅଥଚ ସେଇ ଆଦେଶନାମାଟି କାର୍ଯ୍ୟକାରୀ ହେବା ସମୟରେ ଯେପରି କୌଣସି ବିରୋଧ କରା ନଯାଏ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମଧ୍ୟ କହିଛନ୍ତି । ଆମକୁ ଏପରି କହିବାର ମର୍ମ ହେଉଛି ଆମ ଭୋଜନଟି ପ୍ରସ୍ତୁତ ହେବା ଦିଗରେ କୌଣସି ପ୍ରଚେଷ୍ଟା ଯେପରି ବ୍ୟର୍ଥ ନହୁଏ, ଅଥଚ ସେଇ ସମୟରେ ଚୁଲ୍ଲାରେ ଅଗ୍ନି ସଂଯୋଗରୁ ନିବୃତ୍ତ ରହିବା ପାଇଁ ଯେମିତି ସବିଶେଷ ଧ୍ୟାନ ଦିଆଯାଏ । ପ୍ରତ୍ୟେକ ବ୍ୟକ୍ତି – ଏପରିକି ରାଜନୀତି କ୍ଷେତ୍ରରେ ନିପଟ ଅନଭିଜ୍ଞ ମଧ୍ୟ ଅନୁଭବ କରି ପାରିବ ଯେ ଯଦି ଆମେ ଏଇ ଆଦେଶନାମା ପାଖରେ ହାର ମାନିଯାଉ ତା'ହେଲେ ଆମ ପାଖରେ ଏହା ସବୁଦିନ ପାଇଁ ସ୍ଥାୟୀ ହୋଇ ରହିଯିବ, କୌଣସି ପରିମାଣର ଆବେଦନ ପତ୍ର, ଅର୍ଥାତ୍ ବର୍ତ୍ତମାନ ଯେପରି ଏହାକୁ ସରକାରଙ୍କ ପାଖକୁ ପଠାଇବା ପାଇଁ ପ୍ରସ୍ତାବ ଦିଆଯାଉଛି, ଏ ଆଦେଶନାମାକୁ ପ୍ରତ୍ୟାହାର କରିବାକୁ ସମର୍ଥ ହୋଇପାରିବନି । ଏଥିରୁ ମୁକୁଳିବାର ଏକମାତ୍ର ସୁଯୋଗ ହେଲା ଏହାକୁ ଗୋଟିଏ ଅପ୍ରଚଳିତ ଚିଠିରେ ପରିଣତ କରିବା । ମି. ବୋଷ ଏକ ନ୍ୟସ୍ତ ସ୍ୱାର୍ଥର ପ୍ରତିନିଧିତ୍ୱ କରୁଛନ୍ତି ଯାହାକି ଗୋଟିଏ ଶିକ୍ଷା ସମ୍ବନ୍ଧୀୟ ଧର୍ମଘଟ କିଂବା ଆଦେଶନାମାକୁ ମାନିନେବା ପାଇଁ ସାର୍ବଜନୀନ ସ୍ତରରେ ଅସ୍ୱୀକାର ଦ୍ୱାରା ଅସୁବିଧାଜନକ ପରିସ୍ଥିତିରେ ଆସି ପଡ଼ିଯିବ ଆଉ ଆମର ଆଶଙ୍କା ହୁଏ ଯେ ଏ ପ୍ରକାରର ଅଖାଡୁଆ ପରିସ୍ଥିତିକୁ ଆଡ଼େଇ ଯିବାର ସ୍ୱାଭାବିକ ଉତ୍କଣ୍ଠାରେ ସେ ଅନ୍ଧ ପାଲଟି ଯାଇଛନ୍ତି ଏହି ସରଳ ବୋଧଗମ୍ୟ ରାଜନୈତିକ ସତ୍ୟଟିକୁ ବୁଝିବା ପାଇଁ । କିନ୍ତୁ ଛାତ୍ର ସମାଜ କ'ଣ ମି. ବୋଷଙ୍କର ଏହି ଶ୍ରୁତି ମଧୁର ବେଣୁ ବାଦନକୁ କର୍ଣ୍ଣ ଡେରି ଶୁଣିବେ ? ଏ ଭୂଇଁରେ ଜାତୀୟତାବାଦର ଲହର କେବେ ବି ଏଭଳି ଅପଚୟର ସମ୍ମୁଖୀନ ହେବନି କିନ୍ତୁ ତାହା ତେଜି ଉଠିବ ଆହୁରି ମହୀୟାନ୍ ହୋଇ ତା' ଅଗ୍ରଗତିର ପଥରୋଧ କରିବା ଉଦ୍ଦେଶ୍ୟରେ ନିକ୍ଷିପ୍ତ ହେଉଥିବା ପ୍ରତିବନ୍ଧକଗୁଡ଼ିକ ହଟେଇବା ସକାଶେ ।

[ବନ୍ଦେ ମାତରମ୍, ଜୁନ୍ ୮, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ନୈତିକ ଓ ଆଧ୍ୟାତ୍ମିକ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ନୈତିକ ଓ ଆଧ୍ୟାତ୍ମିକ – ଏ ଦୁଇଟି ଅଲଗା ଜିନିଷ । ଅଥଚ ସାଧାରଣତଃ ଆମେ ଏ ଦୁଇଟିକୁ ମିଶାଇ ଏକ କରି ଦେଉ । ନୀତିବାନ୍ ଲୋକଟିଏ ଦେଖିଲେ ଆମେ ତାକୁ ଆଧ୍ୟାତ୍ମିକ ବୋଲି ଧରି ନେଉ, ଆଧ୍ୟାତ୍ମିକ ମନୁଷ୍ୟଟିକୁ ମନେକରୁ ନୀତିବାଦୀ ହୋଇଥିବ । ନୈତିକ ବଳକୁ ଆଧ୍ୟାତ୍ମିକ ବଳ ଏବଂ ଅଧ୍ୟାତ୍ମ-ବଳକୁ ନୈତିକ ବଳ ବୋଲି ବୁଝିଥାଉ ସେଇ ବ୍ୟଞ୍ଜନାରେ । କିନ୍ତୁ ନୀତି ଓ ଅଧ୍ୟାତ୍ମ – ଏ ଦୁହେଁ ସମ୍ପୂର୍ଣ୍ଣ ପୃଥକ୍ ସ୍ତରର – ସେ ଦୁଇଟିର ସ୍ୱରୂପ ଓ ସ୍ୱଭାବ ପୃଥକ୍ ଛାଞ୍ଚରେ ଗଢ଼ା ।

ଗୀତା ଆରମ୍ଭ ହୋଇଛି ଏଇ ନୈତିକ ଓ ଆଧ୍ୟାତ୍ମିକତାର ଦ୍ୱନ୍ଦ୍ୱକୁ ନେଇ । ଅର୍ଜୁନ ଥିଲେ ନୈତିକ ମନୁଷ୍ୟ । ନୈତିକ ସତ୍ୟକୁ ଏବଂ ନୈତିକ ବଳକୁ ଆଶ୍ରୟ କରି ସେ ଯୁଦ୍ଧକ୍ଷେତ୍ରରେ ଅଗ୍ରସର ହୋଇଥିଲେ, ମାତ୍ର ସେ ଯେତେବେଳେ ଦେଖିଲେ ଯୁଦ୍ଧ କରିବାକୁ ବସିଲେ ଆତ୍ମୀୟବାନ୍ଧବ, ଗୁରୁଜନମାନଙ୍କର ପ୍ରାଣ-ସଂହାର କରିବାକୁ ହେବ, ଅର୍ଥାତ୍ ନୀତିବିରୁଦ୍ଧ କାମରେ ଲିପ୍ତ ହେବାକୁ ପଡ଼ିବ ଏବଂ ଶ୍ରୀଭଗବାନ୍ ସେଇ କାର୍ଯ୍ୟଟି ଲାଗି ତାଙ୍କ ରଥର ସାରଥି ହୋଇଛନ୍ତି, ସେ ବିମୂଢ଼ଚିତ୍ତ ହୋଇ ପଡ଼ିଲେ; କର୍ମର ପ୍ରେରଣା ଯାହା ତାଙ୍କର ଆଗରୁ ଥିଲା ତାହା ସ୍ତବ୍ଧ, ନିଥର ହୋଇଗଲା । ଯେଉଁ ନୀତିର ମାନଦଣ୍ଡଟି ସେ ଧରି ରଖିଥିଲେ, ସେଇଟି ତାଙ୍କ ହାତର ଗାଣ୍ଡିବ-ଧନୁ ଭଳି ଖସିପଡ଼ିଲା । ଗୀତାରେ ଶ୍ରୀଭଗବାନଙ୍କର ସମସ୍ତ ଶିକ୍ଷାର ସାରମର୍ମ ହେଉଛି ଅର୍ଜୁନଙ୍କୁ ନୈତିକ ସ୍ତରରୁ ଟେକି ନେଇ ଆଧ୍ୟାତ୍ମିକ ସ୍ତରରେ ପ୍ରତିଷ୍ଠିତ କରିବା – ନୀତି ସଙ୍ଗେ ନୀତିର ଯେଉଁ ସ୍ୱାଭାବିକ ବିରୋଧ ତାହାର ସମନ୍ୱୟ କରିବା ଓ ସାମଞ୍ଜସ୍ୟ ନେଇ ଆସିବା ଅଧ୍ୟାତ୍ମ-ସତ୍ୟ ମାଧ୍ୟମରେ – ଏଇଟି ତାଙ୍କର ବକ୍ତବ୍ୟ ଥିଲା । ଜଗତରେ କର୍ମ କରିବାର ଉପାୟ ନୈତିକ ପ୍ରେରଣାବଶରୁ ନହୋଇ, ଅଧ୍ୟାତ୍ମ-ପ୍ରେରଣାବଶରୁ ହେବା ଶ୍ରେୟଃ – ଏହାହିଁ ଗୀତାର ଉତ୍ତମ ରହସ୍ୟ ।

ଶ୍ରୀଭଗବାନ୍ ନୈତିକ ଓ ଆଧ୍ୟାତ୍ମିକର ପାର୍ଥକ୍ୟଟି କିପରି ଭାବରେ ବୁଝାଇଲେ ? ନୀତି ଜ୍ଞାନ ହେଉଛି ଭେଦ-ଭାବ ତଥା ସ୍ଥୂଳ ଜ୍ଞାନ ଉପରେ ପ୍ରତିଷ୍ଠିତ; କୁଳକ୍ଷୟ, ମିତ୍ରଦ୍ରୋହ ପ୍ରଭୃତି ପାତକର ଭୟରେ ଅର୍ଜୁନ ଯୁଦ୍ଧ କରିବାକୁ ଚାହୁଁ ନଥିଲେ । ଭଗବାନ୍ କହିଲେ, ଏ ସମସ୍ତହିଁ ହେଉଛି ଦେଶ-କାଳରେ ଆବଦ୍ଧ ସଂକୀର୍ଣ୍ଣ ଜ୍ଞାନର କଥା, ତା' ନହେଲେ ଆତ୍ମୀୟ-ସ୍ୱଜନ କେହି କାହାର ଚିର-କାଳର ବସ୍ତୁ ନୁହନ୍ତି । କିଏ ବା କାହାକୁ ହତ୍ୟା କରେ ? କାହାର ଚେଷ୍ଟା କୌଣସି ଜିନିଷର ଉପଚୟ ବା ଅପଚୟ କରିପାରେ କି ? ସେଥିପାଇଁ ସେ ଅର୍ଜୁନର ଦୃଷ୍ଟି ଖୋଲି ଦେବାକୁ ଇଚ୍ଛା କଲେ ଏଭଳି ଏକ ସତ୍ୟ ଦିଗରେ ଯାହା ସନାତନ ଓ ସର୍ବତ୍ର ଅବିକାରୀ, ଯାହା ଦେହରେ ବାହାରର କର୍ମ ବା ତା'ର ଫଳାଫଳର ସ୍ପର୍ଶ ଲାଗିପାରିବ ନାହିଁ; ସେଇ ବସ୍ତୁଟି ହେଉଛି ଆତ୍ମା । ତପ୍ପରେ ନୀତିବୋଧରୁ ଯେଉଁ କର୍ମ କରାଯାଏ, ତାହା ତ୍ରିଗୁଣାତ୍ମକ, ଅର୍ଥାତ୍ ସେଥିରେ କୌଣସି ବିଶେଷ ଫଳ ପ୍ରତି ଆସକ୍ତି ରହିଥାଏ; ସେଠାରେ ମଣିଷ ଲାଭାଲାଭ, ଜୟପରାଜୟ, ସୁଖଦୁଃଖର ଦ୍ୱନ୍ଦ୍ୱରେ ଆବଦ୍ଧ, ସେଠାରେ ବ୍ୟକ୍ତିର କର୍ମ-ପ୍ରେରଣା ଆସିଥାଏ ସମତ୍ୱ ଜ୍ଞାନରୁ । ମାତ୍ର ଅଧ୍ୟାତ୍ମ ଭାବାପନ୍ନ କର୍ମ ପ୍ରତିଷ୍ଠିତ ତ୍ରିଗୁଣାତୀତ ସ୍ଥିତି ଉପରେ – ଅର୍ଥାତ୍ 'ସମାଧୌ ଅଚଳା ବୁଦ୍ଧିଃ' ଉପରେ – ସେ କାମଟି କରୁଥିବା କର୍ମୀ ଏକ ବିପୁଳ ଆତ୍ମସ୍ଥ ସମତାରେ ପ୍ରସନ୍ନ ଓ ମୁକ୍ତ ଚେତନାରେ ଥାଇ କର୍ମ କରିଥାଏ । ପ୍ରକୃତିର କର୍ମ ଯେଉଁ ପ୍ରଣାଳୀକୁ ଅନୁସରଣ କରେ – କିଛି ଅଭାବ ଆକାଙ୍କ୍ଷାର ତାଡ଼ନାରୁ କିଂବା କର୍ତ୍ତବ୍ୟବୋଧରୁ ଯେମିତି ହୋଇଥାଏ, ସେମିତି ନହୋଇ ଏ କ୍ଷେତ୍ରରେ ଭିତରୁ ବାହାରୁ ଥିବା ସ୍ୱଚ୍ଛ ପରିପ୍ଳୁତ ସ୍ୱଭାବର ଲୀଳା-ପ୍ରେରଣା ବଶରୁହିଁ କର୍ମଟି କରାଯାଏ । ଅଧ୍ୟାତ୍ମ-କର୍ମ ସେଇ ସ୍ଥିତିରେ ବାସ କରୁଥିବା ଜୀବର ଭାଗବତ ସତ୍ତାର ଅହୈତୁକୀ ଐଶ୍ୱର୍ଯ୍ୟର ପରିପ୍ରକାଶ ମାତ୍ର ! ଶ୍ରୀଭଗବାନ୍ ନିଜର କର୍ମ-ରହସ୍ୟ ବିଷୟରେ ଏହିପରି ଏକ ଉକ୍ତି ଦେଇଛନ୍ତି :

''ନ ମେ ପାର୍ଥାସ୍ତି କର୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ ଏବ ଚ କର୍ମଣି ।।''

ଅଧ୍ୟାତ୍ମ-ମାର୍ଗର କର୍ମୀର କର୍ମରହସ୍ୟ ବି ସେଇ ଧରଣର :

''ନୈବ ତସ୍ୟ କୃତେନାର୍ଥୋ ନ କୃତେନେଽକଶ୍ଚନ ।
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ।।

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।''

ନୀତିବାଦୀ ଲୋକ ଯାହା କରନ୍ତି, ତାହା କର୍ତ୍ତବ୍ୟ କର୍ମ ଏବଂ ଆଧ୍ୟାତ୍ମିକ ଲୋକ ଯାହା କରନ୍ତି, ତାହା 'କାର୍ଯ୍ୟଂ କର୍ମ'— ଗୀତାର ଭାଷାରେ ଏହାହିଁ ନୈତିକ ଓ ଆଧ୍ୟାତ୍ମିକ କର୍ମର ମୌଳିକ ତଥା ସାରଭୂତ ପାର୍ଥକ୍ୟ । ବିଷୟ ବସ୍ତୁଟିକୁ ଆମେ ଆହୁରି ସ୍ପଷ୍ଟ କରିବାକୁ ଚେଷ୍ଟା କରିବା ।

ସାଧାରଣ ଭାବରେ ଆମେ କହିଥାଉ ଯେ ଅମୁକ କାମଟି ମୋର କରଣୀୟ ବା ଏହା ମୋର କର୍ତ୍ତବ୍ୟ — ଏପରି କହିବାର ଅର୍ଥ କିଛି ଅଛି କି ? କାମର ଔଚିତ୍ୟ ବା ଅନୌଚିତ୍ୟକୁ ଆମେ କେମିତି ଠିକଣା କରିବା ? ସମ୍ମୁଖରେ ଗୋଟିଏ ଆଦର୍ଶକୁ ରଖି, ତାହାର ବିଶେଷ ଧାରାରେ ବା ଭଙ୍ଗୀରେ ଆମ ଜୀବନକୁ ଢାଳି ଗଢ଼ିବାକୁ ଚେଷ୍ଟା କରୁ ଏବଂ ଉଦ୍ଦେଶ୍ୟଟି ଯେପରି ସଫଳ ହେବ, ସେଦିଗକୁ ଦୃଷ୍ଟି ରଖି କାମଟି କରିବାକୁ କର୍ତ୍ତବ୍ୟ ବୋଲି ଧରିନେଉ, ତାହା ଯେଉଁ କର୍ମ ଦ୍ୱାରା ବାଧା ପାଉଥାଏ, ତାହାକୁ ଅକର୍ତ୍ତବ୍ୟ ବୋଲି ମନେ କରୁ । ଏଇଭଳି ଯେଉଁ ଆଦର୍ଶ ବା ଉଦ୍ଦେଶ୍ୟ କିଂବା ଜୀବନର ବିଶେଷ ଛାଞ୍ଚଟି... ତାହା କେଉଁ ସ୍ତରରୁ ଆମ ପାଖକୁ ଆସିଲା, ତାହାର ଦରକାର ବା କ'ଣ ଥିଲା ? 'ଚୋରି କରିବା ଉଚିତ ନୁହେଁ', 'ସର୍ବଦା ସତ୍ୟ କହିବ'— ଏଇ ପ୍ରକାର ଯେଉଁ କର୍ତ୍ତବ୍ୟ ବା ଅକର୍ତ୍ତବ୍ୟ ନିର୍ଦ୍ଦେଶ କରାହୋଇଛି — ଏଗୁଡ଼ିକ କେଉଁ ଆଦର୍ଶର ଅଥବା କି ଦାବି ପୂରଣ କରିବା ପାଇଁ କୁହାଯାଇଛି ? ପ୍ରଥମତଃ ଏଇ ନିର୍ଦ୍ଦେଶମାନ ସୃଷ୍ଟ ହୋଇଛି ସାମାଜିକ ଜୀବନର ପ୍ରୟୋଜନରେ । ଏକତ୍ର ବାସ କରିବା ପାଇଁ ଏଇପରି କିଛି ପ୍ରାଥମିକ ନିୟମ ପାଳନ କରିବାକୁ ପଡ଼େ — ବନ୍ଧନଟିକୁ ବଜାୟ ରଖିବା ଲାଗି । ଯେଉଁ ନିୟମକାନୁନ ଏକଜୁଟ ହେବା ଫଳରେ ବା ଏକଜୁଟ ରହିବା ସକାଶେ ଭିତରୁ ବାହାରି ଆସେ ସମବେତ ଜୀବନକୁ ଶାସନ କରିବା ସକାଶେ, ସେସବୁ ଯେ ଖାଲି ସମବେତ ଜୀବନକୁ ଶାସନ କରିଥାଏ ତାହା ନୁହେଁ — ବ୍ୟକ୍ତିର ବ୍ୟକ୍ତିଗତ ଜୀବନକୁ, ତା'ର ଭିତରର ଚେତନାକୁ ଓ ପ୍ରେରଣାକୁ ନିୟନ୍ତ୍ରିତ କରେ — ଏହାହିଁ ନୈତିକ ନିୟମ । ପରସ୍ପର ମଧ୍ୟରେ ସତ୍ୟଭାବ ଲାଗି, ଆଦାନ-ପ୍ରଦାନ ଲାଗି ଦରକାର ହୋଇଥାଏ ପ୍ରତ୍ୟେକଙ୍କର ଜୀବନରେ ଏକ ବ୍ୟବହାରିକ ସାଧାରଣ ଆଦର୍ଶ । ସେପରି ନହେଲେ ସମାଜ ତିଷ୍ଠି ରହିବା ଓ ଗଢ଼ି ଉଠିବା ସମ୍ଭବ ହୋଇପାରିବ ନାହିଁ । ସେଇ କାରଣରୁ ନୈତିକ ପ୍ରେରଣାର ଉତ୍ସ ସମାଜ-ବନ୍ଧନର ହେତୁବଶତଃ କରା-ଯାଇଥାଏ । ସମାଜରେ ମାରଧର, ହଣାକଟା ଲାଗିଲେ ସେ ସମାଜ ଶୀଘ୍ର ଭାଙ୍ଗିଯିବ, ଛିନ୍ନଭିନ୍ନ ହୋଇଯିବ । ଅହିଂସାର ପ୍ରୟୋଜନ ସେଇ ହେତୁ ରହିଛି, ଅହିଂସାବୃତ୍ତି ମନୁଷ୍ୟର ଅନ୍ତରରେ ଏକ ଆଦର୍ଶ ରୂପେ ଫୁଟି ଉଠିଛି । ପ୍ରତ୍ୟେକଙ୍କ କଥାରେ ଓ କାମରେ ଯଦି ମେଳ ନ ରହିବ, ତେବେ ଜଣକ ସହିତ ଅନ୍ୟ ଜଣକର ପାଦ ମିଳାଇ ଚାଲିବା ଅସମ୍ଭବ ହେବ । ସେଥିପାଇଁ ପ୍ରୟୋଜନ ସତ୍ୟନିଷ୍ଠା, ଅର୍ଥାତ୍ ସତ୍ୟବାଦିତାର ଆଦର୍ଶ ।

ସେଇ ହେତୁ ନୈତିକ ନିୟମ ବା ଆଦର୍ଶ ସନାତନ ସାର୍ବଭୌମିକ ସତ୍ୟ ନୁହେଁ । ସମାଜର ଦରକାର ଅନୁଯାୟୀ ତାହା ଗଢ଼ିଉଠିଛି, ସମାଜର ପ୍ରୟୋଜନ ବଦଳିଲେ ସେଇ ଜିନିଷଟା ବି ବଦଳିବାକୁ ବାଧ ହୋଇଥାଏ । ଆମେମାନେ ଯାହାକୁ ନୈତିକ ବୋଲି ପୂଜା କରୁ, ଅନ୍ୟ ଏକ ଦେଶରେ ସେଇ ଗୋଟିକ କେବେ ବି ନୈତିକ ନୁହେଁ । ଆମେ ଗୋଟିଏ ଯୁଗରେ ଯାହାକୁ ସନାତନ ନୀତି କହି ମାନ୍ୟ କରିଛୁ, ଆଉ ଏକ ଯୁଗରେ ସେଇ ଗୋଟିକୁ ତା'ର ବିପରୀତ ଅର୍ଥରେ ବି ଗ୍ରହଣ କରିଛୁ । ନାରୀର ସତୀତ୍ୱ ବା ପାତିବ୍ରତ୍ୟ ଆମ ସମାଜରେ ଏକ ପରମ ନୈତିକ ଧର୍ମ । ଏଇ ଆଦର୍ଶର ବିରୋଧରେ କିଛି ଭାବ ମନରେ ସ୍ଥାନ ଦେବାକୁ ଗଲେ ଆମେ ଶିହରି ଉଠୁ । ଆମେ ଭାବୁ ଏହା ସର୍ବଦେଶର, ସର୍ବଯୁଗର ଧର୍ମ । ମାତ୍ର ବାସ୍ତବରେ ତାହା ସେପରି କି ? ଅନେକ ଦେଶରେ, ଅନେକ ସମାଜରେ ଏହାର ଠିକ୍ ବିପରୀତ ବ୍ୟବସ୍ଥା ରହିଛି । ତିବ୍ବତୀୟଗଣ ମନେ କରନ୍ତି ନାରୀର ନାରୀତ୍ୱ ବହୁପତିଙ୍କ ସେବାରେହିଁ ପୂର୍ଣ୍ଣ । ୟୁରୋପରେ ପୁରୁଷଙ୍କ ପକ୍ଷରେ ଏକାଧିକ ପତ୍ନୀ ଗ୍ରହଣ କରିବା ମହାପାପ ଅଥଚ ଆମ ଦେଶରେ, ସମାଜରେ ସେଥିରେ କିଛି ଦୋଷ ନ ଥିଲା; ସମ୍ପ୍ରତି ୟୁରୋପର ପ୍ରଭାବରେ ଆସି ହୁଏତ ଆମେ ଏଥିରେ କିଛି ଦୋଷ ରହିଛି ବୋଲି ଭାବିଲୁଣି ।

ଖ୍ରୀଷ୍ଟୀୟ ଧର୍ମରେ ହିଂସା ସର୍ବଥା ବର୍ଜନୀୟ, ଗୋଟିଏ ଗାଲରେ ଚଟକଣାଟିଏ ବସିଲେ ଅପର ଗାଲଟି ମାଡ଼ ଖାଇବାକୁ ଦେଖାଇ ଦେବା ଉଚିତ ବୋଲି କହିଥା'ନ୍ତି ସେମାନେ । କିନ୍ତୁ ମୁସଲମାନଙ୍କ ଧର୍ମାନୁଯାୟୀ, ଏପରିକି ଆମ ହିନ୍ଦୁଧର୍ମରେ ହିଂସାର ସ୍ଥାନ ରହିଛି । ସେଥିପାଇଁ ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି — 'କାଲୋଽସ୍ମି ଲୋକକ୍ଷୟକୃତ୍' ଏବଂ 'ଦଣ୍ଡୋ

ଦମୟତାମସ୍ମି’... ଇତ୍ୟାଦି । ସୁତରାଂ ଦେଖାଯାଉଛି ନୀତି ଜିନିଷଟି ଦେଶକାଳର ଉପଯୋଗୀ ନିୟମ ମାତ୍ର – ନିର୍ଦ୍ଦିଷ୍ଟ ଏକ ସମାଜକୁ ବିଶେଷ ଧାରାରେ ବାନ୍ଧି ଗଢ଼ି ତୋଳିବାର କେତେକ ସୂତ୍ର । ଦେଶ ଓ କାଳ ହିସାବରେ ନୀତିର ବି ବିଭିନ୍ନତା ହୋଇଥାଏ – ନୀତି ମଧ୍ୟରେ ନିତ୍ୟତ୍ୱ ବା ଅପୌରୁଷେୟତ୍ୱ ବୋଲି କିଛି ନାହିଁ ।

କୁହାଯାଇପାରେ, ନୀତିର ନିୟମ ନାନା ଦେଶରେ, ନାନା କାଳରେ ଭିନ୍ନ ଭିନ୍ନ ପ୍ରକାର ହୋଇ ଥାଇପାରେ; ମାତ୍ର ନୀତିର ବୋଧଟି ମନୁଷ୍ୟର ଅତି ଭିତରର ଜିନିଷ, ତାହା ଦେଶକାଳକୁ ଅତିକ୍ରମ କରିଥାଏ; ସତ କହିଲେ, ତାହା ସାମାଜିକ ଅବସ୍ଥା ଉପରେ ନିର୍ଭର କରେ ନାହିଁ । ବରଂ ସେଇଟି ପ୍ରତ୍ୟେକ ମନୁଷ୍ୟର ନିଜ ଅନ୍ତରାତ୍ମାର ନିତ୍ୟସିଦ୍ଧ ସତ୍ୟ । ନୀତିର କୌଣସି ବିଶେଷ ଧାରା ଅଭ୍ୟାସର ଫଳମାତ୍ର ହୋଇପାରେ, ତଥାପି ଗୋଟିଏ ନିୟମକୁ ମାନ୍ୟ କରିବା ଯେ ପ୍ରୟୋଜନୀୟ, ଏଇ ପ୍ରୟୋଜନବୋଧଟି ବାହାରର ଚାପରୁ ଆସିଥାଏ ନା ମନୁଷ୍ୟର ସ୍ୱଭାବରୁ ଏହା ସ୍ୱତଃସ୍ଫୂର୍ତ୍ତ ଭାବେ ଜାଗିଉଠେ ? ସମାଜ ଭିତରୁ ଯଦି କୌଣସି ମଣିଷକୁ ଅଲଗା କରି ରଖାଯାଏ, ତା’ହେଲେ କ’ଣ ନୀତିର ପ୍ରୟୋଜନଟି ତା’ ପାଖରେ କ୍ରମଶଃ କମି କମି ଯିବ, କ୍ରମଶଃ ଲୋପ ପାଇବ ? ଅହିଂସା, ସତ୍ୟବାଦିତା, ସତୀତ୍ୱ ଆଦି ନୈତିକ ଆଦର୍ଶ ଖାଲି କ’ଣ ସମାଜର ସ୍ଥିତି ନିମନ୍ତେ ? ସମାଜର ବାହାରେ ବ୍ୟକ୍ତିର ନିଜସ୍ୱ ଏକ ପ୍ରେରଣାକୁ କ’ଣ ଏହିସବୁ ଗୁଣ ସାର୍ଥକ କରେ ନାହିଁ ? ତା’ପରେ ବ୍ୟକ୍ତିର ନିଜସ୍ୱ ଜୀବନରେ ଯେଉଁଠି ଏଇସବୁ ଆଦର୍ଶ ଫୁଟି ଉଠିପାରେ ନାହିଁ, ସେଠାରେ ସମାଜ କ’ଣ ତା’ ଫଳରେ ହୀନତର ସ୍ତରକୁ ଖସି ଆସିବା ସମ୍ଭବ ନୁହେଁ ?

ତା’ହେଲେ ପ୍ରଶ୍ନ – ସମାଜ ତରଫରୁ ହେଉ ବା ବ୍ୟକ୍ତିର ନିଜ ତରଫରୁ ହେଉ, ନୈତିକ ଆଦର୍ଶ କେଉଁ ସାର୍ଥକତା ଆଣିଦିଏ ବ୍ୟକ୍ତି ଜୀବନରେ ବା ସମାଜ ଜୀବନରେ ? ସବୁ ନୈତିକ ନିୟମ-ଶୃଙ୍ଖଳାକୁ ଯଦି ବିଶ୍ଳେଷଣ କରାଯାଏ, ପରସ୍ପର ସହିତ ଯଦି ତୁଳନା କରାଯାଏ, ତେବେ ଏଇଠାରେ ଆମେ ପହଞ୍ଚିବା ଯେ ମୋଟ ଉପରେ ମଣିଷ ଭିତରେ ପଶୁସ୍ତରର ପ୍ରବୃତ୍ତିଗୁଡ଼ିକୁ ଦମନ ବା ନିୟନ୍ତ୍ରଣରେ ରଖିବାହିଁ ଯାବତୀୟ ନୈତିକ ଆଦର୍ଶର ଉଦ୍ଦେଶ୍ୟ । ନୀତିର ମୂଳରେ ଆମେ ଯେଉଁ ସାମାଜିକ ପ୍ରୟୋଜନର କଥାଟି କହୁଅଛୁ, ତାହାର ହେତୁ ମଧ୍ୟ ଏଇଠାରେ । କାରଣ ଖାଲି ତୁଚ୍ଛା ପଶୁ-ବୃତ୍ତି ଉପରେ ମାନବ ସମାଜ ତିଷ୍ଠି ପାରିବ ନାହିଁ, ଗଢ଼ିଉଠିବ ନାହିଁ ମଧ୍ୟ – ଆହାର, ହିଂସା ଓ ମୈଥୁନ – ଏଇ ତିନୋଟି ବୃତ୍ତି ନେଇହିଁ ମଣିଷର ପଶୁଭାବ । ଏଇ ତିନୋଟିକୁ ନିୟମ ଓ ଶୃଙ୍ଖଳା ମଧ୍ୟରେ ସଂଯମିତ ନ କରି ପାରିଲେ ସମାଜ ହୋଇପଡ଼ିବ ଏକ ବୀଭତ୍ସ ଯୁଦ୍ଧର କ୍ଷେତ୍ର । ସେଥିପାଇଁ ବ୍ୟକ୍ତି ପକ୍ଷରେ ନୀତିର ସାଧନା ଅବଶ୍ୟ ପ୍ରୟୋଜନ । କେବଳ ଦେଶ ଓ କାଳର ଦରକାର ଅନୁଯାୟୀ ଏଇ ସାଧନାର ରୂପ ଅଲଗା ଅଲଗା । ସମାଜ ପଟୁ ଚାପ ଛଡ଼ା ବା ତା’ ସଙ୍ଗେ ସଙ୍ଗେ ବ୍ୟକ୍ତି ପକ୍ଷରୁ ବି ପାଶବିକ ପ୍ରଭାବ ଉପରେ ସ୍ୱୀୟ କର୍ତ୍ତୃତ୍ୱ ବଜାୟ ରଖିବା ଦିଗରେ ନୀତି ନିୟମର ନିଜସ୍ୱ ଏକ ସାର୍ଥକତା ରହିଛି । ମଣିଷର ଏହାହିଁ ବିଶେଷତ୍ୱ ଯେ ସିଏ ପ୍ରକୃତି-ଜୟୀ, ଆଉ ସମସ୍ତ ଜୀବ ପ୍ରାକୃତ ପ୍ରେରଣାର ସ୍ରୋତରେ ଆପଣାକୁ ଭୁଲି ଭାସିଯା’ନ୍ତି, ମାତ୍ର ମଣିଷ ଚାହେଁ ସେ କର୍ତ୍ତା ହୋଇ ପ୍ରକୃତିକୁ ଚଳାଇବ; ତା’ର ଜ୍ଞାନ ଓ ଶକ୍ତି ଏଇଠାରେହିଁ ଫୁଟି ଉଠେ । ଏଇ ଧାରାରେ ଚାଲି ସେ ନୂଆ ଏକ ଜ୍ଞାନର ଅଧିକାରୀ ହୋଇପାରିଛି । ପ୍ରକୃତିକୁ ଛାଡ଼ି ପ୍ରକୃତି ଉପରେହିଁ ମନୁଷ୍ୟ ଏକ ନିଜସ୍ୱ ଜଗତ୍ ସ୍ଥାପନ କରିଅଛି ।

ନୀତିର ଲକ୍ଷ୍ୟ ଆମେ ଦେଖିଲେ, ଏବେ ଦେଖିବାକୁ ହେବ କି ଉପାୟରେ, କି ଭଙ୍ଗୀରେ ଏହି ଲକ୍ଷ୍ୟଟିକୁ ସେ ସିଦ୍ଧ କରେ । ନୈତିକ-ମାନବ ପ୍ରକୃତିକୁ ସଂଶୋଧନ କରିବାକୁ ଚେଷ୍ଟା କରେ ନିଜର ଇଚ୍ଛାଶକ୍ତି ବଳରେ । ପ୍ରକୃତି-ଶକ୍ତିର ବିରୋଧରେ ସେ ଠିଆ କରିଅଛି ଯେଉଁ ବଳ, ତାହା ମନର ବଳ – ଏକ କ୍ଷାତ୍ରଶକ୍ତି । ପ୍ରକୃତିକୁ ସେ ଗ୍ରହଣ କରିଛି ଶତ୍ରୁ ଭାବରେ ଏବଂ ତାହାର ପଥ ହେଉଛି ସେ ନିତ୍ୟ-ଯୁଦ୍ଧ ଲାଗି ଅଣ୍ଟା ଭିଡ଼ିଛି । ପ୍ରକୃତିର ପାଶବ ଦାବିକୁ ସେ ଅସ୍ୱୀକାର କରି କରି ପଥ ଚାଲୁଛି, ଯେଉଁ ଯେଉଁ ଶକ୍ତି ପ୍ରକୃତିର ସହାୟ, ତାହାର ଠିକ୍ ବିପରୀତ ଶକ୍ତିକୁ ସେ ନିଜ ଭିତରେ ଫୁଟାଇ ବିକଶିତ କରି ଚାଲିଛି । ସୁତରାଂ ନୀତିର ପ୍ରତିଷ୍ଠା ହେଉଛି ଦ୍ୱନ୍ଦ୍ୱରେ – ନିତ୍ୟଶତ୍ରୁ ସଂପର୍କରେ ନିୟତ ସଜ୍ଞାନ, ସଚେତନ, ସଜାଗ ରହିବା ଓ ପ୍ରସ୍ତୁତ ହୋଇ ସେଇ ଶତ୍ରୁର ବିରୋଧରେ ଶାଣିତ ଶକ୍ତିସବୁକୁ ଜମାଇ ଚାଳନା କରିବା । ନୀତି ପ୍ରକୃତିକୁ, ଶରୀରର ତାଡ଼ନାକୁ ଜୟ କରିବାକୁ ଚେଷ୍ଟା କରେ ନିଗ୍ରହ ଦ୍ୱାରା ।

କିନ୍ତୁ ନୀତି ଯେ ପ୍ରକୃତିର ଦାବିକୁ ଏକାନ୍ତ ଭାବରେ ଏଡ଼ାଇ ଦେଉଛି, ତାହା ବି ନୁହେଁ । ପ୍ରଥମତଃ ସେ ଜାଣେ ଯେ ଏଇ ଜିନିଷଟିକୁ ଏପରି ଭାବରେ ଅସ୍ୱୀକାର କରାଯାଇ ପାରିବ

ନାହିଁ, ଜୋର୍ କରି, ଚପାଇ ରଖି, ଦବାଇ, ନିଗ୍ରହ କରି ପ୍ରକୃତିକୁ ବହିଷ୍କୃତ କରି ଦେବା ସମ୍ଭବ ନୁହେଁ । ଦ୍ୱିତୀୟତଃ ତା'ର ଉଦ୍ଦେଶ୍ୟ ବି ନୁହେଁ ଯେ ପ୍ରକୃତିର ଦାବିକୁ ପୂରାପୂରି ଅସ୍ୱୀକାର କରିଦେବା । ଜୀବନ ବଞ୍ଚିବାକୁ ହେଲେ ଶରୀରକୁ ରଖିବାକୁ ହେବ, ସମାଜ ମଧ୍ୟରେ ବସବାସ କରିବାକୁ ହେବ; ସୁତରାଂ ପ୍ରକୃତିର ଖେଳକୁ ନିଷ୍ଫଳ କରିବା ସମ୍ଭବ ହେଲେ ମଧ୍ୟ ଉଚିତ ନୁହେଁ । ନୀତି ସେଇ କାରଣରୁ ଚାହେଁ ପ୍ରକୃତିକୁ ବାଡ଼ଦେଇ ବାନ୍ଧି ରଖିବାକୁ — ଗୋଟିଏ ସୀମା ବା ପରିମାଣ ମଧ୍ୟରେ ଶରୀର-କ୍ରିୟାକୁ ସଂଯତ କରି ରଖିବାକୁ । ଶରୀର ଧାରଣ କରିବାକୁ ହେଲେ ଆହାର ଦରକାର, ସମାଜକୁ ବଞ୍ଚାଇ ରଖିବାକୁ ହେଲେ ସନ୍ତାନୋତ୍ପାଦନ ପ୍ରୟୋଜନ; ଏସବୁ ପାଶବ କ୍ରିୟାକୁ ସଂପୂର୍ଣ୍ଣ ବିସର୍ଜନ ଦେଇ ହେବ ନାହିଁ । ତଥାପି ଶରୀରର ଯେ ଗୋଟିଏ ଆକର୍ଷଣ ଅଛି — ଆହାରକୁ ଭୋଗରେ ପରିଣତ କରିବା, ବଂଶରକ୍ଷାକୁ କାମୁକତା ଦିଗରେ ନେଇଯିବା, ପ୍ରୟୋଜନାତିରିକ୍ତ ଶରୀରର ଯାହା ଯାହା ଦାବି ରହିପାରେ — ସେଗୁଡ଼ିକୁ ଖର୍ବ କରି ଗୋଟିଏ ବେଡ଼ାର ଘେର ଭିତରେ ବାନ୍ଧି ରଖିବାହିଁ ନୀତିର ଉଦ୍ଦେଶ୍ୟ । କେବଳ ତାହାହିଁ ନୁହେଁ, ଯେତେ କମ୍ ଶରୀରର ଦାବିକୁ ଅନୁମୋଦନ କରାଯାଇ ପାରିବ, ସେଥିରୁ ମଧ୍ୟ ପଶୁଭାବକୁ ଦୂର କରି, ଶୁଦ୍ଧ କରି ଗ୍ରହଣ କରିବା ସକାଶେ ନୀତି ତାହାକୁ ନାନାପ୍ରକାର ଅନୁଷ୍ଠାନର କ୍ରିୟାକଳାପର ଅଙ୍ଗୀଭୂତ କରି ଦେଇଥାଏ । ପଶୁର ଆହାର-ବିହାର ଯେପରି ଖୋଲାଖୋଲି, ଆତ୍ମ-ସମ୍ମାନ ପରଦାବିହୀନ, ଆପଣା ଭିତରେ ଆପଣାକୁ ନେଇ ସଂପୂର୍ଣ୍ଣ; ମଣିଷର ଆହାର-ବିହାର ସେପରି ନୁହେଁ — ଏଗୁଡ଼ିକୁ ସେ ଧର୍ମାଚରଣ, ସୌନ୍ଦର୍ଯ୍ୟବୋଧ ପ୍ରଭୃତି ସାଜସଜ୍ଜା ଦେଇ ଢାଙ୍କି ରଖିବାକୁ ଚେଷ୍ଟା କରିଥାଏ ।

ନୀତି-ନିୟମ ଶରୀରର ପାଶବ ପ୍ରକୃତିକୁ ଯେତେ ଟିକିଏ ସମ୍ଭବ ସେତିକି ମାତ୍ରାରେ ବଞ୍ଚାଇ, ଜିଆଇ ରଖିବାକୁ ପ୍ରଚେଷ୍ଟ, ତାହାର ମୁଖ୍ୟ କାରଣ ସମାଜ ରକ୍ଷା ଓ ଜୀବନ-ଧାରଣର କାମରେ ତାହା ଲାଗିବ — ଏହା ବାହାରର ଦାବି; ମାତ୍ର ଭିତରର ଦାବି ହେଉଛି ମଣିଷ ମନରେ ଏକ ଭେଦ ବା ଦ୍ୱନ୍ଦ୍ୱଟିକୁ ଉତ୍ଥାପନ କରିବା । କାରଣ ମନ 'ନା'କୁ ଛାଡ଼ି 'ହଁ'କୁ ବୁଝିବାକୁ ଅକ୍ଷମ, 'ନୀଚ'କୁ ବାଦ୍ ଦେଇ 'ଉଚ୍ଚ'କୁ ସେ ଅନୁଭବ କରିପାରେ ନାହିଁ, ପଶୁତ୍ୱକୁ ସଂପୂର୍ଣ୍ଣ ବାଦ୍ ଦେଇ ଦେବତ୍ୱର ବୋଧ ତାହାର ଆସେ ନାହିଁ । ଅର୍ଥାତ୍ ଅନୀତିର ବିପକ୍ଷରେ ଠିଆ ହୋଇହିଁ ସେ ନୀତିଜ୍ଞାନର ସ୍ଫୂର୍ତ୍ତି ଲାଭ କରେ । ପାଶବ-ପ୍ରବୃତ୍ତି ରହିବା ଦରକାର, ତାହା ସହିତ ଲଢ଼େଇ ହେବା ଆବଶ୍ୟକ, ତା'ର ଦାବିକୁ ନିୟନ୍ତ୍ରଣ କରିବା ଦରକାର ଏବଂ ଏଇ ନିତ୍ୟ-ସଂଘର୍ଷ ଲାଗି ନିଜ ଭିତରେ ଗୋଟିଏ ଜୋର୍‌କୁ ସଦାସର୍ବଦା ବଞ୍ଚାଇ ରଖିବା ଯାହାକୁ ପ୍ରୟୋଗ କରାଯାଇ ପାରିବ — ଏହି ମନୋଭାବରୁହିଁ ନୀତିବୋଧର ଜନ୍ମ ହୋଇଛି, ଏଇସବୁକୁ ନେଇହିଁ ସେ ତିଷ୍ଠି ରହିଛି । ଅନୀତିର କ୍ଷେତ୍ର ଯଦି ନରହିବ, ତେବେ ନୈତିକ ଶକ୍ତିର କିଛି ବି ଆବଶ୍ୟକତା ରହିବ ନାହିଁ ।

ନୈତିକ ଶକ୍ତିର ଆଧ୍ୟାତ୍ମିକ ଶକ୍ତି ସହିତ ଏଇଠାରେହିଁ ମୌଳିକ ପାର୍ଥକ୍ୟ । ଆଧ୍ୟାତ୍ମିକ ଶକ୍ତି ଚେତନାର ଏପରି ଏକ ସ୍ତରରେ ପ୍ରତିଷ୍ଠିତ ଯେ ସେଠାରେ 'ହଁ' କୁ 'ନା' ସଙ୍ଗେ ତୁଳନା କରି ବୁଝିବା ଦରକାର ପଡ଼େ ନାହିଁ । ସତ୍ୟକୁ ଯେଉଁଠି ମିଥ୍ୟାର ଦ୍ୱନ୍ଦ୍ୱରେ ଜୟ ଲାଭ କରିବାକୁ ହୁଏ ନାହିଁ । କର୍ତ୍ତବ୍ୟକୁ ଅକର୍ତ୍ତବ୍ୟର ଘେର ଭେଦ କରି ବାହାରିବାକୁ ପଡ଼େ ନାହିଁ, ଅଧ୍ୟାତ୍ମ ଠିଆ ହୋଇଛି — ଯେପରି ନିତ୍ୟ ସତ୍ତା, ନିତ୍ୟ ସତ୍ୟ, ନିତ୍ୟ ଶକ୍ତିର ଭିତ୍ତିସ୍ତର ଉପରେ । ତାହାର ଧର୍ମ ହେଉଛି ସ୍ୱତଃସ୍ଫୁରଣ — ନିଜ ଭିତରର ପରିପୂର୍ଣ୍ଣତାକୁ ସିଏ ଅବ୍ୟାହତ ଭାବରେ ଢାଳି ଦେଉଛି । ତାହାର କର୍ମର ମାନଦଣ୍ଡ ବାହାର କର୍ମର ହେତୁ ଉପରେ ନିର୍ଭର କରେ ନାହିଁ, ଏପରିକି କୌଣସି ହେତୁ ନଥାଇ ବି ଏହା ପ୍ରକଟ ହୋଇଥାଏ । ବିଧି-ନିଷେଧ ଦେଇ ଏହାର ଶକ୍ତିକୁ ନିୟନ୍ତ୍ରିତ କରାଯାଏ ନାହିଁ । ସତ୍ତାର ଆନନ୍ଦ ଲୀଳାହିଁ ଆଧ୍ୟାତ୍ମିକ କର୍ମ । ନୀତିବୋଧର ଦୃଷ୍ଟିରୁ ବେଳେବେଳେ ତାହା ଅକର୍ମ ବୋଲିହିଁ ବୋଧ ହେବ, ବିଶେଷ ଫଳର ଆଶାରେ ସେ କର୍ମର ଭଲ ବା ମନ୍ଦ ବିଚାର କରାଯିବ; ଆଧ୍ୟାତ୍ମିକ ପ୍ରେରଣା ସେପରି କର୍ମରେ ଲିପ୍ତ ହୋଇପାରେ, ଯଦି ସେପରି କର୍ମ ପ୍ରତି ସେ ଆକର୍ଷିତ ହୁଏ, ଯଦି ସେଇ କର୍ମରେ ଆତ୍ମାର ସତ୍ୟ ଫୁଟିବାର ସମ୍ଭାବନା ସେ ଦେଖେ ।

ଅନୁବାଦ : କୃଷ୍ଣାଦେବୀ ✣

# ଷଷ୍ଠ ସୂକ୍ତ, ଅଗ୍ନିଙ୍କ ପ୍ରତି

## ଶ୍ରୀଅରବିନ୍ଦ

### ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୬, ଯାତ୍ରାରେ ଦ୍ରୁତଗାମୀ ଆଗ୍ନେୟ ଶକ୍ତିବୃନ୍ଦ

[ଅଗ୍ନିଙ୍କ ଶିଖାମାନ ଦିବ୍ୟ ସଂକଳ୍ପ ଅଟନ୍ତି ଏବଂ ସେମାନେ ଆମର ବୃଦ୍ଧିଶୀଳ ତଥା ଅଗ୍ରଗାମୀ ସମସ୍ତ ପ୍ରାଣଶକ୍ତି – ଏମାନେ ପରମ ଶୁଭ ପ୍ରତି ଆମର ମାନବୀୟ ଯାତ୍ରାରେ ଦ୍ରୁତଗତିରେ ଧାଉଁଥିବାର କଥା ରୂପକରେ ଚିତ୍ରଣ କରାଯାଇଛି । ଦିବ୍ୟ ସଂକଳ୍ପ ଆମ ମଧ୍ୟରେ ରଚନା କରିଥାଏ ଭାବତରଙ୍ଗର ଭାଗବତ ବଳ ତଥା ଜ୍ଞାନଦୀପ୍ତ ଓ ଅକ୍ଷୟ ଶକ୍ତି ଏବଂ ଅଗ୍ନିଙ୍କୁ ପ୍ରଚୁର ସମ୍ପଦରେ ସମୃଦ୍ଧ ଅଶ୍ୱ ରୂପେ ବର୍ଣ୍ଣନା କରାଯାଇଛି, ଯିଏ ଆମ ନିକଟକୁ ସେହି ଶୁଭସମ୍ପଦକୁ ନେଇ ଆସିଥା'ନ୍ତି ଏବଂ ସେହି ଲକ୍ଷ୍ୟ ପ୍ରାପ୍ତି ଦିଗରେ ବହନ କରିନିଅନ୍ତି । ଅଗ୍ନିଙ୍କର ଶିଖାଗୁଡ଼ିକ ହେଉଛନ୍ତି ସେହି ପଥରେ ତୀବ୍ରଗାମୀ ଅଶ୍ୱଗଣ ଏବଂ ସେମାନେ ଯଜ୍ଞ ଦ୍ୱାରା ବୃଦ୍ଧିଲାଭ କରନ୍ତି; ସେମାନେ ଅବାଧ ଗତିରେ ଆଗକୁ ବଢ଼ି ଚାଲିଥା'ନ୍ତି ଏବଂ ନିରନ୍ତର ଅଧିକରୁ ଅଧିକ ବେଗରେ ଧାବମାନ ହେଉଥା'ନ୍ତି; ସେମାନେ ଗୂଢ଼ଜ୍ଞାନର ଅବରୁଦ୍ଧ ପ୍ରଭାଗୁଡ଼ିକୁ ଆମ ମଧ୍ୟକୁ ନେଇ ଆସିଥା'ନ୍ତି । ସେମାନଙ୍କର ସମଗ୍ର ଶକ୍ତି ଓ ତୀବ୍ରତା ସେତିକିବେଳେ ସମରସତା ଲାଭ କରିଥାଏ ଯେତେବେଳେ ଭାଗବତ ବଳ ଯଜ୍ଞୀୟ ଆହୁତିରାଜିରେ ପରିପୂର୍ଣ୍ଣ ତଥା ପରିତୃପ୍ତ ହୋଇ ଯାଇଥାଏ ।]

ଅଗ୍ନିଂ ତଂ ମନ୍ୟେ ଯୋ ବସୁରସ୍ତଂ ୟଂ ୟନ୍ତି ଧେନବଃ ।  
ଅସ୍ତମର୍ବନ୍ତ ଆଶବୋଽସ୍ତଂ ନିତ୍ୟାସୋ ବାଜିନ ଇଷଂ ସ୍ତୋତୃଭ୍ୟ ଆ ଭର ॥୧॥

ମୁଁ ସେହି ଶକ୍ତିଙ୍କୁ ଧ୍ୟାନ କରୁଛି [ତମ୍ ଅଗ୍ନିଂ ମନ୍ୟେ] ଯିଏ ମୂଳ ତତ୍ତ୍ୱରେ ନିବାସୀ [ୟଃ ବସୁଃ] ଏବଂ ଯାହାଙ୍କ ନିକଟକୁ ଆମର ପୋଷଣକାରିଣୀ ଧେନୁଗଣ [ୟଂ ଧେନବଃ] ନିଜ ନିବାସକୁ ଯିବା ପରି ଯାତ୍ରା କରନ୍ତି [ଅସ୍ତଂ ୟନ୍ତି], ଆମର ତୀବ୍ରଗାମୀ ଯୁଦ୍ଧାଶ୍ୱଗଣ[୧] [ଅଶବଃ ଅର୍ବନ୍ତଃ] ସ୍ୱନିବାସକୁ ଯିବା ପରି [ଅସ୍ତମ୍], ଆମ ସମୃଦ୍ଧିର ସନାତନ ଶକ୍ତିଗଣ [ନିତ୍ୟାସଃ ବାଜିନଃ] ସ୍ୱଗୃହକୁ ଯିବା ପରି ତାଙ୍କ ନିକଟକୁ ଯାତ୍ରା କରନ୍ତି [ଅସ୍ତମ୍ (ୟନ୍ତି)] ।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିମନ୍ତେ [ସ୍ତୋତୃଭ୍ୟଃ] ତୁମେ ପ୍ରେରଣାଦାୟିନୀ ଶକ୍ତି[୨] ଆଣିଦିଅ [ଇଷମ୍ ଆ ଭର] ।*

ସୋ ଅଗ୍ନିର୍ୟୋ ବସୁର୍ଗୃଣେ ସଂ ୟମାୟନ୍ତି ଧେନବଃ ।  
ସମର୍ବନ୍ତୋ ରଘୁଦ୍ରୁବଃ ସଂ ସୁଜାତାସଃ ସୂରୟ ଇଷଂ ସ୍ତୋତୃଭ୍ୟ ଆ ଭର ॥୨॥

ଏ ସେହି 'ଶକ୍ତି' ଅଟନ୍ତି [ସଃ ଅଗ୍ନିଃ] ଯିଏ ମୂଳତତ୍ତ୍ୱରେ ନିବାସ କରନ୍ତି [ୟଃ ବସୁଃ]; ତାଙ୍କ ପ୍ରତି ମୁଁ ମନ୍ତ୍ରୋଚ୍ଚାରଣ କରୁଛି [ଗୃଣେ] ଯାହାଙ୍କ ମଧ୍ୟରେ ଆମର ପରିପୋଷିକା ଧେନୁଗଣ [ୟଂ ଧେନବଃ] ଏକତ୍ର ସମାବିଷ୍ଟ ହୁଅନ୍ତି[୩] [ସମ୍

[୧] ବେଦରେ 'ଅଶ୍ୱ' ହେଉଛି 'ଶକ୍ତି'ର, ବିଶେଷକରି ପ୍ରାଣଶକ୍ତିର ପ୍ରତୀକ । ଏହାକୁ ନାନା ପ୍ରକାରେ ବ୍ୟକ୍ତ କରାଯାଇଛି – ଯୁଦ୍ଧରେ ଏହା 'ଅର୍ବତ୍' ବା ଯୁଦ୍ଧାଶ୍ୱ, ଯାତ୍ରାରେ ଏହା 'ବାଜିନ୍' – ଏହା ଆମ ନିକଟକୁ ପ୍ରଚୁର ଆଧ୍ୟାତ୍ମିକ ସମ୍ପଦ ବହିଆଣିଥାଏ ।

[୨] ଏହି ଶକ୍ତି ଆମ ସତ୍ତାର ତାମସୀ ରାତ୍ରିରୁ ଦିବ୍ୟ 'ଆଲୋକ' ଦିଗରେ ଯାତ୍ରା କରିବାରେ ଆମକୁ ସାମର୍ଥ୍ୟ ପ୍ରଦାନ କରିଥାଏ ।

[୩] ଆମ ଶକ୍ତି ଓ ଜ୍ଞାନର ସମସ୍ତ ବିକାଶଶୀଳ ଚିତ୍-ଶକ୍ତିଗଣ ଦିବ୍ୟ 'ଜ୍ଞାନ-ଶକ୍ତି'ର ଅଭିବ୍ୟକ୍ତି ଦିଗରେ ଗତି କରୁଛନ୍ତି ଏବଂ ତାହା ମଧ୍ୟରେ ଏକତ୍ରିତ ହୋଇ ସମନ୍ୱିତ ହୋଇଉଠୁଛନ୍ତି ।

ଆୟନ୍ତି], ଯାହାଙ୍କ ମଧ୍ୟରେ ଆମ ଦ୍ରୁତଗାମୀ ଯୁଦ୍ଧାଶ୍ୱଗଣ [ରଘୁଦ୍ରୁବଃ ଅର୍ବନ୍ତଃ] ସମ୍ମିଳିତ ହୁଅନ୍ତି [ସମ୍ (ଆୟନ୍ତି)], ଯାହାଙ୍କ ମଧ୍ୟରେ ଆମର ଜ୍ଞାନଦୀପ୍ତ ଦ୍ରଷ୍ଟାମାନେ [ସୂରୟଃ] ଆମ ମଧ୍ୟରେ ନିଜର ପୂର୍ଣ୍ଣ ଜନ୍ମଲାଭ ନିମନ୍ତେ ଆଗମନ କରିଥା'ନ୍ତି [ସୁଜାତାସଃ ସମ୍ (ଆୟନ୍ତି)]।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିମନ୍ତେ [ସ୍ତୋତୃଭ୍ୟଃ] ତୁମେ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର]।*

ଅଗ୍ନିର୍ହି ବାଜିନଂ ବିଶେ ଦଦାତି ବିଶ୍ୱଚର୍ଷଣିଃ।
ଅଗ୍ନୀ ରାୟେ ସ୍ୱାଭୁବଂ ସ ପ୍ରୀତୋ ଯାତି ବାର୍ୟମିଷଂ ସ୍ତୋତୃଭ୍ୟ ଆ ଭର ॥୩॥

ବିଶ୍ୱାତ୍ମକ ଶ୍ରମଶୀଳ ଦିବ୍ୟ ସଂକଳ୍ପହିଁ [ବିଶ୍ୱଚର୍ଷଣିଃ ଅଗ୍ନିଃ ହି] ମାନବ ପ୍ରାଣୀକୁ [ବିଶେ] ନିଜର ପ୍ରାଚୁର୍ଯ୍ୟରୂପକ ଅଶ୍ୱ ପ୍ରଦାନ କରିଥା'ନ୍ତି [ବାଜିନଂ ଦଦାତି], ଦିବ୍ୟ ସଂକଳ୍ପ ତାହା ପ୍ରଦାନ କରନ୍ତି [ଅଗ୍ନିଃ (ଦଦାତି)] ଯାହା ଆନନ୍ଦ-ଐଶ୍ୱର୍ଯ୍ୟ ନିମନ୍ତେ [ରାୟେ] ଆମ ସମଗ୍ର ସତ୍ତା ମଧ୍ୟକୁ ଆଗମନ କରିଥାଏ [ସ୍ୱାଭୁବମ୍] ଏବଂ ତାହା (ଅଶ୍ୱ) ପ୍ରୀତ ହୋଇ [ପ୍ରୀତଃ] କାଙ୍କ୍ଷିତ ଶୁଭ ପ୍ରତି ଯାତ୍ରା କରିଥାଏ [ବାର୍ୟଂ ଯାତି]।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର]।*

ଆ ତେ ଅଗ୍ନ ଇଧିମହି ଦ୍ୟୁମନ୍ତଂ ଦେବାଜରମ୍।
ଯଦ୍ଧ ସ୍ୟା ତେ ପନୀୟସୀ ସମିଦ୍ ଦୀଦୟତି ଦ୍ୟବୀଷଂ ସ୍ତୋତୃଭ୍ୟ ଆ ଭର ॥୪॥

ହେ ଦେବ, ହେ ଅଗ୍ନେ [ଦେବ ଅଗ୍ନେ], ଆମେ ତୁମର ଦ୍ୟୁତିମୟ ତଥା ଜରାହୀନ ଶିଖାକୁ ଉଦ୍ଦୀପିତ କରୁଛୁ [ତେ ଦ୍ୟୁମନ୍ତମ୍ ଅଜରମ୍ ଆ ଇଧୀମହି] ଯେତେବେଳେ କି [ଯଦ୍ ହ] ତୁମ ଶ୍ରମର ଅଧିକତର ପ୍ରଭାବଶାଳୀ ଶକ୍ତି [ତେ ସ୍ୟା ପନୀୟସୀ ସମିତ୍] ଆମ ସ୍ୱର୍ଗଲୋକଗୁଡ଼ିକରେ ପ୍ରଜ୍ୱଳ ହୋଇ ଉଠୁଥାଏ [ଦ୍ୟବି ଦୀଦୟତି]।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର]।*

ଆ ତେ ଅଗ୍ନ ଋଚା ହବିଃ ଶୁକ୍ରସ୍ୟ ଶୋଚିଷସ୍ପତେ।
ସୁଶ୍ଚନ୍ଦ୍ର ଦସ୍ମ ବିଶ୍ପତେ ହବ୍ୟବାଟ୍ ତୁଭ୍ୟଂ ହୂୟତ ଇଷଂ ସ୍ତୋତୃଭ୍ୟ ଆ ଭର ॥୫॥

ହେ ଦିବ୍ୟ ସଂକଳ୍ପ [ଅଗ୍ନେ] ବିଶୁଦ୍ଧ ଉଜ୍ଜ୍ୱଳ ଅଗ୍ନିଶିଖାର ପ୍ରଭୋ [ଶୋଚିଷଃ ଶୁକ୍ରସ୍ୟ ସ୍ପତେ], ପ୍ରଦୀପନକାରିଣୀ ବାକ୍ ଦ୍ୱାରା ହବନ କରାଯାଉଥିବା ଏହି ହବିଃ ତୁମ ନିମନ୍ତେ [ଋଚା ହବିଃ ତେ ଆ]; ତୁମେ ହବ୍ୟବାହକ [ହବ୍ୟବାଟ୍] ତୁମଠାରେ ଏହା ସମର୍ପଣ କରାଯାଉଛି [ତୁଭ୍ୟଂ ହୂୟତେ], ଜୀବଗଣଙ୍କର ହେ ପ୍ରଭୋ [ବିଶ୍ପତେ], କର୍ମଗୁଡ଼ିକର ହେ ସୁସାଧକ [ଦସ୍ମ], ହେ ସଂପୂର୍ଣ୍ଣାନନ୍ଦ [ସୁଶ୍ଚନ୍ଦ୍ର]!

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର]।*

ପ୍ରୋ ତ୍ୟେ ଅଗ୍ନୟୋଽଗ୍ନିଷୁ ବିଶ୍ୱଂ ପୁଷ୍ୟନ୍ତି ବାର୍ୟମ୍।
ତେ ହିନ୍ୱିରେ ତ ଇନ୍ୱିରେ ତ ଇଷଣ୍ୟନ୍ତ୍ୟାନୁଷଗିଷଂ ସ୍ତୋତୃଭ୍ୟ ଆ ଭର ॥୬॥

ସେହିମାନେ ହେଲେ ତୁମ ବହ୍ନିଶିଖାମାନ ଯାହା ମଧ୍ୟରେ [ତ୍ୟେ ଅଗ୍ନିଷୁ] ତୁମର ଅନ୍ୟ ବହ୍ନିଶିଖାମାନ [ଅଗ୍ନୟଃ]

ପ୍ରତ୍ୟେକ କାମ୍ୟ ମାଙ୍ଗଲ୍ୟ ବସ୍ତୁକୁ [ବିଶ୍ୱଂ ବାର୍ଯ୍ୟମ୍] ପରିପୋଷଣ କରନ୍ତି [ପ୍ରୋ ପୁଷ୍ୟନ୍ତି]; ହେଇ ଦେଖ, ସେମାନେ ପ୍ରତିସ୍ପର୍ଦ୍ଧା କରୁଛନ୍ତି [ତେ ହିନ୍ୱିରେ] ! ହେଇ ଦେଖ, ସେମାନେ ଆଗକୁ ଧାଇଁ ଚାଲିଛନ୍ତି [ତେ ଇନ୍ୱିରେ] ! ସେମାନେ [ତେ] କୌଣସି ବିରତି ବିନା [ଆନୁଷଗ୍] ନିଜ ଅଭିଳାଷ ପ୍ରତି ନିଜକୁ ସଞ୍ଚାଳିତ କରିଚାଲିଛନ୍ତି [ଇଷଣ୍ୟନ୍ତି] ।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର] ।*

*ତବ ତ୍ୟେ ଅଗ୍ନେ ଅର୍ଚୟୋ ମହି ବ୍ରାଧନ୍ତ ବାଜିନଃ ।*
*ୟେ ପତ୍ୱଭିଃ ଶଫାନାଂ ବ୍ରଜା ଭୁରନ୍ତ ଗୋନାମିଷଂ ସ୍ତୋତୃଭ୍ୟ ଆ ଭର ।।୭।।*

ହେ ଦିବ୍ୟ ସଂକଳ୍ପ [ଅଗ୍ନେ] ! ସେହି ଆଗ୍ନେୟ କିରଣଗୁଡ଼ିକ ତୁମର [ତ୍ୟେ ଅର୍ଚୟଃ ତବ], ସେମାନେ ପ୍ରାଚୁର୍ଯ୍ୟରୂପକ ଅଶ୍ୱଗଣ [ବାଜିନଃ], ବିଶାଳତା ଦିଗରେ ସେମାନେ ବୃଦ୍ଧିଲାଭ କରୁଛନ୍ତି [ମହି ବ୍ରାଧନ୍ତଃ] ତଥା ସେମାନେ ନିଜ ଖୁରାପାତ ଧ୍ୱନି ଦ୍ୱାରା [ୟେ ଶଫାନାଂ ପତ୍ୱଭିଃ] ବନ୍ଦୀକୃତ ଜ୍ୟୋତିଃ-ଗୋମାନଙ୍କର ବୃନ୍ଦକୁ ନେଇ ଆସିଥା'ନ୍ତି [ଗୋନାଂ ବ୍ରଜା ଭୁରନ୍ତ][୪] ।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର] ।*

ନବା ନୋ ଅଗ୍ନ ଆ ଭର ସ୍ତୋତୃଭ୍ୟଃ ସୁକ୍ଷିତୀରିଷଃ ।
ତେ ସ୍ୟାମ ୟ ଆନୃଚୁସ୍ତ୍ୱାଦୂତାସୋ ଦମେଦମ ଇଷଂ ସ୍ତୋତୃଭ୍ୟଃ ଆ ଭର ।।୮।।

ହେ ଦିବ୍ୟ ସଂକଳ୍ପ [ଅଗ୍ନେ] ! ତୁମେ ଆମ ସ୍ତୋତାମାନଙ୍କ ନିମନ୍ତେ [ନଃ ସ୍ତୋତୃଭ୍ୟଃ] ଭାବାବେଗର ନବଶକ୍ତିମାନ ଆଣିଦିଅ [ନବା ଇଷଃ ଆ ଭର] ଯାହାଫଳରେ ସେମାନେ ନିଜର ଯଥାର୍ଥ ନିବାସସ୍ଥାନ[୫] ଲାଭ କରିବେ [ସୁକ୍ଷିତୀଃ]; ଆମେ ଯେପରି ସେଇମାନଙ୍କ ପରି ହୋଇଯାଉଁ [ତେ ସ୍ୟାମ] ଯେଉଁମାନେ ତୁମକୁ ନିଜର ଦୂତ କରିଥିବା ହେତୁ [ୟେ ତ୍ୱାଦୂତାସଃ] ଗୃହେ ଗୃହେ ସୂକ୍ତ ଗାନ କରିଥା'ନ୍ତି [ଦମେ ଦମେ ଆନୃଚୁଃ] ।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନୀ ଶକ୍ତି ଆଣିଦିଅ [ଇଷମ୍ ଆ ଭର] ।*

ଉଭେ ସୁଶ୍ଚନ୍ଦ୍ର ସର୍ପିଷୋ ଦର୍ବୀ ଶ୍ରୀଣୀଷ ଆସନି ।
ଉତୋ ନ ଉତ୍ ପୁପୂର୍ୟା ଉକ୍‌ଥେଷୁ ଶବସସ୍ପତ ଇଷଂ ସ୍ତୋତୃଭ୍ୟ ଆ ଭର ।।୯।।

ହେ ପୂର୍ଣ୍ଣାନନ୍ଦ [ସୁଶ୍ଚନ୍ଦ୍ର], ଗତିଶୀଳ ସମୃଦ୍ଧିର [ସର୍ପିଷଃ] ଉଭୟ[୬] କରଚୁଲି [ଉଭେ ଦର୍ବୀ] ତୁମ ମୁଖକୁ ଛୁଉଁଛନ୍ତି [ଆସନି ଶ୍ରୀଣୀଷେ]; ହେ ଭାସ୍ୱର ଶକ୍ତିପତି [ଶବସସ୍ପତେ], ତୁମେ ଯେପରି ଆମ ବାକ୍ ପରିବେଷଣଗୁଡ଼ିକରେ [ଉତ ଉ ନଃ ଉକ୍‌ଥେଷୁ] ଉଚ୍ଛ୍ୱସିତ ଭାବେ ନିଜକୁ ପୂର୍ଣ୍ଣ କରିଦିଅ [ଉତ୍ ପୁପୂର୍ୟା] ।

---

[୪] ଦିବ୍ୟ ସତ୍ୟର କିରଣରାଜି ଇନ୍ଦ୍ରିୟ-କର୍ମର ପତିମାନଙ୍କ ଦ୍ୱାରା ଅବଚେତନା ରୂପକ ଗୁହା ମଧ୍ୟରେ ଆବଦ୍ଧ ହୋଇ ଯାଇଛନ୍ତି ।

[୫] ଅର୍ଥାତ୍, ସେମାନେ ଆମକୁ ଆମ ଗୃହ ପ୍ରତି ଘେନିଯିବେ, ଯାହା 'ସତ୍ୟ'ର ଲୋକ, ଅତିଚେତନାର ସ୍ତର, 'ଅଗ୍ନି'ଙ୍କର ସ୍ୱନିବାସସ୍ଥାନ, ଏହି ଦେବଙ୍କ ମଧ୍ୟରେହିଁ ସକଳ ଆବେଗ-ଉଚ୍ଛ୍ୱାସ ଆଗେଇ ଚାଲିଛନ୍ତି ନିଜର ବିଶ୍ରାମସ୍ଥଳ ତଥା ବାସସ୍ଥାନକୁ ପ୍ରାପ୍ତ ହେବା ନିମନ୍ତେ । ସ୍ତର ପରେ ସ୍ତର ଉତ୍ତରଣର କ୍ରମରେ ଜଣେ ଏଠାରେ ଉପନୀତ ହୋଇ ପାରିବ ଏବଂ ଦିବ୍ୟ ଜ୍ୟୋତି ପ୍ରକାଶିକା 'ବାକ୍' ଦ୍ୱାରା ସେହି ସ୍ତରମାନ ଖୋଲି ଖୋଲି ଯାଉଥିବ ।

[୬] ବୋଧହୁଏ, ଏହା ଦିବ୍ୟ ଓ ମାନବୀୟ ଉଭୟ ଆନନ୍ଦ ।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନି ଶକ୍ତି ଆଣିଦିଅ [ଇଷମ୍ ଆ ଭର]।*

ଏବାଁ ଅଗ୍ନିମଜୁର୍ୟମୁର୍ଗୀର୍ଭିର୍ୟଜ୍ଞେଭିରାନୁଷକ୍ ।
ଦଧଦସ୍ମେ ସୁବୀର୍ୟମୁତ ତ୍ୟଦାଶ୍ୱଶ୍ୱ୍ୟମିଷଂ ସ୍ତୋତୃଭ୍ୟ ଆ ଭର ॥୧୦॥

ଏହିପରି [ଏବ] ସେମାନେ ଆମ ବାକ୍‌ଗୁଡ଼ିକ ଦ୍ୱାରା [ଗୀର୍ଭିଃ] ତଥା ଆମ ଯଜ୍ଞଗୁଡ଼ିକ ଦ୍ୱାରା [ୟଜ୍ଞେଭିଃ] ଅନବରତ [ଆନୁଷକ୍] ଏହି 'ଶକ୍ତି'ଙ୍କୁ [ଅଗ୍ନିମ୍] ସଂଚାଳିତ କରୁଛନ୍ତି ଓ ଆୟତ୍ତରେ ରଖିଛନ୍ତି [ଅଜୁର୍ୟମୁଃ]। ଏହା ଆମର ପ୍ରାର୍ଥନା କି ସେ ଆମ ମଧ୍ୟରେ [ଉତ ଅସ୍ମେ] ସେହି କ୍ଷିପ୍ରଗାମୀ ଅଶ୍ୱଶକ୍ତି[୮] ରୂପକ ସୁବୀର୍ଯ୍ୟକୁ[୭] [ତ୍ୟଦ୍ ଆଶୁ ଅଶ୍ୱ୍ୟଂ ସୁବୀର୍ୟମ୍] ସ୍ଥାପନ କରନ୍ତୁ [ଦଧତ୍]।

*(ହେ ଅଗ୍ନେ) ତୁମ ସ୍ତୋତାମାନଙ୍କ ନିକଟକୁ [ସ୍ତୋତୃଭ୍ୟଃ] ତୁମ ପ୍ରେରଣାଦାୟିନି ଶକ୍ତି ଆଣିଦିଅ [ଇଷମ୍ ଆ ଭର]।*

(କ୍ରମଶଃ)

[CWSA, Vol. 15, pp. 413-416]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ✤

---

(୭) ଯୁଦ୍ଧରତ ମାନବାତ୍ମାର ବୀର-ଶକ୍ତି ।

(୮) ଆଶୁ ଅଶ୍ୱ୍ୟମ୍, ଅର୍ଥାତ୍ କ୍ଷିପ୍ରଗାମୀ ଅଶ୍ୱଶକ୍ତି, ମୂଳ ଶବ୍ଦ ଦୁଇଟିରେ ଯେଉଁ ଯମକ ସୃଷ୍ଟି କରାଯାଇଛି ସେଥିରୁ ଏହି ବ୍ୟଞ୍ଜନା ମିଳୁଛି ଯେ, ''କ୍ଷିପ୍ର ଅଶ୍ୱଗତି ଭଳି ତୀବ୍ର''।

## ଚୈତ୍ୟ, ଅତିମାନସ

*ଶିଷ୍ୟ : ମା, ଭାଗବତ ଭୂମି କ'ଣ ଚୈତ୍ୟସତ୍ତାର ଭୂମି ?*

**ଶ୍ରୀମା** : ଚୈତ୍ୟସତ୍ତାର ଭୂମିଠାରୁ ଏହା ଉଚ୍ଚତର । କୁହାଯାଇପାରେ ଯେ ଚୈତ୍ୟସତ୍ତା ଭଗବାନଙ୍କର ବାହନ, ଏହା ଭଗବାନଙ୍କୁ ଧାରଣ କରେ, ଏହା ଭଗବାନଙ୍କର ଆବାସ, କିନ୍ତୁ ଭଗବାନ୍ ଏହାଠାରୁ ଅଧିକ ଉଚ୍ଚରେ । କାରଣ ଚୈତ୍ୟସତ୍ତା ହେଉଛି ଭଗବତ୍ ଅଭିବ୍ୟକ୍ତିର ଗୋଟିଏ ବିଭାବ ମାତ୍ର ।

*ଶିଷ୍ୟ : ଅତିମାନସ ମଧ୍ୟ ଚୈତ୍ୟସତ୍ତା ନୁହେଁ କି ?*

**ଶ୍ରୀମା** : ଚୈତ୍ୟସତ୍ତାଠାରୁ ମଧ୍ୟ ଅତିମାନସ ଅନେକ ଅଧିକ ଉଚ୍ଚରେ ।

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ କୁହନ୍ତି ତାହା ହେଉଛି ଏକ ଦିବ୍ୟ ଉପାଦାନ ବା ଭଗବତ୍ ଦିବ୍ୟତତ୍ତ୍ୱ ଯାହା ବର୍ତ୍ତମାନ ବିଶ୍ୱଲୀଳାରେ ଆବିର୍ଭୂତ ହେବାକୁ ଯାଉଛି । ସେ ଏହାକୁ ଅତିମାନସ କହିଛନ୍ତି, କାରଣ ଏହା ମନର ପରେ ଆସୁଛି, ଅର୍ଥାତ୍ ପରମ ଭଗବତ୍ ଦିବ୍ୟତତ୍ତ୍ୱର ଏହା ଏକ ନୂତନ ଅଭିବ୍ୟକ୍ତି । ଏବଂ ଏହା ଚୈତ୍ୟ ସହ ସମ୍ବନ୍ଧୀତ, ଯେପରି ଭଗବାନ୍ ଚୈତ୍ୟ ସହ ସମ୍ବନ୍ଧୀତ, ଅର୍ଥାତ୍ ଚୈତ୍ୟ ହେଉଛି ତାଙ୍କର ନିବାସ, ମନ୍ଦିର, ବାହନ ଯାହାକିଛି ବାହ୍ୟ ଭାବରେ ଭଗବାନଙ୍କୁ ଅଭିବ୍ୟକ୍ତ କରେ । କିନ୍ତୁ ଏହା କେବଳ ନିଜର ସାରସତ୍ୟରେ ଦିବ୍ୟ, ନିଜର ପୂର୍ଣ୍ଣାଙ୍ଗ ରୂପରେ ନୁହେଁ । ଏହା ହେଉଛି ଭଗବାନଙ୍କ ବାହ୍ୟ ପ୍ରକାଶର ଏକ ଧରଣ, ଭଗବାନଙ୍କ ତୁଳନାରେ ଏହା ବାହ୍ୟ, ଅର୍ଥାତ୍ ଜାଗତିକ ।

✤

# ସାଗର ସାରୂପ୍ୟ

## ଶ୍ରୀଅରବିନ୍ଦ

ନୀରବତା ମୋର ଚଉଦିଗେ ରାଜେ, ବର୍ଣନାତୀତ ପ୍ରସାରତା;
ଶୁଭ୍ର ବିହଗ ଭ୍ରମନ୍ତି କେବେ ସାଗର ବକ୍ଷ ଛୁଇଁ ଛୁଇଁ;
ଶବଦବିହୀନ ପାରାବାରଟିଏ ବାଣୀହୀନ ନଭେ ଚାହିଁ ଚାହିଁ,
ନୀଳିମ ଦୃଷ୍ଟି ନୀଳିମାର ପରେ, ମଉନ-ମଗନ ନିରେଖଇ ।

ଏକାକାର ହୋଇ ନିରବତା ସାଥେ, ସୀମାହୀନତାରେ ହୋଇ ଏକ
ଆତ୍ମା ମୋହର ବିସ୍ତରି ଯାଏ ବିଶ୍ୱେ ଆବୋରି ବୁକୁପରେ
ପ୍ରତିଭାତ ଥିଲା ଯେତେ ଯାହା, ଯେ ଯାବତ୍ ହୋଇନି ସତ୍‌ରୂପ,
ଅଦ୍ୱିତୀୟ ବି ବିକ୍ରମୀ ଆଉ ଅଖଣ୍ଡ ଏକ ବ୍ୟାପ୍ତିରେ ।

କେହି ଜଣେ ତହିଁ ଧ୍ୟାନ-ନିମଗନ ନାମହୀନ ପୁଣି ତନୁହୀନ,
ଚଇତନମୟ ସଙ୍ଗହୀନ ସେ, ମରଣ-ଅତୀତ ନିଃସୀମ,
ଆବର, ଏକା ସେ ସନାତନ ଏକ ରଭସେ ରମଇ ନିଶ୍ଚଳ,
ଆହରଣ କରି ସକଳ ବସ୍ତୁ ଅନ୍ତରେ ତା'ର କାଳ କାଳ ।

[ଶ୍ରୀଅରବିନ୍ଦଙ୍କ ରଚିତ **'The Ocean Oneness'**
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ



ନିଜକୁ ମା'ଙ୍କ ପ୍ରତି ଉନ୍ମୀଳିତ କରି ରଖ ଓ ତାଙ୍କ ସହ ପୂର୍ଣ୍ଣ ଭାବରେ ଯୁକ୍ତ ହୋଇ ରୁହ । ତାଙ୍କର ସ୍ପର୍ଶ ପ୍ରତି ନିଜକୁ ସମଗ୍ର ଭାବରେ ନମନୀୟ କରିଦିଅ ଏବଂ ସେ ତୁମକୁ ଗଢ଼ି ପୂର୍ଣ୍ଣତାର ପଥରେ ଦ୍ରୁତ ଗତିରେ ଆଗେଇ ନେବେ ।

— ଶ୍ରୀଅରବିନ୍ଦ

# ବିଶ୍ୱାମିତ୍ର ବଶିଷ୍ଠ ସଂବାଦ-ବିସଂବାଦ

## ଶ୍ରୀ ମନୋଜ ଦାସ

ଭାରତର ଅମାପ ଆଧ୍ୟାତ୍ମିକ ପରମ୍ପରାରେ ଆମେ ଏଭଳି କେତେ ମୁନିଋଷିଙ୍କୁ ଭେଟି ଥାଉ, ଯେଉଁମାନଙ୍କ ଆଚରଣ କଦବା ଆମକୁ ଆମୋଦିତ କରେ ତ କଦବା ବିସ୍ମିତ କରେ । ଏକ ଦିଗରେ ସେମାନେ ଆୟତ୍ତ କରିଥିଲେ ଅପୂର୍ବ ଅତିଭୌତିକ, ରହସ୍ୟଘନ ଶକ୍ତି । ଅଥଚ ଅନ୍ୟ ଦିଗରେ ସେମାନେ ଥିଲେ କ୍ରୋଧୀ, କେବେ କେବେ ପ୍ରତିହିଂସା-ପରାୟଣ । ଧରନ୍ତୁ ବିଶ୍ୱାମିତ୍ରଙ୍କ କଥା । ନିଜ ଶରଣାଗତ ଶିଷ୍ୟକୁ ସ୍ୱର୍ଗକୁ ପ୍ରେରଣ କରିବାର ପ୍ରତିଶ୍ରୁତି ଦେଇ ସ୍ୱର୍ଗରେ ତା' ଠାଇଁ ନହେବା ଯୋଗୁଁ ତା ସକାଶେ ଗୋଟାଏ ନୂତନ ସ୍ୱର୍ଗ ସୃଷ୍ଟି କରିଦେଲେ – ଏମନ୍ତ ତାଙ୍କ ତପଃଶକ୍ତିର କରାମତି । ଅଥଚ ସେହି ବିଶ୍ୱାମିତ୍ର ବଶିଷ୍ଠଙ୍କୁ କମ୍ କଲବଲ କରିଛନ୍ତି ? ସେ ଏଭଳି ରାକ୍ଷସ ପ୍ରୟୋଗ କରିବେ ଯିଏ ବଶିଷ୍ଠଙ୍କ ସମସ୍ତ ସନ୍ତାନଙ୍କୁ ଖାଇଦେବ – ଏଇଟା କ'ଣ ଋଷିଜନୋଚିତ କଥା ହେଲା ? ଧରନ୍ତୁ ଦୁର୍ବାସାଙ୍କ କଥା । ମହାମହିମ ଋଷି ହେବା ସତ୍ତ୍ୱେ ଏମିତି ଅବିବେକୀ ସେ କେମିତି ହୋଇ ପାରିଲେ ? ଦୁର୍ଯ୍ୟୋଧନ ଭଳି ଦୁର୍ମତି କଥାରେ ପଡ଼ି ଅରଣ୍ୟରେ ସର୍ବହରା ହୋଇ ବାସ କରୁଥିବା ପାଣ୍ଡବଙ୍କ କୁଡ଼ିଆରେ ପହଞ୍ଚିବେ ତ ପହଞ୍ଚିବେ – ପୁଣି ହଜାରେ ଅନୁଗତଙ୍କୁ ଧରି ଏବଂ ସମସ୍ତଙ୍କ ସକାଶେ ଲୋଡ଼ା ଉପଯୁକ୍ତ ଭୋଜନ ! ଯଦି କୃଷ୍ଣ ସାମାନ୍ୟ ବିଭୂତି ପ୍ରୟୋଗ ନ କରିଥା'ନ୍ତେ, ତେବେ ତ ଦ୍ରୌପଦୀ ଭୋଜନ ଯୋଗାଇବାରେ ଅକ୍ଷମତା ଯୋଗୁଁ ପାଇଥା'ନ୍ତେ ନିଦାରୁଣ ଅଭିଶାପ ! ଶକୁନ୍ତଳା ବିଚାରୀ ଟିକିଏ ଅନ୍ୟମନସ୍କ ହୋଇ ବସିଥିଲେ ବୋଲି କ'ଣ କମ୍ ହିନସ୍ତା ହେଲେ ଏହି ଋଷିପ୍ରବରଙ୍କ କ୍ରୋଧରୁ ?

କିନ୍ତୁ ପ୍ରଶ୍ନଟି ଏଇଠି ସମାପ୍ତ ହେଉ ନାହିଁ ବରଂ ଏତକ ହେଲା ଜିଜ୍ଞାସାର ଭୂମିକା । ଅସଲ ଜିଜ୍ଞାସା ହେଲା, ଯଦି ମୁନିଋଷିଙ୍କ ଚେତନାରେ ଭାରସାମ୍ୟର ଏଭଳି ଅଭାବକୁ ପୋଥିପୁରାଣ ବେଶ୍ ବରଦାସ୍ତ କରୁଥିବାର ମନେହୁଏ, ତେବେ ଶ୍ରୀଅରବିନ୍ଦ ତାଙ୍କ ''ଯୋଗ ସମନ୍ୱୟ'' ଗ୍ରନ୍ଥରେ ଚାରି ପରିଚ୍ଛେଦ ଧରି କାହିଁକି ସମତା ଗୁଣର ମହତ୍ତ୍ୱ ବୁଝାଇଛନ୍ତି ? ପ୍ରାଣସତ୍ତାର ଉଚ୍ଛୃଙ୍ଖଳତା, ମନର ଚପଳତା – ଏସବୁ ଉପରେ ଖାଲି ନିୟନ୍ତ୍ରଣ ନୁହେଁ, ଏସବୁ ଉପରେ ଏମନ୍ତ ବିଜୟ ଆବଶ୍ୟକ, ଯାହା ଫଳରେ ଚେତନା ରହିବ ସର୍ବଦା ନିରପେକ୍ଷ, ସର୍ବଦା ଅନାସକ୍ତ ଏବଂ ସର୍ବଦା ପ୍ରଶାନ୍ତ – ଏବଂ ତେବେ ଯାଇ ଜଣେ ଯୋଗୀ ହୋଇପାରିବ । କେଉଁ ନିରାସକ୍ତି, କେଉଁ ନିରପେକ୍ଷତା ଥିଲା ବିଶ୍ୱାମିତ୍ରଙ୍କର ? ଶ୍ରୀଅରବିନ୍ଦଙ୍କ ଅନୁଗତବର୍ଗ ସାଧାରଣ ମଣିଷ : ବଣିକ, କୃଷକ, ଶିକ୍ଷକ, ଚିକିତ୍ସକ, କର୍ମଚାରୀ, ଇତ୍ୟାଦି ଇତ୍ୟାଦି; ଏଇ ସ୍ଥୂଳ ସମାଜର ବାସିନ୍ଦାବର୍ଗ । ଯାହା ବିଶ୍ୱାମିତ୍ର ବା ଦୁର୍ବାସା ଆୟତ୍ତ କରିପାରି ନାହାନ୍ତି, ତାହା ରାମବାବୁ, ଦାସବାବୁ, ଶ୍ୟାମବାବୁ ଭଳି ଯନ୍ତ୍ରୀ, ମନ୍ତ୍ରୀ, ହାକିମ, ଅମଲାଏଁ କିପରି ଆୟତ୍ତ କରିବା ସମ୍ଭବ ?

ସୁଦୂର ଅତୀତକୁ ପ୍ରସାରିତ ଭାରତର ଆଧ୍ୟାତ୍ମିକ ପରମ୍ପରା । ଅଗଣନ ମୁନି, ଋଷି ଓ ଯୋଗୀଙ୍କ ଜୀବନ ଓ ସିଦ୍ଧିର ବିବରଣୀ ଲିପିବଦ୍ଧ ହୋଇ ନାହିଁ । ଯେଉଁମାନଙ୍କ ବୃତ୍ତାନ୍ତ ଆମେ ଉପନିଷଦ୍, ମହାକାବ୍ୟ, ପୁରାଣ ଏବଂ ଆଉ କେତେକ ପ୍ରାଚୀନ ସାହିତ୍ୟରେ ପଢୁ, ସେମାନଙ୍କୁ କେନ୍ଦ୍ର କରି ବା ସେମାନଙ୍କ ସମ୍ପର୍କରେ ଏପରି କିଛି କିଛି ଘଟଣା ଘଟିଥିଲା, ଯାହାର ତାତ୍ପର୍ଯ୍ୟ ରହିଛି ଏକାଧିକ ସ୍ତରରେ । ଆଉ ଥରେ କହୁଛି – ଏକାଧିକ ସ୍ତରରେ । ସୂକ୍ଷ୍ମ ସ୍ତରରେ ନିହିତ ଅର୍ଥ ସହଜରେ ବୋଧଗମ୍ୟ ନୁହେଁ । ହୁଏତ ସେ ଯୁଗର ଗୁରୁ ତାଙ୍କର ଯୋଗ୍ୟ ଶିଷ୍ୟଙ୍କ ସକାଶେ ସେ ରହସ୍ୟ ଉଦ୍‌ଘାଟନ କରୁଥିଲେ । ଧରନ୍ତୁ ବିଶ୍ୱାମିତ୍ରଙ୍କ ସମ୍ପର୍କୀୟ ଶୁନଃଶେଫ କିଂବଦନ୍ତୀ । କାହାଣୀଟିର ସ୍ଥୂଳ ରୂପଠୁ ତା'ର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଦୂରତା ଉତ୍ତରମେରୁ ଠାରୁ ଦକ୍ଷିଣମେରୁର ଦୂରତା ଭଳି । ଶ୍ରୀଅରବିନ୍ଦ ଅନ୍ୟ ପ୍ରସଙ୍ଗରେ କହିବାବେଳେ ତା' ଉପରେ ଦୈବାତ୍ ସାମାନ୍ୟ ଆଲୋକପାତ କରି ଥିବାରୁ ଚମକି ପଡ଼ି ଆମେ ହୃଦୟଙ୍ଗମ କରୁ ସେ ବିପୁଳ ଦୂରତା ।

ବର୍ତ୍ତମାନ ମୂଳ ପ୍ରଶ୍ନକୁ ଫେରି ଆସିବା । ଅଳ୍ପ କେତେଜଣ ମୁନିଋଷିଙ୍କ ଜୀବନର ବୈଷମ୍ୟ କଥା ଆମେ ଜାଣୁ । କିନ୍ତୁ ଅଗଣନ ଋଷି ଯେଉଁମାନେ ସେମାନଙ୍କ ସାଧନାମାର୍ଗରେ ପ୍ରଶାନ୍ତ ସମତାର ଅଧିକାରୀ ହୋଇଥିବେ, ସେମାନଙ୍କ କଥା ଜାଣୁନା । ଖାଲି ମୁନିଋଷି ନୁହନ୍ତି, ଅତ୍ୟନ୍ତ ସ୍ଥୂଳ କାର୍ଯ୍ୟରେ ଜଡ଼ିତ ରାଜାମାନଙ୍କ ଭିତରେ ମଧ୍ୟ ଅଦ୍ଭୁତ ସମତା ଶକ୍ତିର ଦୃଷ୍ଟାନ୍ତ ଉପସ୍ଥାପନ କଲା ଭଳି ଚରିତ୍ର ଅଛନ୍ତି । ଧରନ୍ତୁ ରାଜା ଜନକଙ୍କ କଥା । ସେ ଏକାଧାରରେ ରାଜା ଏବଂ ଋଷି । ଋଷି-ଚେତନାରେ

ରହି ସେ ତାଙ୍କ ରାଜ୍ୟଭାର ତୁଲାଇ ପାରୁଥିଲେ । ସେ କେବେ ବନବାସୀ ହୋଇ ନାହାନ୍ତି । ଋଷିମାନଙ୍କ ଭଳି ତାଙ୍କର ଶିଷ୍ୟ ନଥିଲେ ବି ଜ୍ଞାନାନ୍ୱେଷଣରେ ଜିଜ୍ଞାସୁ, ଭାବୀ ଋଷି ଏବଂ ଏପରିକି ଋଷିମାନେ ମଧ୍ୟ ତାଙ୍କ ପାଖକୁ ଜ୍ଞାନ ପାଇଁ ଆସୁଥିଲେ । ପୁରାଣର ବିବରଣୀ ଅନୁସାରେ ସେ ଥିଲେ ସମତାସିଦ୍ଧ । ବିକ୍ଷୋଭ, ବିଦ୍ରୋହର ଊର୍ଦ୍ଧ୍ୱରେ ଥିଲା ତାଙ୍କ ଚେତନା ।

ତାଙ୍କୁ କୁହାଯାଏ ରାଜର୍ଷି । ବିଶ୍ୱାମିତ୍ର ମଧ୍ୟ ରାଜର୍ଷି । କିନ୍ତୁ ଦୁଇ ରାଜର୍ଷିତ୍ୱ ମଧ୍ୟରେ ପାର୍ଥକ୍ୟ ରହିଛି । ବିଶ୍ୱାମିତ୍ର ରାଜା ଥିଲେ; କିନ୍ତୁ କ୍ଷାତ୍ର ଶକ୍ତି ତୁଳନାରେ ବ୍ରହ୍ମଶକ୍ତି କେଡ଼େ ଅଧିକ ଗରୀୟାନ୍, ତାହା ହୃଦୟଙ୍ଗମ କରିବା ଅନ୍ତେ ସେ ସିଂହାସନ ପରିତ୍ୟାଗ କରି ଅରଣ୍ୟରେ ତପସ୍ୟାରତ ହେଲେ । ତପସ୍ୟାର କେତେ ସ୍ତର ଦେଇ ଗତି କରି ସେ ହେଲେ ଋଷି । ରାଜାରୁ ଋଷି ହେଲେ ବୋଲି ସେ ରାଜର୍ଷି । କିନ୍ତୁ ଜନକଙ୍କ କ୍ଷେତ୍ରରେ କଥା ସ୍ୱତନ୍ତ୍ର । ସେ ତାଙ୍କ ସାମାଜିକ ଭୂମିକାରେ ରାଜା; ଏକହିଁ ସମୟରେ ଆନ୍ତର ଚେତନାରେ ଋଷି ।

ବିଶ୍ୱାମିତ୍ର-ବଶିଷ୍ଠ ବିବାଦ-ବିସମ୍ବାଦ ପୁରାଣ ସାହିତ୍ୟର ଏକ ଅବିସ୍ମରଣୀୟ ଅଙ୍ଗ । ତା'ର ଗୂଢ଼ ତାତ୍ପର୍ଯ୍ୟ, ପ୍ରତୀକାତ୍ମକ ଅର୍ଥ ନିଶ୍ଚିତ ଭାବରେ ରହିଛି, କିନ୍ତୁ ତାହା ସୁଗଭୀର ସନ୍ଧାନ-ସାପେକ୍ଷ । ସେ କାହାଣୀର ବହିରଙ୍ଗ ମଧ୍ୟ ଆମ ପାଇଁ ବିପୁଳ ଶିକ୍ଷଣୀୟ । ସେଥିପାଇଁ ଶ୍ରୀଅରବିନ୍ଦ ତାଙ୍କର କେତୋଟି ବିରଳ ବଙ୍ଗଳା ରଚନା ଭିତରେ, 'କ୍ଷମାର ଆଦର୍ଶ' ଶିରୋନାମାରେ ଏ ଦୁଇ ଋଷିଙ୍କ ସଂଘର୍ଷମୟ ସମ୍ପର୍କର ଶେଷାଂଶକୁ ସ୍ଥାନ ଦେଇଛନ୍ତି ।

ସଂଘର୍ଷର ପଟ୍ଟଭୂମି ଅନେକେ ମନେ ରଖିଥିବେ । ରାଜା ବିଶ୍ୱାମିତ୍ର ଦିନେ ଅରଣ୍ୟ ଭିତରେ କ୍ଳାନ୍ତ ଓ ଅବସନ୍ନ ଅବସ୍ଥାରେ ଋଷି ବଶିଷ୍ଠଙ୍କ ଆଶ୍ରମରେ ଆଶ୍ରୟ ନେଲେ । ତାଙ୍କ ସହ ଥିଲେ ବହୁ ପାତ୍ର, ମିତ୍ର, ଅମାତ୍ୟ ଓ ସୈନ୍ୟସାମନ୍ତ । ତାଙ୍କୁ ବିସ୍ମିତ କରି ଋଷିବର ସମସ୍ତଙ୍କୁ ଦିବ୍ୟ ଭୋଜନ ପରିବେଷଣ କଲେ ।

ଜନପଦଠୁଁ ଦୂରବର୍ତ୍ତୀ ଅରଣ୍ୟ ଭିତରେ, ସାଧାରଣ କୁଟୀର ସମ୍ବଳିତ ଆଶ୍ରମରେ, ପୂର୍ବରୁ କୌଣସି ସଙ୍କେତ ପାଇ ନ ଥିବା ସତ୍ତ୍ୱେ ଋଷି ବଶିଷ୍ଠ ଏତେ ଲୋକଙ୍କୁ ଆପ୍ୟାୟିତ କରି ପାରିବା ଭଳି ଏତେ ଉପାଦାନ, ଉପକରଣ ସଂଗ୍ରହ କଲେ କିପରି ? ତାଙ୍କ ଶିଷ୍ୟମାନେ ବା ଏଭଳି ରନ୍ଧନକଳା ଶିକ୍ଷା କଲେ କିପରି ?

କୌତୂହଳୀ ରାଜା ଅଚିରେ ଜାଣିଲେ ଋଷିବରଙ୍କର ରହିଛି ଏକ ଅନନ୍ୟ ଗାଭୀ, ନାମ ନନ୍ଦିନୀ – କାମଧେନୁ । ଋଷିବର ନନ୍ଦିନୀଙ୍କୁ ଯାହା ମାଗିବେ ତାହା ସେ ପାଇବେ । ଅବଶ୍ୟ ଋଷି କ୍ୱଚିତ୍ ସେ ଅଭାବନୀୟ ଆଶୀର୍ବାଦର ସୁଯୋଗ ନେଉଥିଲେ; ଅନ୍ତତଃ ନିଜ ପାଇଁ ସେ କେବେ ନନ୍ଦିନୀଙ୍କ ଠାରୁ କୌଣସି ଦାନ ନେଇ ନାହାନ୍ତି ।

ରାଜା ବିଶ୍ୱାମିତ୍ର ଋଷି ବଶିଷ୍ଠଙ୍କୁ ପ୍ରସ୍ତାବ ଦେଲେ, ବଶିଷ୍ଠ ତ କୌଣସି ଐଶ୍ୱର୍ଯ୍ୟ, କୌଣସି ଧନ, ଜନ, ବଳ ପାଇଁ ଆକାଂକ୍ଷିତ ନୁହନ୍ତି; ଅତଏବ ନନ୍ଦିନୀଙ୍କୁ ସେ ତାଙ୍କୁ ଦେଇ ଦିଅନ୍ତୁ, ବଦଳରେ ସେ ଦେବେ ସହସ୍ର ସୁଲକ୍ଷଣା ଗାଭୀ ।

ବଶିଷ୍ଠ କହିଲେ, ନନ୍ଦିନୀ ଏକ ଦୈବୀଶକ୍ତି – ସେ ସ୍ଥୂଳ ସମ୍ପଦଟିଏ ନୁହନ୍ତି ଯେ ମାଲିକ ନିଜ ଇଚ୍ଛାନୁସାରେ ତାହାକୁ ହସ୍ତାନ୍ତର କରିପାରିବ । ତାଙ୍କ ଇଚ୍ଛା ବିନା ତାଙ୍କୁ କେହି ନେଇ ପାରିବ ନାହିଁ ଏବଂ ବଶିଷ୍ଠ ଯାହା ଜାଣିଥିଲେ, ତାଙ୍କ ଆଶ୍ରମ ତ୍ୟାଗ କରି ରାଜନବରରେ ଯାଇ ରହିଲା ଭଳି ଗାଭୀ ସେ ନୁହନ୍ତି ।

ଦୁର୍ଭାଗ୍ୟ କୁହନ୍ତୁ, ସୌଭାଗ୍ୟ କୁହନ୍ତୁ, ବିଶ୍ୱାମିତ୍ର ସେ ବ୍ୟାଖ୍ୟା ବୁଝିଲେ ନାହିଁ । ଉଦ୍ଧତ ରାଜା ବଳପ୍ରୟୋଗ କରି ନନ୍ଦିନୀଙ୍କୁ ନେଇ ଯିବାକୁ ଚେଷ୍ଟା କଲେ । ରାଜାଙ୍କ ସୈନ୍ୟସାମନ୍ତଙ୍କୁ ବାଧାଦେବା ଭଳି କ୍ଷମତା ଆଶ୍ରମ-ବାସୀମାନଙ୍କର କାହୁଁ ଆସିବ ? ବଶିଷ୍ଠ ନନ୍ଦିନୀଙ୍କ ଉପରେ ଧ୍ୟାନସ୍ଥ ହୋଇ ଜଣାଇଲେ, ''ହେ ମାତଃ, ତୁମେହିଁ କେବଳ ତୁମକୁ ରକ୍ଷା କରିପାରିବ ।''

ଅଚାନକେ ଆବିର୍ଭୂତ ହେଲା ଏକ ବିଶାଳ ପ୍ରତିରକ୍ଷା-ବାହିନୀ । ବିଶ୍ୱାମିତ୍ରଙ୍କ ସୈନ୍ୟସାମନ୍ତଙ୍କୁ ସେମାନେ ପରାଭୂତ କରି ବିତାଡ଼ିତ କଲେ ।

କିନ୍ତୁ ଦୁର୍ଭାଗ୍ୟକୁ ସୌଭାଗ୍ୟରେ ପରିଣତ କଲେ ବିଶ୍ୱାମିତ୍ର । ବ୍ରହ୍ମଶକ୍ତି ତୁଳନାରେ କ୍ଷାତ୍ରଶକ୍ତି, ରାଜଶକ୍ତି କେଡ଼େ ଦୁର୍ବଳ, ଏହା ଅଙ୍ଗେ ନିଭେଇ ସେ ବନିଗଲେ ଋଷି ।

ବହୁ ଶକ୍ତିର ସେ ଅଧିକାରୀ ହେଲେ, କିନ୍ତୁ ବଶିଷ୍ଠଙ୍କ ପ୍ରତି ତାଙ୍କର ଯେଉଁ ପ୍ରଚଣ୍ଡ କ୍ରୋଧ, ତା'ର ଉପଶମ ହେଲା ନାହିଁ । ସେ ବଶିଷ୍ଠଙ୍କର ଯେତେଦୂର ସମ୍ଭବ ହାନି କଲେ । ଅବସ୍ଥା ଏତେ ଦୂର ଗତି କଲା ଯେ ସମତା-ସିଦ୍ଧ ବଶିଷ୍ଠ ମଧ୍ୟ ଥରେ ପ୍ରାଣ ହାରିବାର ସିଦ୍ଧାନ୍ତ ନେଲେ । ଅବଶ୍ୟ ସେ ସିଦ୍ଧାନ୍ତ ଖାଲି ହତାଶାଜନିତ ନୁହେଁ, ବିଶ୍ୱାମିତ୍ରଙ୍କ ପ୍ରତି ସହାନୁଭୂତିଜନିତ

ମଧ । ବିଚରା ବିଶ୍ୱାମିତ୍ର ଈର୍ଷା ଓ କ୍ରୋଧ ଯୋଗୁଁ କେତେ କଷ୍ଟ ପାଉଛି ! ସେ ପୃଥିବୀରୁ ବିଦାୟ ନେଲେ ତେଣିକି ବିଶ୍ୱାମିତ୍ର ନିଶ୍ଚିନ୍ତ ହୋଇ ତପସ୍ୟା କରିବେ; ରାଜର୍ଷିରୁ ହେବେ ବ୍ରହ୍ମର୍ଷି । ସେଭଳି ସିଦ୍ଧିର ପ୍ରତିଶ୍ରୁତି ବିଶ୍ୱାମିତ୍ରଙ୍କ ଭିତରେ ରହିଛି ।

ବଶିଷ୍ଠ ଯାଇ ଏକ ନଦୀରେ ଝାସ ଦେଲେ । କିନ୍ତୁ ନଦୀ ତତ୍‌କ୍ଷଣାତ୍ ଶତଧାରାରେ ବିଦୀର୍ଣ୍ଣ ହେଲା । ବୁଡ ଦେଇ ପ୍ରାଣ ହାରିଲା ପରିମାଣ ଜଳ ବଶିଷ୍ଠଙ୍କୁ ମିଳିଲା ନାହିଁ । ନଦୀଟିର ନାମ ହେଲା 'ଶତଧାରା' ବା 'ଶତଦ୍ରୁ' ।

ବଶିଷ୍ଠ ପୁନର୍ବାର ଅନ୍ୟ ଏକ ନଦୀକୁ ଲମ୍ଫ ଦେଲେ । ଏଥର ସେ ନିଜକୁ ପାଶବଦ୍ଧ କରିଥା'ନ୍ତି । ଜଳ ଯଥେଷ୍ଟ ନ ହେଲେ ବି ସେ ନିଶ୍ଚେଷ୍ଟ ରହି ବୁଡ଼ିବେ । କିନ୍ତୁ ନଦୀର ଦେବୀ ତାଙ୍କୁ ପାଶମୁକ୍ତ କଲେ । ଏ ପାଶମୁକ୍ତିର ପ୍ରକୃତ ଅର୍ଥ ବଶିଷ୍ଠ ନିଜର ହତାଶାର ବନ୍ଧନରୁ ବା ବିଶ୍ୱାମିତ୍ରଙ୍କ ପ୍ରତି ସହାନୁଭୂତି ରୂପକ ବନ୍ଧନରୁ ମୁକ୍ତ ହେଲେ, ଅର୍ଥାତ୍ ତାଙ୍କ ଚେତନାରେ ଥିବା ଆସକ୍ତିର ସର୍ବଶେଷ ଚିହ୍ନ ହେଲା ବିଲୁପ୍ତ । ତାଙ୍କୁ ପାଶ ମୁକ୍ତ କରିଥିବା ହେତୁ ନଦୀଟିର ନାମ ହେଲା 'ବିପାଶା' ।

ତେଣିକି ବଶିଷ୍ଠ ପରିପୂର୍ଣ୍ଣ ସମତାର ଅଧିକାରୀ ଭାବରେ ଦିନ ବିତାଇଲେ । ତେଣେ ବିଶ୍ୱାମିତ୍ର କିନ୍ତୁ ନର୍କ ଯନ୍ତ୍ରଣା ଭୋଗୁଥା'ନ୍ତି । ତାଙ୍କ ଯନ୍ତ୍ରଣାର ମାତ୍ରା ବୃଦ୍ଧି ସକାଶେ ଦାୟୀ ଅନ୍ୟ ଏକ କାରଣ । ସମସ୍ତେ ବଶିଷ୍ଠଙ୍କୁ ବ୍ରହ୍ମର୍ଷି ବୋଲି କହୁଥା'ନ୍ତି, ତାଙ୍କୁ କିନ୍ତୁ ରାଜର୍ଷି ସମ୍ବୋଧନଠୁ ଅଧିକ କିଛି କହିବାକୁ କେହି ପ୍ରସ୍ତୁତ ନୁହନ୍ତି ।

ନିଜର ଏତେ ତପଃଶକ୍ତି ସତ୍ତ୍ୱେ ସେ କ'ଣ ବ୍ରହ୍ମର୍ଷି ପଦବାଚ୍ୟ ନୁହନ୍ତି ? ସେ ଯେଉଁ ଋଷିଙ୍କୁ ଏହି ପ୍ରଶ୍ନ କରନ୍ତି, ତାଙ୍କଠୁ ପାଆନ୍ତି ଏହିପରି ଉତ୍ତର – କିଏ ବ୍ରହ୍ମର୍ଷି, ସେକଥା ଏକମାତ୍ର ଜଣେ ବ୍ରହ୍ମର୍ଷିହିଁ କହିପାରିବେ । ବଶିଷ୍ଠ ହେଲେ ବ୍ରହ୍ମର୍ଷି – ଆପଣ ତାଙ୍କୁ ପଚାରନ୍ତୁ ।

ଏ ଉତ୍ତରରେ ଆହୁରି କ୍ରୋଧଜର୍ଜର ହୁଅନ୍ତି ବିଶ୍ୱାମିତ୍ର । ତାଙ୍କ ପ୍ରରୋଚନାରେ କେତେଥର କେତେ ଋଷି ଯାଇ ବଶିଷ୍ଠଙ୍କୁ ଅନୁରୋଧ କରନ୍ତି – ସେ ବିଶ୍ୱାମିତ୍ରଙ୍କୁ ବ୍ରହ୍ମର୍ଷି ବୋଲି ସ୍ୱୀକାର କରନ୍ତେ ନାହିଁ ?

ବଶିଷ୍ଠ ମୃଦୁ ଭାବରେ ହସି ଦେଇ ଚୁପ୍ ରହି ଯାଆନ୍ତି ।

ସେ ସମ୍ବାଦରେ ଆହୁରି ଉତ୍ତେଜିତ ହୁଅନ୍ତି ବିଶ୍ୱାମିତ୍ର ।

ଦିନେ କ୍ରୋଧ ତାଙ୍କୁ ଉନ୍ମତ୍ତ ଓ ଉଦ୍‌ଭ୍ରାନ୍ତ କରିଦେଲା । ସେ ନିଜକୁ ଭୁଲି ଗଲେ । ଅନ୍ଧାର ରାତି । ତାଙ୍କ ଆଶ୍ରମର ଅଦୂରରେ ବଶିଷ୍ଠଙ୍କ ଆଶ୍ରମ । ତରବାରି ନେଇ ସେ ବହିର୍ଗତ ହେଲେ । ଆଜି ସେ ବଶିଷ୍ଠଙ୍କୁ ନିଧନ କରି ନିଜ କ୍ରୋଧ ଶାନ୍ତ କରିବେ ।

ବଶିଷ୍ଠଙ୍କ କୁଟୀର ଭିତରେ ଜଳୁଛି ପ୍ରଦୀପ । ବିଶ୍ୱାମିତ୍ର ଉଙ୍କିମାରି ଅବସ୍ଥା ପର୍ଯ୍ୟବେକ୍ଷଣ କରୁଥା'ନ୍ତି । ଶୁଣିଲେ ବ୍ରହ୍ମର୍ଷି ବଶିଷ୍ଠ ଏବଂ ଋଷି ପତ୍ନୀ ଅରୁନ୍ଧତୀଙ୍କ ମଧ୍ୟରେ କଥୋପକଥନ ।

– ''ଅରୁନ୍ଧତୀ, ଯଦି ଲୁଣ ନଥିଲା, ତୁମେ ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯାଇ ଟିକିଏ ନେଇ ଆସି ପାରି ନଥା'ନ୍ତ ?'' ପ୍ରଶ୍ନ କଲେ ବଶିଷ୍ଠ ।

ବିକ୍ଷୁବ୍ଧ କଣ୍ଠରେ କହିଲେ ଅରୁନ୍ଧତୀ : ''ତୁମେ କହୁଛ କ'ଣ ? ଯେଉଁ ବିଶ୍ୱାମିତ୍ର ଆମର ଶତପୁତ୍ରର ନିଧନ ପାଇଁ ଦାୟୀ, ତା' କୁଟୀରରୁ ମୁଁ ଯାଇ ଲୁଣ ସଂଗ୍ରହ କରିବି ? ତୁମେ ଏ ପ୍ରସ୍ତାବ ମନକୁ ଆଣିପାରିଲ କେମିତି ?''

''ମୁଁ ବିଶ୍ୱାମିତ୍ରଙ୍କୁ ଭଲପାଏ ।'' – ଉତ୍ତର ଦେଲେ ବଶିଷ୍ଠ । କହିବା ବାହୁଲ୍ୟ, ବଶିଷ୍ଠ ସମସ୍ତଙ୍କ ଭିତରେ ବ୍ରହ୍ମଦର୍ଶନର ଶକ୍ତି ଲାଭ କରିଥିଲେ । ସେ ସମସ୍ତଙ୍କୁ ଭଲ ପାଉଥିଲେ । ବିଶ୍ୱାମିତ୍ର ସେ ସ୍ୱାଭାବିକ ଦୃଷ୍ଟିକୋଣର ବ୍ୟତିକ୍ରମ ହେବାର ପ୍ରଶ୍ନ ଉଠୁ ନଥିଲା ।

କହିଲେ ଦେବୀ ଅରୁନ୍ଧତୀ : ''ଯଦି ତୁମେ ବିଶ୍ୱାମିତ୍ରଙ୍କୁ ଭଲପାଅ, ତେବେ ତାଙ୍କୁ ବ୍ରହ୍ମର୍ଷି ବୋଲି କହିଦେଉ ନାହଁ କାହିଁକି ? ସେତିକିରେ ତାଙ୍କ କ୍ରୋଧ ଶାନ୍ତ ହୁଅନ୍ତା !''

''କହିଦେବା ସହଜ । କିନ୍ତୁ ମୁଁ ଯେହେତୁ ତାଙ୍କୁ ଭଲପାଏ, ତେଣୁ ତାଙ୍କର ଆଧ୍ୟାତ୍ମିକ ପ୍ରଗତି ବନ୍ଦ କରିଦେବି କେମିତି ? ତାଙ୍କ ଚେତନାର ଗୋଟାଏ ପ୍ରବଳ ଦୁର୍ବଳତା ଯୋଗୁଁ ସେ ବ୍ରହ୍ମର୍ଷି ହୋଇପାରୁ ନାହାନ୍ତି । ମୁଁ ଯଦି ତାଙ୍କୁ ବ୍ରହ୍ମର୍ଷି ବୋଲି ସ୍ୱୀକୃତି ଦେବି, ତେବେ ସେ ଆଉ ସେ ବାଧାରୁ ଉତ୍ତୀର୍ଣ୍ଣ ହେବେ ନାହିଁ । ଆତ୍ମ-ସନ୍ତୋଷ ଯୋଗୁଁ ତାଙ୍କ ଭିତରେ ଯେଉଁ ପ୍ରତିଶ୍ରୁତି ରହିଛି, ତାହା ଆଉ ବିକଶିତ ହେବ ନାହିଁ ।''

କୁଟୀର ବାହାରେ, ଅନ୍ଧାର ଭିତରେ ଆତ୍ମଗୋପନ କରି ଏ ସଂଳାପ ଶୁଣୁଥିଲେ ବିଶ୍ୱାମିତ୍ର । ତାଙ୍କ ଥର ଥର ହାତରୁ ଖସି ପଡ଼ିଲା କୃପାଣ । ସେ ଝଡ଼ ଭଳି ଭିତରକୁ ପଶିଯାଇ ବଶିଷ୍ଠଙ୍କ ପାଦତଳେ ଲୋଟିଗଲେ ।

ବଶିଷ୍ଠ ତାଙ୍କୁ ଉତ୍ତୋଳନ କରି ସମ୍ବୋଧନ କଲେ, ''ବ୍ରହ୍ମର୍ଷି ବିଶ୍ୱାମିତ୍ର !'' ସେ ବୁଝାଇ ଦେଲେ ତାଙ୍କ ଭିତରେ ଥିଲା ଯେଉଁ ପ୍ରଚଣ୍ଡ ଅହଙ୍କାର – ଯାହା ଥିଲା ଆଧ୍ୟାତ୍ମିକ

ପ୍ରଗତିରେ ତାଙ୍କର ସର୍ବାଧିକ ବାଧା, ତାହା ଦୂରହେଲା । ସେ ଏଣିକି ବ୍ରହ୍ମର୍ଷି ପଦବାଚ୍ୟ ହେବେ ।

ତେଣିକି ବିଶ୍ୱାମିତ୍ର-ବଶିଷ୍ଠ ସମ୍ପର୍କର ଭିନ୍ନ ପର୍ଯ୍ୟାୟ ଆରମ୍ଭ ହେଲା ।

ବଶିଷ୍ଠ ତାଙ୍କ ସମଭାବ-ଶାଣିତ ଉଦାର ଦୃଷ୍ଟିରେ ଦେଖୁଥିଲେ ବିଶ୍ୱାମିତ୍ରଙ୍କ ତ୍ୟାଗ କମ୍ ନୁହେଁ । ରାଜପଦ ତ୍ୟାଗ କରି, ଐଶ୍ୱର୍ଯ୍ୟ ଓ ବିଳାସର ବନ୍ଧନରୁ ସେ ନିଜକୁ ମୁକୁଳାଇ ପାରିଛନ୍ତି । ଅହଙ୍କାରର ବନ୍ଧନରୁ ମଧ୍ୟ ସେ ନିଜକୁ ମୁକୁଳାଇ ପାରିବେ । ବିଶ୍ୱାମିତ୍ରଙ୍କ ଅଜ୍ଞାନ କାର୍ଯ୍ୟକଳାପ ନୁହେଁ, ତାଙ୍କ ଭିତରେ ଲୁକ୍କାୟିତ ସେହି ପ୍ରତିଶ୍ରୁତିହିଁ ବଶିଷ୍ଠଙ୍କ ପାଖରେ ଥିଲା ମୂଲ୍ୟବାନ୍ । ଏହା ବଶିଷ୍ଠଙ୍କ ଅତୁଳନୀୟ ମହତ୍ତ୍ୱ ।

ପୁନର୍ବାର ଫେରିଆସିବା ପ୍ରାଥମିକ ପ୍ରଶ୍ନ ପାଖକୁ । ମୁନିଋଷିମାନେ ଏତେ ପ୍ରକାର ଚିତ୍ତଗତ ବିକାରର ଶିକାର ହୋଇଥିବା ବେଳେ ଶ୍ରୀଅରବିନ୍ଦ ସାଧାରଣ ମଣିଷଙ୍କୁ ସମତା-ସିଦ୍ଧି ବିଷୟ କାହିଁକି ଏତେ କଷ୍ଟ କରି ବୁଝାଉଛନ୍ତି ?

ଏ ପ୍ରଶ୍ନର ଉତ୍ତର ଆମେ ଖୋଜି ନେବା ଦୁଇ ପର୍ଯ୍ୟାୟରେ । ପ୍ରଥମ କଥା, ଶ୍ରୀଅରବିନ୍ଦ ଚେତନାର ସବୁ ବିଭାଗର ରୂପାନ୍ତର ସକାଶେ ଦିଗ୍‌ଦର୍ଶନ ଦେଉଛନ୍ତି – ପ୍ରାଚୀନ ମୁନିଋଷିଙ୍କର ଲକ୍ଷ୍ୟ ତାହା ନଥିଲା । ସେମାନେ ସେମାନଙ୍କ ଅନ୍ତଶ୍ଚେତନାରେ ପ୍ରଖର ଅଧ୍ୟାତ୍ମ-ଶକ୍ତି ଅର୍ଜନ କରିବା ସତ୍ତ୍ୱେ, ଆତ୍ମା ସହ ନିର୍ବିକଳ୍ପ ବ୍ରହ୍ମର ସଂଯୋଗ ସ୍ଥାପନ କରିବାକୁ ସକ୍ଷମ ହେବା ସତ୍ତ୍ୱେ ସେମାନଙ୍କର ପ୍ରାଣସତ୍ତା ଓ ମନର ଅବସ୍ଥା ପ୍ରତି ଭ୍ରୂକ୍ଷେପ କରୁ ନଥିଲେ । ବିଶ୍ୱାମିତ୍ରଙ୍କ କଥା ଅବଶ୍ୟ ଏକ ବିଶେଷ ସ୍ତରର ବ୍ୟାପାର । ତାଙ୍କ ଚରିତ୍ର, ତାଙ୍କ ପ୍ରତିକ୍ରିୟା ଓ କାର୍ଯ୍ୟକଳାପ ମାଧ୍ୟମରେ ଦିବ୍ୟଶକ୍ତି ହୁଏତ ଗୋଟାଏ ବିଶେଷ କିସମର ପରୀକ୍ଷା ନିରୀକ୍ଷା କରୁଥିଲା । କିନ୍ତୁ ଅଧିକାଂଶ ମୁନିଋଷି ସେମାନଙ୍କ ସାମାଜିକ ସ୍ଥିତି ସମ୍ପର୍କରେ ସଚେତନ ଥିବା ସ୍ଥଳେ କେହି କେହି ସେ ସମ୍ପର୍କରେ କିଛି ବୁଝିବା ଭଳି ଅବସ୍ଥାରେ ନଥିଲେ । ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଦୁର୍ବାସା । ସେ ଥିଲେ ଶିଶୁଟିଏ ଭଳି, କିନ୍ତୁ ଦୈବୀଶକ୍ତି ତାଙ୍କ ଆଚରଣ ବୁଝୁଥିଲା । ତାଙ୍କ କ୍ରୋଧ ସହ ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥର କିଛି ସମ୍ପର୍କ ନଥିଲା । ତାଙ୍କ ଭିତରୁ ନିର୍ଗତ ଅଭିଶାପ ତେଣୁ ସମୟକ୍ରମେ ଆଶୀର୍ବାଦରେ ପରିଣତ ହୋଇ ଯାଉଥିଲା ।

ଶ୍ରୀଅରବିନ୍ଦଙ୍କ ଅନୁଗତମାନେ ମୁନିଋଷି ଶ୍ରେଣୀର ନୁହନ୍ତି । ସେ ସ୍ୱୟଂ ତାହା ଚାହିଁ ନଥିଲେ । ସେ ସମଗ୍ର ମାନବ-ଚେତନାର ଆଧ୍ୟାତ୍ମିକ ରୂପାନ୍ତର ପାଇଁ ପ୍ରୟାସୀ, ତେଣୁ ସାଧାରଣ ଚେତନାର ପ୍ରତିନିଧିତ୍ୱ କରୁଥିବା ସାଧାରଣ ମଣିଷମାନେ ତାଙ୍କର ଅନୁଗତ । ତାଙ୍କର ଯୋଗ ପୁଣି ପୂର୍ଣ୍ଣଯୋଗ, ଖାଲି ଅନ୍ତଶ୍ଚେତନା ସହ ଦିବ୍ୟଶକ୍ତିର ଯୋଗାଯୋଗ ନୁହେଁ । ସେ ଶକ୍ତିକୁ ସ୍ଥୂଳ ଚେତନା ଭିତରକୁ ଆଣି ସ୍ଥୂଳ ଚେତନାକୁ, ଅର୍ଥାତ୍ ଆମର ସମସ୍ତ ବିଭ୍ରାନ୍ତି ଓ ବିଭ୍ରାଟର ମାଧ୍ୟମ ଯେଉଁ ପ୍ରାଣସତ୍ତା, ସମସ୍ତ ସନ୍ଦେହ ଓ ଦିଗ୍‌ଭ୍ରାନ୍ତିର ମାଧ୍ୟମ ଯେଉଁ ମନସତ୍ତା, ସେସବୁକୁ ଆଲୋକିତ କରିବାର ଦିଗ୍‌ଦର୍ଶନ ସେ ଦେଉଛନ୍ତି ।

ଏହା ସହଜ ନୁହେଁ, କିନ୍ତୁ ସମ୍ଭବ । ଶ୍ରୀଅରବିନ୍ଦ କହିଛନ୍ତି ପ୍ରାଣକୁ ମନ ଓ ବୁଦ୍ଧି ଦ୍ୱାରା ଆୟତ୍ତ କରାଯାଇପାରେ । ଯଦି ମନ ଉଚ୍ଛୃଙ୍ଖଳ ହୁଏ, ତେବେ ଭଗବାନଙ୍କଠି ତାକୁ ସମର୍ପଣ କରି ମହତ୍ତର ଶକ୍ତି ଦ୍ୱାରା ତାକୁ ମଧ୍ୟ ଉଦ୍ଭାସିତ କରାଯାଇପାରେ ।

ଦ୍ୱିତୀୟ ପର୍ଯ୍ୟାୟରେ ଆମକୁ ମନେ ରଖିବାକୁ ହେବ, ପୂର୍ବଯୁଗର ମୁନିଋଷିମାନେ ନିଜର ଶକ୍ତି ଉପରେ ନିର୍ଭର କରି ସାଧନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ – ରୂପାନ୍ତର – ଏଡ଼େ ଉଚ୍ଚ ଯେ ସେ ଯୋଗ ସାଧନ କରିବ ମାତୃଶକ୍ତି; ଦିବ୍ୟଜନନୀଙ୍କ କରୁଣା । ସେ ଅନନ୍ତ କରୁଣା ପ୍ରତି ଉନ୍ମୁକ୍ତ ରହିପାରିବାହିଁ ସାଧନାରେ ଏକ ମହତ୍ ପ୍ରଗତି । ପରବର୍ତ୍ତୀ କର୍ତ୍ତବ୍ୟ ସ୍ୱତଃସ୍ଫୂର୍ତ୍ତ ଭାବରେ ସ୍ପଷ୍ଟ ହେବ । ❖

ଯଦି ତୁମେ ମା'ଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖି ଗୁହ ଓ ଚୈତ୍ୟଭାବ ନେଇ ମା'ଙ୍କ ପ୍ରତି ନିଜକୁ ଖୋଲିଧର, ତା'ହେଲେ ମା'ଙ୍କ ଶକ୍ତିହିଁ ସବୁକିଛି କରିଦେବ ଏବଂ ତୁମକୁ କେବଳ ସମ୍ମତି ଦେବାକୁ ହେବ ଏବଂ ନିଜକୁ ଉନ୍ମୋଚିତ ରଖି ଅଭୀପ୍ସା କରିବାକୁ ହେବ ।

– ଶ୍ରୀଅରବିନ୍ଦ

# ନୂତନ ଚେତନା ଓ ନୂତନ ସମାଜ

## ଶ୍ରୀ ପ୍ରପତ୍ତି

ଆମ୍ଭେମାନେ ଜୀବନ ଓ କର୍ମର ଏକ ନୂତନ ଭୂମି, ଏକ ନୂତନ ଉତ୍ସ ଖୋଜି ବୁଲୁଛୁ । ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ବର୍ତ୍ତମାନ ଦ୍ୱନ୍ଦ୍ୱ, ଦୁଃଖ, ବିକ୍ଷୋଭ, ଅଶାନ୍ତି ଓ ଅସ୍ଥିରତା ମଧ୍ୟରେ ମନୁଷ୍ୟ ବାସ କରିବାକୁ ଚାହୁଁ ନାହିଁ । ଏହି ଦ୍ୱନ୍ଦ୍ୱ, ଦୁଃଖ ଓ ଅଶାନ୍ତି ଏକ ଖଣ୍ଡିତ, ସୀମିତ, ଅପୂର୍ଣ୍ଣ ଚେତନାରୁ ଉଦ୍ଭୂତ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ଅପୂର୍ଣ୍ଣ, ସୀମିତ ଓ ଖଣ୍ଡିତ ଚେତନାରେ ବାସ କରେ, ସେପର୍ଯ୍ୟନ୍ତ ସେ ଏହି ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି ଓ ଅସ୍ଥିରତା ମଧ୍ୟରୁ ମୁକ୍ତି ଲାଭ କରିବା ସମ୍ଭବ ନୁହେଁ । ଅନ୍ୟ କଥାରେ କହିବାକୁ ଗଲେ ଯେପର୍ଯ୍ୟନ୍ତ ମନୁଷ୍ୟ ଯେଉଁ ସ୍ଥିତିରେ ଅଛି ସେହି ସ୍ଥିତିରେ ବାସ କରୁଥିବ, ସେ କେବେହେଲେ ବର୍ତ୍ତମାନର ଭୁଲ୍‌ଭ୍ରାନ୍ତି ଓ ଅନ୍ଧକାର ମଧ୍ୟରୁ ବାହାରି ଯାଇପାରିବ ନାହିଁ । ଯେତେ ପ୍ରକାର ବାହ୍ୟ ପରିବର୍ତ୍ତନ କଲେ ମଧ୍ୟ ମନୁଷ୍ୟର ଆନ୍ତର ଜୀବନରେ ଏକ ନୂତନ ଶକ୍ତିର ଉଦ୍ରେକ ନହେବା ପର୍ଯ୍ୟନ୍ତ, ଏକ ନୂତନ ଜ୍ୟୋତି ବା ଜ୍ଞାନର ସ୍ପର୍ଶ ନ ଲାଗିବା ପର୍ଯ୍ୟନ୍ତ ମନୁଷ୍ୟ ସୁଖ, ଶାନ୍ତି ଓ ସ୍ଥିରତା ମଧ୍ୟରେ ବାସ କରିପାରିବ ନାହିଁ । ସମସ୍ତ ପ୍ରକାର ବାହ୍ୟ ପରିବର୍ତ୍ତନ ହେଲେ ମଧ୍ୟ ଧନ, ଦୌଲତ, ଐଶ୍ୱର୍ଯ୍ୟ, ସୁଖ-ସୁବିଧା ଓ ଭୋଗ ମଧ୍ୟରେ ଥିଲେ ସୁଦ୍ଧା, ଅଶାନ୍ତିର ଅନ୍ତର୍ଜ୍ୱାଳାରୁ ମନୁଷ୍ୟ ଛାଡ଼ ପାଇପାରେ ନାହିଁ ।

କୌଣସି ପ୍ରକାର ମିଳାମିଶା କରି, ସମସ୍ୟାର ସମ୍ମୁଖୀନ ନହୋଇ ପଳାୟନ କରିବା ଅଳ୍ପ ଦିନ ପାଇଁ ସମ୍ଭବ, କିନ୍ତୁ ଅସନ୍ତୋଷ ଓ ଅଶାନ୍ତି ମନୁଷ୍ୟକୁ ପଶ୍ଚାତରୁ ଅନୁଧାବନ କରେ । ଏହି ସମସ୍ୟାର ଗଭୀର, ଯଥାର୍ଥ ଓ ଯୁକ୍ତିଯୁକ୍ତ ସମାଧାନ ହେଲା ଏକ ନୂତନ ଚେତନାକୁ ଲାଭ କରିବା । ନୂତନ ଚେତନାହିଁ ପୂର୍ଣ୍ଣାଙ୍ଗ ଜୀବନ ଓ ନୂତନ ସମାଜର ଭିତ୍ତି ।

ଏହି ନୂତନ ଚେତନାର ଅର୍ଥ କ'ଣ ଓ ଏହାର ଗୁଣଧର୍ମ କ'ଣ ? ଏହା ଆମ୍ଭମାନଙ୍କ ସ୍ୱଭାବ ଓ କର୍ମରେ ପରିସ୍ଫୁଟ ହେବ କିପରି ? ଏହି ଚେତନାର ସ୍ତରରୁ କର୍ମ କରିବା କ'ଣ ସମ୍ଭବ ଏବଂ ଏହି ଚେତନାର ଭିତ୍ତିରେ ସମଗ୍ର ଜୀବନର ପୁନର୍ଗଠନ ସମ୍ଭବ କି ? ଏ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା ଆବଶ୍ୟକ ।

ଚେତନା ପ୍ରତ୍ୟେକ ସ୍ତରରେ ରହିଛି । ଶରୀର ସ୍ତରରେ ଶାରୀରିକ ଚେତନା, ପ୍ରାଣ ସ୍ତରରେ ପ୍ରାଣଗତ ଚେତନା, ମନ ସ୍ତରରେ ମନୋମୟ ଚେତନା । ଶରୀର ସ୍ତରରେ ଯେଉଁ ଚେତନା ରହିଛି ତାହା ଜଡ଼ ସ୍ତରର ଏବଂ ଏହା ସମ୍ପୂର୍ଣ୍ଣ ନିଥର, ଯାନ୍ତ୍ରିକ ଏବଂ ସ୍ପନ୍ଦନହୀନ । ଏହା ଏକ ପ୍ରକାର ଅଚେତନା । କିନ୍ତୁ ଶରୀର ଅଥବା ଜଡ଼ ସ୍ତରର ଅନ୍ତଃସ୍ଥଳରେ ଏକ ଚେତନା ଗୁହ୍ୟଭାବେ ରହିଛି । ଯଦି ଜଡ଼ର ପରିବର୍ତ୍ତନ କରିବାକୁ ହେବ, ତେବେ ପ୍ରଥମେ ଏହି ଜଡ଼ଚେତନାକୁ ପରିବର୍ତ୍ତିତ କରିବାକୁ ହେବ । ସେହିପରି ସେହି ଚେତନାର ଅନ୍ୟ ଏକ ଭୂମି ହେଲା ପ୍ରାଣଭୂମି । ଏଠାରେ ଏହା ସ୍ପନ୍ଦନଯୁକ୍ତ, ସମ୍ବେଦନଶୀଳ; ପ୍ରବୃତ୍ତି, ଭୋଗପିପାସା, ପ୍ରବେଗ, କାମନା-ବାସନା, ଇଚ୍ଛାରେ ପ୍ରକାଶିତ ହୁଏ । ଏହା ବୃକ୍ଷଲତା, ପଶୁପକ୍ଷୀ ଓ ମନୁଷ୍ୟ ମଧ୍ୟରେ ପ୍ରସ୍ଫୁଟିତ ହୋଇଛି । ପ୍ରାଣର ଧର୍ମକୁ ପରିବର୍ତ୍ତିତ କରିବାକୁ ହେଲେ, ପ୍ରବୃତ୍ତିର ଆବେଗ-ପ୍ରବେଗ ଓ ପ୍ରାବଲ୍ୟରୁ ରକ୍ଷା ପାଇବାକୁ ହେଲେ, ଏହି ପ୍ରାଣଗତ ଚେତନାର ପରିବର୍ତ୍ତନ ବା ରୂପାନ୍ତର ଆବଶ୍ୟକ । ସେହିପରି ଏହି ଚେତନାର ଊର୍ଦ୍ଧ୍ୱତନ ଭୂମି ହେଲା ମନଃ ଚେତନା । ମନୋଭୂମିରେ ଚେତନାର ସଚେତନତା, ବିଚାର, ବୁଦ୍ଧି, ମନୀଷା ଓ ସ୍ୱଚ୍ଛ ଆଲୋକମୟତା ପ୍ରକାଶ ପାଇଛି । ମନୋମୟ ଚେତନାକୁ ଧାରଣ କରି ମନୁଷ୍ୟର ଜନ୍ମ । ମନୋମୟ ଭୂମିରେ ପୂର୍ଣ୍ଣ ଜ୍ୟୋତିର୍ମୟତା, ପୂର୍ଣ୍ଣ ଜ୍ଞାନ ବା ପୂର୍ଣ୍ଣ ଶକ୍ତି ନାହିଁ, କିନ୍ତୁ ମନୋମୟ ଭୂମିରେ ଏକ ଦ୍ୱନ୍ଦ୍ୱହୀନ, ପୂର୍ଣ୍ଣ ଜ୍ଞାନଯୁକ୍ତ ଓ ପୂର୍ଣ୍ଣ ଜ୍ୟୋତିର୍ମୟ ଜୀବନର ପରିକଳ୍ପନା କରାଯାଇଥାଏ । ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଦିବ୍ୟଭୂମି ବିଷୟରେ ଆମ୍ଭେମାନେ ମନରେ କଳ୍ପନା କରିପାରୁ, ମାତ୍ର ତାହା କିପରି ଲାଭ କରାଯାଇପାରେ ତାହା ବୁଝିପାରୁ ନାହିଁ । ମନର ଊର୍ଦ୍ଧ୍ୱରେ ଚେତନାର ବହୁ ବିଭିନ୍ନ ଭୂମି ରହିଛି ଏବଂ ଏହି ସକଳ ଭୂମିର ଶକ୍ତି ଓ ଜ୍ୟୋତିକୁ କାର୍ଯ୍ୟକାରୀ କରାଯାଇପାରେ । ଏହି ଭୂମିର ସତ୍ୟ, ଶକ୍ତି ଓ ଜ୍ୟୋତିକୁ ମନୁଷ୍ୟ ଚେତନା ମଧ୍ୟରେ ଅଣାଯାଇପାରେ । ଅବଶ୍ୟ ମନୁଷ୍ୟର ଦେହଗତ, ପ୍ରାଣଗତ ଓ ମନୋଗତ ଚେତନାର ପଶ୍ଚାତରେ, ମନୁଷ୍ୟ ବ୍ୟକ୍ତିତ୍ୱର ଅତି ଗଭୀରରେ ଏକ ଚୈତ୍ୟ ଚେତନା ବା ଦିବ୍ୟ ଚେତନା ବିରାଜିତ । ଏହି ଚେତନା ସ୍ୱୟଂଭୂ, ପୂର୍ଣ୍ଣ ଓ ଅଖଣ୍ଡ । ଏହା ନିଜସ୍ୱ ଜ୍ଞାନରେ ପ୍ରତିଷ୍ଠିତ, ସ୍ୱୟଂ ଏକ ଜ୍ୟୋତି ଓ ସ୍ଫୁଲିଙ୍ଗ । ଏହାର ଧର୍ମ ମନ, ପ୍ରାଣ ଓ ଦେହର ଧର୍ମଠାରୁ

ଭିନ୍ନ । ଏହା ଉର୍ଦ୍ଧ୍ୱତନ ସ୍ୱୟଂସିଦ୍ଧ ଦିବ୍ୟ ଚେତନାର ବା ପୂର୍ଣ୍ଣ ଭାଗବତ ଚେତାନର ପ୍ରତିଭୂ ଏବଂ ସେହି ଚେତନାର ବାହକ ଓ ଯନ୍ତ୍ର । ମନୁଷ୍ୟ ମଧ୍ୟରୁ ଏହି ଚେତନାହିଁ ଉର୍ଦ୍ଧ୍ୱତନ ଚେତନାର ଜବାବ ବା ଉତ୍ତର ଦିଏ । ଏହି ଚୈତ୍ୟ ଚେତନାର ଜାଗରଣ ଓ ପ୍ରସ୍ତୁତି ଫଳରେ ମନୁଷ୍ୟ ନବଜନ୍ମ ଲାଭ କରେ । କିନ୍ତୁ ଏହି ଚେତନାର ଜାଗରଣ, ପ୍ରତିଷ୍ଠା ଓ କାର୍ଯ୍ୟକାରିତା ନିମିତ୍ତ ଆଉ ଏକ ବୃହତ୍ତର, ବିଶାଳତର ଏବଂ ବ୍ୟାପକ ଚେତନାର ପ୍ରୟୋଜନ ।

ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ଏହିପରି ଏକ ମହାନ୍ ବିଶାଳ ଓ ପରମ ଚେତନାର ଭୂମିରେ ପହଞ୍ଚିଥିଲେ ଏବଂ ତାହାର ନାମ ସେ ଦେଇଛନ୍ତି 'ଅତିମାନସ' ଚେତନା । ଉପନିଷଦ୍‌ରେ ଏହି ଅତିମାନସ ଭୂମିର ବର୍ଣ୍ଣନା ଅଛି ଏବଂ ଏହାକୁ 'ବିଜ୍ଞାନ' ଭୂମି ବୋଲି କୁହାଯାଇଛି । ବେଦରେ ଏହି ଚେତନାର ନାମ ଋତଚିତ୍ ବା ସତ୍ୟଚେତନା ବୋଲି କୁହାଯାଇଛି । ଏହା 'ପ୍ରଜ୍ଞା ପୁରାଣୀ', ପରମ ଭାସ୍ୱର, ପୂର୍ଣ୍ଣ ଭାଗବତ ଚେତନା । ଏପରି ଚେତନାକୁ କେହି କେବେ ପୃଥିବୀରେ ଧାରଣ କରି ନାହାନ୍ତି । ପୃଥିବୀର ଅଜ୍ଞାନ, ଦୁଃଖ, ଶୋକ, ଅନ୍ଧକାର ମଧ୍ୟରେ ଏ ଚେତନାକୁ କେହି ସଂଯୁକ୍ତ କରାଇପାରି ନାହାନ୍ତି । ଶ୍ରୀଅରବିନ୍ଦ ଗଭୀର ତପସ୍ୟା ଫଳରେ ଏହି ସତ୍ୟର ସାନ୍ନିଧ୍ୟ ଲାଭ କଲେ ଏବଂ ପୃଥିବୀର ବାତାବରଣ ମଧ୍ୟରେ ଏହି ଚେତନାର ସଂଯୋଗ ସ୍ଥାପନ କଲେ । ୧୯୫୬ ଖ୍ରୀଷ୍ଟାବ୍ଦରେ ମା'ଙ୍କ ଗୋଟିଏ ବାଣୀରୁ ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଉଠିଛି :

"The manifestation of the Supramental upon earth is no more a promise but a living fact, a reality.

"It is at work here, and one day will come when the most blind, the most unconscious, even the most unwilling shall be obliged to recognise it."

(CWM, Vol. 15, p. 96)

ଅର୍ଥାତ୍, ''ଅତିମାନସ ଆଉ ଗୋଟାଏ ସମ୍ଭାବନା ହୋଇ ନାହିଁ, ବରଂ ଏହା ଏକ ଜୀବନ୍ତ ସତ୍ୟ ।

''ବର୍ତ୍ତମାନ ଏହା ଏଠାରେ କାର୍ଯ୍ୟ କରୁଛି, କିନ୍ତୁ ବେଳ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଚେତନ ଓ ଅତି ଅନିଚ୍ଛୁକ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ ।''

ଏହି ଦିବ୍ୟ ଅତିମାନସ ଚେତନାର ଅବତରଣ ହେବାର କୋଡ଼ିଏ ବର୍ଷ* ହୋଇ ଗଲାଣି ଏବଂ ଧୀରେ ଧୀରେ ଏହାର ପ୍ରଭାବ ଅଜ୍ଞାନ ଓ ଅନ୍ଧକାରମୟ ଜଗତ ଉପରେ ପଡୁଛି । ଏହି ସତ୍ୟ ଜୋର୍ ଜବରଦସ୍ତି କରି ନିଜକୁ ଲଦିଦେବ ନାହିଁ, ବରଂ ଏକ ମହାନ୍ ପ୍ରସ୍ତୁତି ଘଟିଲେ ଏହା କାର୍ଯ୍ୟକାରୀ ହେବ । ଅଜ୍ଞାନ ଓ ଜଡ଼ତାରେ ଆଚ୍ଛନ୍ନ ମନ-ପ୍ରାଣ-ଶରୀର ଏହି ସତ୍ୟକୁ ଗ୍ରହଣ ନକରି ଏହାର ବିରୋଧ କରୁଛି, କିନ୍ତୁ ଅନ୍ତରାତ୍ମା ଏହାର ଉତ୍ତର ଦେଇ ପାରିବ । ସୁତରାଂ ଅନ୍ତରାତ୍ମାର ଉନ୍ମୀଳନ ଫଳରେ ମନୁଷ୍ୟ ସେହି ସତ୍ୟକୁ ଧରିପାରିବ ଏବଂ ନିଜ ଜୀବନରେ ପରିବର୍ତ୍ତନ ଆଣିପାରିବ । ଏହାର କ୍ରିୟା ଫଳରେ ମନ ଆଲୋକିତ ହେବ, ହୃଦୟ ଶାନ୍ତ ଓ ସ୍ଥିର ହେବ, ଶରୀର ଚେତନାରେ ମଧ୍ୟ କ୍ରିୟା ହେବ ଓ ଶରୀର ଦୀର୍ଘାୟୁ ଓ ଅପେକ୍ଷାକୃତ କମ୍ ରୋଗଗ୍ରସ୍ତ ହେବ ।

ମନୁଷ୍ୟ ଏହିପରି ପରିବର୍ତ୍ତନକୁ ଆଶା କରୁଛି, ଅପେକ୍ଷା ମଧ୍ୟ କରୁଛି, କିନ୍ତୁ ପରିବର୍ତ୍ତିତ ହେବାକୁ ତୀବ୍ର ଭାବେ ଇଚ୍ଛା କରୁ ନାହିଁ । ଅଳ୍ପ ଅଳ୍ପ ପରିବର୍ତ୍ତନ କରି ନିଜେ ଯେପରି ମୂଳତଃ ଥିଲା ସେ ସେହିପରି ରହିବାକୁ ଚାହେଁ, କିନ୍ତୁ ଏହା ଏକ ନିରର୍ଥକ ଯୁକ୍ତି । ନିଜେ ଯାହା ସେହିପରି ରହିଥିବ ଅଥଚ ଏକ ନୂତନ ଜୀବନ ଧାରା ଓ ନୂତନ ସମାଜ ପ୍ରତିଷ୍ଠିତ ହେବ — ଏପରି ଆଶା କରିବା ଅର୍ଥହୀନ । "A perfected human world cannot be created by men or composed of men who are themselves imperfect."

(CWSA, Vol. 21 - 22, p. 1058)

ଅର୍ଥାତ୍, ''ଅପୂର୍ଣ୍ଣତାରେ, ଦୋଷତ୍ରୁଟିରେ ପରିପୂର୍ଣ୍ଣ ମାନବ ଏକ ପୂର୍ଣ୍ଣାଙ୍ଗ ସମାଜ ଗଢ଼ି ତୋଳି ନପାରେ ।'' ଏଥିପାଇଁ ମାନବ ପ୍ରକୃତିର ଅଭ୍ୟାସ, ଦୃଷ୍ଟି ଓ ଚେତନାର ପରିବର୍ତ୍ତନ ଆବଶ୍ୟକ । ସର୍ବାଦୌ ବ୍ୟକ୍ତିଗତ, ଅହଂକେନ୍ଦ୍ରିକ ଚେତନାରୁ ସାର୍ବଭୌମ ଭାଗବତ ଚେତନା ମଧ୍ୟରେ ପ୍ରତିଷ୍ଠିତ ହେବାକୁ ହେବ । ସ୍ୱାର୍ଥ ଓ ଅହଂ ଦ୍ୱାରା ପରିଚାଳିତ ଜୀବନ ନାନା ବିଭ୍ରାନ୍ତି ଓ ତ୍ରୁଟିଯୁକ୍ତ । ଏହି ଅହଂ ସ୍ଥାନରେ ସାର୍ବଜନୀନ

* ପ୍ରବନ୍ଧର ରଚନାକାଳ ଫେବ୍ରୁଆରୀ ମାସ, ୧୯୭୬ ମସିହା ।

ଦିବ୍ୟ ଭାଗବତ ତତ୍ତ୍ୱର ପ୍ରତିଷ୍ଠା କରିବାକୁ ହେବ । ମନୁଷ୍ୟର ହୃତ୍‌କେନ୍ଦ୍ରରେ ଏକ ନୂତନ ଶକ୍ତି, ନୂତନ ଜ୍ଞାନ, ନୂତନ ଜ୍ୟୋତିର ଖେଳା ଆବଶ୍ୟକ । ଏହି ଶକ୍ତି ତା'ର ସମୁଚ୍ଚ ସ୍ତରରେ ଅତିମାନସ ଶକ୍ତି ଏବଂ ମନୁଷ୍ୟ ମଧ୍ୟରେ ଭାଗବତୀ ଚୈତ୍ୟଶକ୍ତି । ଏହି ଶକ୍ତି ଓ ଆଲୋକ ବଳରେ ବ୍ୟକ୍ତିର ଅନ୍ତରରେ ଏକ ଆଲୋକମୟ ପଥ ଖୋଲିଯିବ, ଏକ ଅଭିନବ ଦିବ୍ୟାନନ୍ଦ, ସନ୍ତୋଷ ଓ ଶାନ୍ତିର ଧାରା ପ୍ରବାହିତ ହେବ । ଏପରିକି ବ୍ୟକ୍ତି ଚେତନା ମଧ୍ୟରେ ଏକ ମୁକ୍ତ ଓ ମୋହଶୂନ୍ୟ ବିଶାଳତାର ଉପଲବ୍ଧି ହେବ । ଏହାହିଁ ବ୍ୟକ୍ତିର ନବଜନ୍ମ – ନବୀନ ସୃଷ୍ଟିର ପ୍ରଥମ ପାହାଚ । ଏଠାରେ ଏହି ବ୍ୟକ୍ତି କର୍ମର ଏକ ସ୍ୱତନ୍ତ୍ର ଉତ୍ସ ଆବିଷ୍କାର କରିବ । ଏହି ଉତ୍ସହିଁ ଭାଗବତ ଶକ୍ତି, ସାମର୍ଥ୍ୟ ଓ ପ୍ରେରଣାରେ ପୂର୍ଣ୍ଣ । ଏହି ପ୍ରେରଣା ବଳରେ ଯେଉଁ କର୍ମ ସାଧିତ ହେବ ତାହାହିଁ ଭାଗବତ କର୍ମ । ଧୀରେ ଧୀରେ ଏହି ପ୍ରେରଣା ଓ ଚେତନା ବ୍ୟକ୍ତିର ଆଧାରକୁ ଗଢ଼ିତୋଳିବ ଏବଂ ରୂପାନ୍ତରିତ କରିବ । ଏହି ଆଦର୍ଶରେ ଅନୁପ୍ରାଣିତ ବହୁ ବ୍ୟକ୍ତି ଏକ ନୂତନ ସମାଜ ଗଠନରେ ଅଗ୍ରଦୂତ ହେବେ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୫୮ - ୧୬୦) ❖

ଯେଉଁମାନେ ଦିବ୍ୟଜନନୀଙ୍କ ପାଇଁ ଆନ୍ତରିକ ଭାବରେ କର୍ମ କରନ୍ତି, ସେମାନେ ଧ୍ୟାନରେ ନବସିଲେ ବା ଯୋଗର କୌଣସି ନିର୍ଦ୍ଦିଷ୍ଟ ସାଧନା ରୀତିକୁ ଅନୁସରଣ ନକଲେ ମଧ୍ୟ କର୍ମ ଦ୍ୱାରାହିଁ ସେମାନେ ଯଥାର୍ଥ ଚେତନା ପାଇଁ ପ୍ରସ୍ତୁତ ହୋଇପାରନ୍ତି । କିପରି ଧ୍ୟାନ କରାଯାଏ ସେସବୁ ତୁମକୁ କହିବାର କୌଣସି ଆବଶ୍ୟକତା ନାହିଁ । ତୁମେ ଯଦି ତୁମ କର୍ମରେ ସର୍ବଦା ଆନ୍ତରିକ ରହିଥିବ ଓ ଦିବ୍ୟଜନନୀଙ୍କ ପ୍ରତି ଉନ୍ମୀଳିତ ଥିବ, ତେବେ ତୁମର ସାଧନା ପାଇଁ ଯାହା ଆବଶ୍ୟକ, ତାହା ଆପେ ଆପେ ଆସିବ ।

ସାଧନାର ଏପରି କୌଣସି ସ୍ତର ନାହିଁ ଯେଉଁଠାରେ କର୍ମ କରିବା ଅସମ୍ଭବ ହୋଇଉଠେ । କର୍ମରୁ ସମ୍ପୂର୍ଣ୍ଣ ବିରତ ହେବା ଓ ଆତ୍ମପ୍ରତ୍ୟାହୃତ ହେବା ଆଦୌ ଉଚିତ ନୁହେଁ । ତାହା କେବଳ ଏକମୁଖୀ ସାଧନାକୁ ଓ ଏକ ସୂକ୍ଷ୍ମ ଦୃଶ୍ୟମାନ ଅବସ୍ଥାକୁ ଉତ୍ସାହିତ କରିବ । ସେପରି ସ୍ଥିତିରେ ବ୍ୟକ୍ତି ସମ୍ପୂର୍ଣ୍ଣ ଆନ୍ତର ଅନୁଭୂତିର ମଧ୍ୟବର୍ତ୍ତୀ ଜଗତରେ ବାସ କରେ – ସେତେବେଳେ ବାହ୍ୟ ଜଗତର ବାସ୍ତବତା ଉପରେ ବା ଉଚ୍ଚତମ ବାସ୍ତବତା ଉପରେ ତାହାର କର୍ତ୍ତୃତ୍ୱ ନଥାଏ; ପୁଣି ଆନ୍ତର ଅନୁଭୂତିର ଯଥାର୍ଥ ଉପଯୋଗ କରି ନ ପାରିବା ଯୋଗୁଁ ଭଗବାନଙ୍କ ସହିତ ଘନିଷ୍ଠ ଓ ଦୃଢ଼ ଯୋଗାଯୋଗ ପ୍ରତିଷ୍ଠା ହୋଇପାରେ ନାହିଁ, ଅଥବା ଉଚ୍ଚତମ ବାସ୍ତବତା ଓ ଜୀବନର ବାହ୍ୟ ଉପଲବ୍ଧି ମଧ୍ୟରେ ଏକତ୍ୱ ସ୍ଥାପନ କରାଯାଇ ପାରେ ନାହିଁ ।

*

ଶ୍ରୀମା'ଙ୍କ ଉପରେ ଯଥାର୍ଥ ଏକାଗ୍ରତା ରଖି ଯଦି ତୁମେ ତାଙ୍କରି ସକାଶେ କର୍ମ କର, ତେବେ ତାହା ଧ୍ୟାନ ଓ ଆନ୍ତର ଅନୁଭୂତିର ସାଧନାର ସମକକ୍ଷ ହୋଇ ପାରିବ ।

ଯଦି ତୁମେ କର୍ମ ଓ ଧ୍ୟାନ ଉଭୟକୁ ଶ୍ରୀମା'ଙ୍କୁ ସମର୍ପଣ କରି କରିପାରିବ ତେବେ ତାହା ହେବ ସର୍ବୋତ୍ତମ ମାର୍ଗ ।

– ଶ୍ରୀଅରବିନ୍ଦ

ସାଧନା-ପରମ୍ପରା :

# ଶ୍ରୀମଦ୍‌ଭଗବଦ୍‌ଗୀତା

## (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ)

[ପୂର୍ବାଭାଷ : ଭାରତୀୟ ସଂସ୍କୃତି ଏବଂ ଅଧ୍ୟାତ୍ମ ଚିନ୍ତା ଓ ଚେତନାର ମୂଳପିଣ୍ଡ ହେଉଛି ଶ୍ରୀମଦ୍‌ଭଗବଦ୍‌ଗୀତା – ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଯେଉଁମାନେ ପ୍ରସ୍ତୁତ ସେମାନଙ୍କ ପାଇଁ ଏହା ଦେଇଛି ନିର୍ଭୁଲ ଦିଗ୍‌ଦର୍ଶନ । ଶ୍ରୀଅରବିନ୍ଦଙ୍କ ଉକ୍ତି ମଧ୍ୟ ଅନୁରୂପ – ''ଗୀତା ଜଗତର ଶ୍ରେଷ୍ଠ ଧର୍ମଗ୍ରନ୍ଥ । ଗୀତାରେ ଯେଉଁ ଜ୍ଞାନ ସଂକ୍ଷେପରେ ବ୍ୟାଖ୍ୟାତ ହୋଇଛି ସେହି ଜ୍ଞାନ ଚରମ ଓ ଗୁହ୍ୟତମ ।'' ମାତ୍ର ସଂସ୍କୃତରେ ଲିଖିତ ଗୀତାର ଅଧ୍ୟୟନ ଓ ଅନୁଶୀଳନ ସର୍ବସାଧାରଣଙ୍କ ପାଇଁ ସହଜସାଧ୍ୟ ନୁହେଁ । ଏହି ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଭଳି ଓଡ଼ିଆ ଭାଷାରେ ମଧ୍ୟ ଏହାର ବହୁବିଧ ଅନୁବାଦ ଉପଲବ୍ଧ । କିନ୍ତୁ **ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର**ଙ୍କର ଅନୁବାଦ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏଥିରେ ଆକ୍ଷରିକ ଅର୍ଥ ମର୍ଯ୍ୟାଦା ଓ ପଦ ସଂଯୋଜନାର ଗାମ୍ଭୀର୍ଯ୍ୟ ଅଧିକ ତ୍ରୁଟିଶୂନ୍ୟ ଓ ହୃଦୟଗ୍ରାହୀ ବୋଧହୁଏ । ସେଥି ନିମନ୍ତେ ପ୍ରାୟ ଶହେ ବର୍ଷ ପୂର୍ବେ ଅନୂଦିତ ଓ ପ୍ରକାଶିତ ଏହି ପୁସ୍ତକଟିକୁ ଅଧୁନା ଧାରାବାହିକ ଭାବରେ 'ନବଜ୍ୟୋତି' ପତ୍ରିକାରେ ଉପସ୍ଥାପନ କରିବାର ସିଦ୍ଧାନ୍ତ ନିଆଯାଇଛି । ପ୍ରକାଶ ଥାଉକି ଏହି ପୁସ୍ତକଟିର ଅନୁବାଦକ ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ ସହକର୍ମୀ ଥିଲେ । ସଂସ୍କୃତ ଭାଷାରେ ଯଥେଷ୍ଟ ଦକ୍ଷତା ନଥିବା ଗୀତା ଅଧ୍ୟୟନରେ ଅନୁରାଗୀ ବ୍ୟକ୍ତିବିଶେଷ ମୂଳ ସଂସ୍କୃତ ଶ୍ଳୋକ ସହ ଏହି ଅନୁବାଦକୁ ଅଧ୍ୟୟନ କରି ଉପକୃତ ହେବେ ବୋଲି ଆଶା କରାଯାଏ । – ସମ୍ପାଦନା]

ଶ୍ରୀମଦ୍‌ଭଗବଦ୍‌ଗୀତା
**ତୃତୀୟୋଽଧ୍ୟାୟଃ**
**କର୍ମଯୋଗଃ**

ଅର୍ଜୁନ ଉବାଚ

ଜ୍ୟାୟସୀ ଚେତ୍‌କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦନ ।
ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥ ।୧।

ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ॥ ।୨।

ଶ୍ରୀଭଗବାନୁବାଚ

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନୟୋଗେନ ସାଂଖ୍ୟାନାଂ କର୍ମୟୋଗେନ ୟୋଗିନାମ୍ ॥ ।୩।

ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସଂନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥ ।୪।

ଶ୍ରୀମଦ୍‌ଭଗବଦ୍‌ଗୀତା
**ତୃତୀୟ ଅଧ୍ୟାୟ**
**କର୍ମଯୋଗ**

ଅର୍ଜୁନ ଉବାଚ

କର୍ମଠାରୁ ବୁଦ୍ଧିଯୋଗ ଶ୍ରେଷ୍ଠ ଯଦି ଜନାର୍ଦନ !
କି ପାଇଁ ଏ ଘୋର କର୍ମେ କର ମୋତେ ନିୟୋଜନ । ।୧।

ବିମିଶ୍ର ବାକ୍ୟରେ ମୋର ହେଉଅଛି ବୁଦ୍ଧି ଭ୍ରମ
ନିଶ୍ଚିତ କରିଣ କହ ଯହିଁ ଶ୍ରେୟ ହେବ ମମ । ।୨।

ଶ୍ରୀଭଗବାନ୍ ଉବାଚ

ଲୋକର ଦ୍ୱିବିଧ ନିଷ୍ଠା କହିଛି ପୂର୍ବେ ଅନଘ !
ଜ୍ଞାନଯୋଗ ସାଂଖ୍ୟଙ୍କର, ଯୋଗୀଙ୍କର କର୍ମଯୋଗ । ।୩।

ନିଷ୍କର୍ମତ୍ୱ ନ ଜନ୍ମଇ କର୍ମର ଆରମ୍ଭ ବିନା,
କେବଳ ସନ୍ନ୍ୟାସେ ସିଦ୍ଧି ନ ହୁଏ ହେ ମହାମନା । ।୪।

| | |
|---|---|
| ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।<br>କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ । ॥ ।୫। | ଅକର୍ମା ହୋଇଣ କେହି ରହି ନ ପାରନ୍ତି ଭବେ,<br>ପ୍ରାକୃତ ଗୁଣରେ କର୍ମେ ନିୟୋଜିତ ଥା'ନ୍ତି ସର୍ବେ । ।୫। |
| କର୍ମେନ୍ଦ୍ରିୟାଣି ସଂୟମ୍ୟ ୟ ଆସ୍ତେ ମନସା ସ୍ମରନ୍ ।<br>ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥ ।୬। | ସମ୍ବରିଣ କର୍ମେନ୍ଦ୍ରିୟ, ଇନ୍ଦ୍ରିୟ ବିଷୟ ଧ୍ୟାନ<br>କରେ ମନେ ଯେ ବିମୂଢ଼, ମିଥ୍ୟାଚାରୀ ତାର ନାମ । ।୬। |
| ୟସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।<br>କର୍ମେନ୍ଦ୍ରିୟୈଃ କର୍ମୟୋଗମସକ୍ତଃ ସ ବିଶିଷ୍ୟତେ ॥ ।୭। | ଜ୍ଞାନେନ୍ଦ୍ରିୟଙ୍କୁ ଦମିଣ କରେ ଯେହୁ ଅନୁଷ୍ଠାନ<br>କର୍ମେନ୍ଦ୍ରିୟେ କର୍ମଯୋଗ, ସେ ଅଟଇ ଜ୍ଞାନବାନ । ।୭। |
| ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।<br>ଶରୀରୟାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣ ॥ ।୮। | କର୍ମାଭାବୁ କର୍ମ ଶ୍ରେଷ୍ଠ, କର କର୍ମ ନିୟମିତ,<br>ନ ହୁଅଇ ଦେହଯାତ୍ରା କର୍ମାଭାବେ ନିର୍ବାହିତ । ।୮। |
| ୟଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।<br>ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ॥ ।୯। | ଯଜ୍ଞ ପାଇଁ କର କର୍ମ, ଅନ୍ୟ କର୍ମଟି ବନ୍ଧନ,<br>ତେଣୁ ଅନାସକ୍ତ ହୋଇ କର କର୍ମ ଆଚରଣ । ।୯। |
| ସହୟଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।<br>ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥ ।୧୦। | ଯଜ୍ଞ ସହ ସୃଜି ପ୍ରଜା, କହିଥିଲେ ପ୍ରଜାପତି<br>ହେଉ ହେ ଏଥିରେ ତବ ପ୍ରଜାବୃଦ୍ଧି କ୍ରମୋନ୍ନତି । ।୧୦। |
| ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।<br>ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ॥ ।୧୧। | ତୋଷ ତୁମ୍ଭେ ଏଥେ ଦେବେ, ତୁମ୍ଭଙ୍କୁ ତୋଷନ୍ତୁ ଦେବେ,<br>ପରସ୍ପରେ ତୋଷି ଲଭ ପରମ କଲ୍ୟାଣ ଭବେ । ।୧୧। |
| ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ୟଜ୍ଞଭାବିତାଃ ।<br>ତୈର୍ଦତ୍ତାନପ୍ରଦାୟୈଭ୍ୟୋ ୟୋ ଭୁଙ୍କ୍ତେ ସ୍ତେନ ଏବ ସଃ ॥ ।୧୨। | ଯଜ୍ଞେ ତୁଷ୍ଟି ଲଭି ଦେବେ ଅରପନ୍ତି ଇଷ୍ଟଭୋଗ,<br>ତାଙ୍କୁ ନ ସମର୍ପି ଯେହୁ ଭୋଗେ ସେ ଚୋର, ପାଣ୍ଡବ । ।୧୨। |
| ୟଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।<br>ଭୁଞ୍ଜତେ ତେ ତ୍ୱଘଂ ପାପା ୟେ ପଚନ୍ତ୍ୟାତ୍ମକାରଣାତ୍ ॥ ।୧୩। | ଯଜ୍ଞ-ଅବଶିଷ୍ଟଭୋଜୀ ସର୍ବ ପାପ ବିରହିତ,<br>ଆପଣା ପାଇଁ ଯେ ରାନ୍ଧେ, ଭୁଞ୍ଜଇ ସେ ପାପ ନିତ୍ୟ । ।୧୩। |
| ଅନ୍ନାଦ୍ ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।<br>ୟଜ୍ଞାଦ୍ ଭବତି ପର୍ଜନ୍ୟୋ ୟଜ୍ଞଃ କର୍ମସମୁଦ୍ଭବଃ ॥ ।୧୪। | କର୍ମରୁ ଉଦ୍ଭବ ଯଜ୍ଞ, ଯଜ୍ଞରୁ ପର୍ଜନ୍ୟ ଜାତ<br>ପର୍ଜନ୍ୟରୁ ଜନ୍ମେ ଅନ୍ନ, ଅନ୍ନରୁ ସମସ୍ତ ଭୂତ । ।୧୪। |
| କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭବମ୍ ।<br>ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ୟଜ୍ଞେ ପ୍ରତିଷ୍ଠିତମ୍ ॥ ।୧୫। | ବେଦୁଁ ଉପଜାତ କର୍ମ, ପରଂବ୍ରହ୍ମ ବେଦ ଜାତ<br>ତେଣୁ ସର୍ବବ୍ୟାପୀ ବ୍ରହ୍ମ, ସଦା ଯଜ୍ଞେ ପ୍ରତିଷ୍ଠିତ । ।୧୫। |
| ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ୟଃ ।<br>ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ॥ ।୧୬। | ଏସନ ଭ୍ରମିତ ଚକ୍ରେ ନ ସଞ୍ଚରେ ଯେଉଁ ନର<br>ଇନ୍ଦ୍ରିୟାସକ୍ତ ସେ ପାପୀ, ବୃଥାଟି ଜୀବନ ତା'ର । ।୧୬। |

ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ॥ ।୧୭।

ଆତ୍ମାରେ ଯାହାର ପ୍ରୀତି, ଆତ୍ମାରେ ତୃପ୍ତି ଯାହାର
ଆତ୍ମାରେ ଯେ ସଦା ତୁଷ୍ଟ, କି ଲାଭ ହେ କର୍ମେ ତାର ? ।୧୭।

ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ॥ ।୧୮।

କୃତ ବା ଅକୃତ କାର୍ଯ୍ୟେ ନାହିଁ ତାର ଲାଭ କ୍ଷତି,
କାହାରି ସାହାଯ୍ୟ ବିନା ଲଭେ ସେ ସଂସାରେ ମୁକ୍ତି । ।୧୮।

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୂରୁଷଃ ॥ ।୧୯।

କର ତୁମେ ଆଚରଣ ସଦା ଅନାସକ୍ତ କର୍ମ,
ଅନାସକ୍ତ କର୍ମକାରୀ ପୁରୁଷ ଲଭେ ପରମ । ।୧୯।

କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।
ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ॥ ।୨୦।

କର୍ମରେ ଲଭିଲେ ସିଦ୍ଧି ଜନକାଦି ମହାଜନ,
ହେ ପାର୍ଥ ! 'ଲୋକସଂଗ୍ରହ' ଅର୍ଥେ ତୁମ୍ଭେ କର କର୍ମ । ।୨୦।

ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥ ।୨୧।

ଶ୍ରେଷ୍ଠେ ଯାହା ଆଚରନ୍ତି, ପାଳନ୍ତି ଇତର ଜନ,
ଶ୍ରେଷ୍ଠେ ଯା' ମାନନ୍ତି ଲୋକେ କରନ୍ତି ଅନୁବର୍ତ୍ତନ । ।୨୧।

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥ ।୨୨।

ତିନିଲୋକେ ନାହିଁ ପାର୍ଥ ! ମୋହର କର୍ତ୍ତବ୍ୟ କିଛି,
ଅପ୍ରାପ୍ତ, ପ୍ରାପ୍ତବ୍ୟ ନାହିଁ ତେବେ ମୁଁ କର୍ମ କରୁଛି । ।।୨୨।

ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ।୨୩।

ନିରଳସ ଭାବେ ଯେବେ ନ କରିବୁ ଆମ୍ଭେ କର୍ମ,
ସମସ୍ତ ପ୍ରକାରେ ନରେ କରିବେ ଅନୁକରଣ । ।୨୩।

ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥ ।୨୪।

ଆମ୍ଭେ ନ କରିଲେ କର୍ମ, ସମସ୍ତେ ହେବେ ଉଚ୍ଛନ୍ନ
ସଂକରତ୍ୱେ ମଳିନତ୍ୱେ ନଷ୍ଟ ହେବେ ପ୍ରଜାଗଣ । ।୨୪।

ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।
କୁର୍ଯ୍ୟାଦ୍ ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ॥ ।୨୫।

ସକାମ ଅଜ୍ଞାନୀ ଜନେ ଯେମନ୍ତେ କରନ୍ତି କର୍ମ,
'ଲୋକସଂଗ୍ରହ' ନିମନ୍ତେ କରିବ ତଥା ନିଷ୍କାମ । ।୨୫।

ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।
ଜୋଷୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ॥ ।୨୬।

କର୍ମାସକ୍ତ ଅଜ୍ଞାନର ନ ଜନ୍ମାଇ ବୁଦ୍ଧିଭ୍ରମ
ନିୟୋଜିବେ ସର୍ବ କର୍ମେ, କର୍ମ କରି ଜ୍ଞାନବାନ । ।୨୬।

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଙ୍କାରବିମୂଢାତ୍ମା କର୍ତ୍ତାହମିତି ମନ୍ୟତେ ॥ ।୨୭।

ପ୍ରାକୃତିକ ଗୁଣବଶେ ହେଉଅଛି ସର୍ବକର୍ମ
'ଆମ୍ଭେ କର୍ତ୍ତା' ଯେ ଭାବେ ସେ ଅହଂକାରୀ ମୂଢ଼ଜନ । ।୨୭।

ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।
ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥ ।୨୮।

ମହାବାହୋ ! ଗୁଣ କର୍ମବିଭାଗର ତତ୍ତ୍ୱଜ୍ଞାନୀ
ନ ହୁଏ ଆସକ୍ତ, ଗୁଣେ ଗୁଣ ବର୍ତ୍ତମାନ ଜାଣି । ।୨୮।

| | |
|---|---|
| ପ୍ରକୃତେର୍ଗୁଣସଂମୂଢାଃ ସଜ୍ଜନ୍ତେ ଗୁଣକର୍ମସୁ ।<br>ତାନକୃତ୍ସ୍ନବିଦୋ ମନ୍ଦାନ୍ କୃତ୍ସ୍ନବିନ୍ନ ବିଚାଲୟେତ୍ ॥ ।୨୯। | ପ୍ରକୃତିର ଗୁଣ ମୂଢ଼, ଗୁଣ କର୍ମେ ହୁଏ ରତ<br>ଜ୍ଞାନୀ ସେ ଅଜ୍ଞାନ ଗଣେ ନ କରିବେ ବିଚଳିତ । ।୨୯। |
| ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।<br>ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥ ।୩୦। | ଆଧ୍ୟାତ୍ମିକ ଜ୍ଞାନବଳେ ମୋରେ ଅର୍ପି ସର୍ବ କର୍ମ,<br>ନିଷ୍କାମ, ନିର୍ମମ ହୋଇ, ତେଜି ଶୋକ କର ରଣ । ।୩୦। |
| ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।<br>ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ॥ ।୩୧। | ମୋ ମତ ନିର୍ଦୋଷ ଭାବି, ହୋଇ ପୁଣି ଶ୍ରଦ୍ଧାବାନ<br>ଆଚରଣ କରେ ଯେହୁ, ଲଭେ ସେ କର୍ମରୁ ତ୍ରାଣ । ।୩୧। |
| ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।<br>ସର୍ବଜ୍ଞାନବିମୂଢ଼ାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ॥ ।୩୨। | ଏସନ ମତକୁ ମୋର ନିନ୍ଦା କରେ ଯେଉଁ ଜନ,<br>ନ ପାଳଇ, ଜାଣ ସେହୁ ନଷ୍ଟମତି ଜ୍ଞାନହୀନ । ।୩୨। |
| ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।<br>ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ॥ ।୩୩। | ଜ୍ଞାନୀ ମଧ୍ୟ କରେ ନିଜ ପ୍ରକୃତି ଅନୁସରଣ,<br>ସମସ୍ତେ ପ୍ରକୃତିଗାମୀ, ନିଗ୍ରହେ କି ପ୍ରୟୋଜନ ? ।୩୩। |
| ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।<br>ତୟୋର୍ନ ବଶମାଗଚ୍ଛେତ୍ ତୌ ହ୍ୟସ୍ୟ ପରିପନ୍ଥିନୌ ॥ ।୩୪। | ଇନ୍ଦ୍ରିୟ ଇନ୍ଦ୍ରିୟ ମଧ୍ୟେ ଅଛି ଦ୍ୱେଷ ଅନୁରାଗ,<br>ଏ ପଥର ପ୍ରତିକୂଳ ଉଭୟେ କରିବ ତ୍ୟାଗ । ।୩୪। |
| ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।<br>ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥ ।୩୫। | ସଗୁଣ ପରଧର୍ମରୁ ନିର୍ଗୁଣ ସ୍ୱଧର୍ମ ଶ୍ରେୟ,<br>ସ୍ୱଧର୍ମେ ନିଧନ ଶ୍ରେୟଃ, ପରଧର୍ମ ଭୟାବହ । ।୩୫। |
| ଅର୍ଜୁନ ଉବାଚ | ଅର୍ଜୁନ ଉବାଚ |
| ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।<br>ଅନିଚ୍ଛନ୍ନପି ବାର୍ଷ୍ଣେୟ ବଲାଦିବ ନିୟୋଜିତଃ ॥ ।୩୬। | କିଏ କରେ ପୁରୁଷକୁ ଏ ପାପରେ ପ୍ରବର୍ତ୍ତିତ<br>ଅନିଚ୍ଛାରେ ବାସୁଦେବ ! ବଳେ କରି ନିୟୋଜିତ । ।୩୬। |
| ଶ୍ରୀଭଗବାନ ଉବାଚ | ଶ୍ରୀଭଗବାନ ଉବାଚ |
| କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।<br>ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥ ।୩୭। | ଏହି କାମ, ଏହି କ୍ରୋଧ, ରଜୋଗୁଣ ସମୁତ୍ପନ୍ନ<br>ତୃପ୍ତିହୀନ, ଦୁର୍ନିବାର, ଜାଣିବ ଶତ୍ରୁ ସମାନ । ।୩୭। |
| ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଲେନ ଚ ।<br>ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥ ।୩୮। | ଧୂମରେ ଆବୃତ ବହ୍ନି, ମୁକୁର ମଳରେ ଯଥା,<br>ଜରାୟୁରେ ଗର୍ଭ, ଜ୍ଞାନ ଏଥିରେ ଆବୃତ ତଥା । ।୩୮। |
| ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।<br>କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ॥ ।୩୯। | ଏ କାମେ ଆବୃତ ଜ୍ଞାନ, ଜ୍ଞାନୀଙ୍କର ଶତ୍ରୁ ପ୍ରାୟ ।<br>ନୁହେ ତୋଷଣୀୟ ପୁଣି, ଅଗ୍ନିତୁଲ୍ୟ ହେ କୌନ୍ତେୟ ! ।୩୯। |

ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।
ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ॥ ।୪୦।

ଇନ୍ଦ୍ରିୟ, ବୁଦ୍ଧି, ମାନସ, କାମର ନିବାସ ସ୍ଥାନ
ମୋହିତ କରଇ ଜୀବେ, ଏଥିରେ ଆବରି ଜ୍ଞାନ । । ।୪୦।

ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।
ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନ ନାଶନମ୍ ॥ ।୪୧।

ଏ ଘେନି ଇନ୍ଦ୍ରିୟ ପାର୍ଥ ! କରି ଆଗେ ନିୟମିତ,
ବିଜ୍ଞାନ-ଜ୍ଞାନ-ନାଶକ କର ଏ ପାପେ ଧ୍ୱଂସିତ । ।୪୧।

ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।
ମନସସ୍ତୁ ପରା ବୁଦ୍ଧିର୍ୟୋ ବୁଦ୍ଧେଃ ପରତସ୍ତୁ ସଃ ॥ ।୪୨।

ଇନ୍ଦ୍ରିୟ ଅଟଇ ଶ୍ରେଷ୍ଠ, ଇନ୍ଦ୍ରିୟରୁ ଶ୍ରେଷ୍ଠ ମନ
ମନଠାରୁ ବୁଦ୍ଧି ଶ୍ରେଷ୍ଠ, ବୁଦ୍ଧିରୁ ପରମାତ୍ମନ । ।୪୨।

ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ॥ ।୪୩।

ଏହି ରୂପେ ଜାଣି, ଆତ୍ମା ଆତ୍ମାରେ ନିଶ୍ଚଳ କରି
ମହାବାହୋ ! ନାଶ ଏହି ଦୁର୍ଦମନ କାମ-ଅରି । ।୪୩।

(କ୍ରମଶଃ)

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ କର୍ମଯୋଗୋ
ନାମ ତୃତୀୟୋଽଧ୍ୟାୟଃ ।

ଅନୁବାଦ : ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର

The present is the most important moment in life.
*12 February 1952* – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ଅନ୍ତରାଳ ଜଗତ୍ :

# ନିୟତିର ପ୍ରଭୁ ଅଥବା ତା'ର କ୍ରୀଡ଼ନକ

## (ଶ୍ରୀମାଙ୍କ ସଙ୍ଗେ ଏକ କଥୋପକଥନ)

*ପ୍ରଶ୍ନ : କୁହାଯାଇଥାଏ ଯେ ମୃତ୍ୟୁର ଏକ ଦେବତା ଅଛନ୍ତି । ଏହା କେତେଦୂର ସତ୍ୟ ?*

ଶ୍ରୀମା : ହଁ, ମୁଁ ଏହାକୁ ମୃତ୍ୟୁର ସୂକ୍ଷ୍ମସତ୍ତା ବୋଲି କୁହେ । ମୁଁ ଏହାକୁ ଭଲଭାବେ ଜାଣେ । ଏବଂ ତାହା ଏକ ଅସାଧାରଣ ସଙ୍ଗଠନ । ଏହା କେତେଦୂର ସଙ୍ଗଠିତ ତୁମେ ତାହା ଧାରଣା କରିପାରିବ ନାହିଁ ।

ମୋର ବିଶ୍ୱାସ ମୃତ୍ୟୁର ଏହି ସୂକ୍ଷ୍ମସତ୍ତା ବହୁ ସଂଖ୍ୟାରେ ରହିଛନ୍ତି । ଶହ ଶହ ସଂଖ୍ୟାରେ ରହିଛନ୍ତି । ମୁଁ ଏମାନଙ୍କ ଭିତରୁ ଅନ୍ତତଃ ଦୁଇଟିକୁ ଭେଟିଛି । ଗୋଟିକୁ ଫ୍ରାନ୍ସରେ ଓ ଅନ୍ୟଟିକୁ ଜାପାନରେ ଏବଂ ଏମାନେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ଏଥିରୁ ଏହି ବିଶ୍ୱାସ ଉପୁଜେ ଯେ ବୋଧହୁଏ ମାନସିକ କୃଷ୍ଟି, ଶିକ୍ଷା, ଦେଶ ଓ ବିଶ୍ୱାସ ଅନୁସାରେ ଭିନ୍ନ ଭିନ୍ନ ସୂକ୍ଷ୍ମସତ୍ତାମାନେ ରହିଥାଆନ୍ତି । ବିଶ୍ୱ ପ୍ରକୃତିର ସମସ୍ତ ଅଭିବ୍ୟକ୍ତିରେ ଏହିପରି ସୂକ୍ଷ୍ମସତ୍ତାମାନେ ଥାଆନ୍ତି : ଅଗ୍ନିର ସୂକ୍ଷ୍ମସତ୍ତା, ବାୟୁର ସୂକ୍ଷ୍ମସତ୍ତା, ଜଳର, ବର୍ଷାର, ପବନର ସୂକ୍ଷ୍ମସତ୍ତା ସବୁ ଅଛନ୍ତି ଏବଂ ମୃତ୍ୟୁର ସୂକ୍ଷ୍ମସତ୍ତା ମଧ୍ୟ ରହିଛି ।

ମୃତ୍ୟୁର ପ୍ରତ୍ୟେକଟି ସୂକ୍ଷ୍ମସତ୍ତା, ସେ ଯାହା ବି ହେଉ ନା କାହିଁକି, ଗୋଟିଏ ଦିନ ପାଇଁ ନିର୍ଦ୍ଦିଷ୍ଟ ଏତେ ସଂଖ୍ୟାର ମୃତ୍ୟୁ ଉପରେ ତାହାର ଦାବି ରହିଛି । ବାସ୍ତବରେ ଏହା ଏକ ବିସ୍ମୟକର ସଙ୍ଗଠନ । ପ୍ରାଣିକ ଶକ୍ତି ଓ ବିଶ୍ୱ ପ୍ରକୃତିର ଶକ୍ତି ଭିତରେ ଏହା ଏକ ସହଯୋଗର ମେଣ୍ଟ ପରି । ଯଦି ମୃତ୍ୟୁର ସୂକ୍ଷ୍ମସତ୍ତା ନିଷ୍ପତ୍ତି ନେଲା, ''ମୁଁ ଏତେ ସଂଖ୍ୟକ ଲୋକଙ୍କର ମୃତ୍ୟୁ ପାଇଁ ହକଦାର, ଧର ଚାରିଜଣ ବା ପାଞ୍ଚଜଣ ବା ଛଅଜଣଙ୍କର ବା ଜଣେ ବା ଦୁଇଜଣଙ୍କ ମୃତ୍ୟୁ ଘଟାଇବାର ହକ୍ ମୋର ରହିଛି;'' ଏହା ନିର୍ଭର କରେ ସେହି ଦିନଟି ଉପରେ, ଏହା ନିଷ୍ପତ୍ତି ନେଲା ଏତେ ସଂଖ୍ୟାର ଲୋକଙ୍କର ମୃତ୍ୟୁ ଘଟିବ, ତେବେ ସେ ସିଧା ଯାଇ ମରିବାକୁ ଯାଉଥିବା ଲୋକ ପାଖରେ ପହଞ୍ଚି ସେଠାରେ ରହିବ । କିନ୍ତୁ ତୁମେ ଯଦି ସଚେତ ହୋଇଥିବ (ସେହି ଲୋକ ନୁହେଁ), ତୁମେ ଯଦି ଦେଖିପାରିବ ମୃତ୍ୟୁର ସୂକ୍ଷ୍ମସତ୍ତା ଅମୁକ ଲୋକ ପାଖରେ ପହଞ୍ଚିଛି ଓ ତୁମେ ଚାହଁ ଯେ ସେ ଲୋକର ମୃତ୍ୟୁ ନ ହେଉ ବୋଲି ତେବେ ତୁମର ଯଦି ସେହିପରି ଗୂଢ଼କ୍ରିୟାର ଶକ୍ତି ଥାଏ ତା'ହେଲେ ତୁମେ ମୃତ୍ୟୁର ସେହି ସତ୍ତାକୁ କହିପାର, ''ନା, ତାହାକୁ ନେବା ପାଇଁ ମୁଁ ତୁମକୁ ବାରଣ କରୁଛି'' । ଏପରି ଘଟଣା ଘଟିଛି, ଥରେ ନୁହେଁ ଅନେକ ବାର ଘଟିଛି, ଜାପାନରେ ଏବଂ ଏଠାରେ ମଧ୍ୟ । ମୃତ୍ୟୁର ସେହି ସତ୍ତା ଏକ ପ୍ରକାରର ବା ସମାନ ନୁହେଁ । ସେଇଥିପାଇଁ ମୁଁ କହିଥାଏ ଅନେକଗୁଡ଼ିଏ ମୃତ୍ୟୁ ସତ୍ତା ରହିଛନ୍ତି ।

— ମୁଁ ଚାହେଁ ନାହିଁ ତା'ର ମୃତ୍ୟୁ ହେଉ ।

— କିନ୍ତୁ ମୋର ଗୋଟିଏ ମୃତ୍ୟୁ ପାଇଁ ଦାବି ରହିଛି ।

— ଯାଅ, ଏବଂ ମରିବାକୁ ପ୍ରସ୍ତୁତ ଥିବା କୌଣସି ଲୋକକୁ ଖୋଜି ବାହାର କର ।

ଏହିପରି ଭାବରେ ମୁଁ ଅନେକ ଘଟଣା ଦେଖିଛି : କେତେକ ସମୟରେ ଜଣକ ସ୍ଥାନରେ ପାଖ ପଡ଼ୋଶୀ ଘରର (ବା ଅନ୍ୟ କେଉଁଠାରେ) କେହି ହଠାତ୍ ମୃତ୍ୟୁବରଣ କରେ, ଆଉ କେତେକ ସମୟରେ ପରିଚିତ କେହି ବା ଶତ୍ରୁତା ଆଚରଣ କରୁଥିବା କୌଣସି ବ୍ୟକ୍ତିର ମୃତ୍ୟୁ ହୁଏ । ବାହାରକୁ ଏହା ମନେହୁଏ ଆକସ୍ମିକ ବୋଲି । କିନ୍ତୁ ମୃତ୍ୟୁ ସତ୍ତା ତା'ର ହକ୍ ପାଇଯାଏ, ଗୋଟିଏ ମୃତ୍ୟୁ ପାଇଁ ତା'ର ହକ୍ ଥିଲା ଓ ସେ ଗୋଟିଏ ମୃତ୍ୟୁ ଘଟାଇବ । କିନ୍ତୁ ତୁମେ ତାକୁ କହିପାର, ''ମୁଁ ବାରଣ କରୁଛି ଅମୁକ ବ୍ୟକ୍ତିଙ୍କୁ ନେବା ପାଇଁ'' । ଏବଂ ସେହି ମୃତ୍ୟୁସତ୍ତାକୁ ଫେରାଇ ଦେବାର କ୍ଷମତା ତୁମର ରହିଛି, ଏବଂ ସେ କ୍ଷେତ୍ରରେ ତାହାର ଫେରିଯିବା ଛଡ଼ା ଅନ୍ୟ କିଛି ବାଟ ରହିବ ନାହିଁ । କିନ୍ତୁ ସେ ନିଜର ହକ୍ ବା ଦାବି ଛାଡ଼ିଦେବ ନାହିଁ, ଅନ୍ୟ ସ୍ଥାନକୁ ଯାଇ ଅନ୍ୟ କାହାର ମୃତ୍ୟୁ ଘଟାଇବ ।

ନିଆଁ ଲାଗିବା ସମ୍ପର୍କରେ ମଧ୍ୟ ଏହା ହିଁ ଘଟେ । ମୁଁ ଅଗ୍ନିର ସୂକ୍ଷ୍ମସତ୍ତାକୁ ଦେଖିଛି; ବିଶେଷ କରି ଜାପାନରେ, କାରଣ ସେଠାରେ ନିଆଁ ଲାଗିବା ଏକ ଉଲ୍ଲେଖଯୋଗ୍ୟ ଘଟଣା ପରି ଘଟେ । ଯେତେବେଳେ ନିଆଁ ଲାଗେ ପାଖାପାଖି ଅଶୀ, ନବେ ପର୍ଯ୍ୟନ୍ତ ଘର, ପୂରା ଗୋଟିଏ ମହଲା ପୋଡ଼ିଯାଏ । ଏହା ଅଦ୍ଭୁତ ଧରଣର କିଛି । ଘରଗୁଡ଼ିକ ତିଆରି ହୋଇଥାଏ କାଠରେ,

ଏବଂ ଦିଆଶିଲି ଖୋଳ ପରି ସେଗୁଡ଼ିକ ଜଳି ଯାଆନ୍ତି, ତୁମେ ଦେଖ ନିଆଁ ଲାଗିଲା ଏବଂ ହଠାତ୍ ମୁହୂର୍ତ୍ତକରେ ସବୁକିଛି ହୁତ୍ କରି ଜଳିଯିବ । ତୁମେ ଦିଆଶିଲି ଖୋଳ ଜଳିଯିବା ଦେଖିଥିବ, ସେହିପରି ହୁତ୍ କରି ଘରଗୁଡ଼ିକ ଜଳିଯାଏ, ମୋ ଆଖି ଆଗରେ ଗୋଟିଏ, ଦୁଇଟି, ତିନୋଟି, ଦଶ, କୋଡ଼ିଏଟି ଘର ଏହିପରି ଜଳି ଯିବାର ମୁଁ ଦେଖିଛି । ... ଅଗ୍ନିର ସୂକ୍ଷ୍ମସତ୍ତାମାନେ ଅଛନ୍ତି । ଥରେ ମୁଁ ମୋ ବିଛଣାରେ ଶୋଇଥିଲି । ଏକାଗ୍ର ରହିଥିଲି ଓ ଲୋକମାନଙ୍କୁ ଦେଖୁଥିଲି । ହଠାତ୍ ଦେଖିଲି ଅଗ୍ନିଶିଖାର ବାଦଲ ପରି କିଛି ଆସି ମୋ ଘର ପାଖରେ ପହଞ୍ଚିଲା, ମୁଁ ଚାହିଁ ଦେଖିଲି ଏହା ଗୋଟିଏ ସଚେତ ସତ୍ତା ।

— ତୁମେ ଏଠାକୁ କାହିଁକି ଆସିଛ ?

— ଏହି ଘରଟିକୁ ଜାଳି ଦେବାର ଏକ ହକ୍ ମୋର ଅଛି ।

— ତାହା ହୋଇପାରେ, କିନ୍ତୁ ଏହି ଘରଟି ନୁହେଁ । ଏବଂ ସେ ସେହି ଆଦେଶକୁ ପ୍ରତିରୋଧ କରିପାରିଲା ନାହିଁ ।

ଏହା ନିର୍ଭର କରେ କାହାର ଶକ୍ତି କେତେ ଅଧିକ । ମୁଁ କହିଲି, ''ନା, ତୁମେ ଏଠାରେ ନିଆଁ ଲଗାଇ ପାରିବ ନାହିଁ, ବାସ୍ ସେତିକି'' । ପାଞ୍ଚ ମିନିଟ ପରେ ମୁଁ କିଛି ଚିତ୍କାର ଓ କୋଳାହଳ ଶୁଣିବାକୁ ପାଇଲି । ଦୁଇ, ତିନିଟି ଘର ଛାଡ଼ି ଆଉ ଗୋଟିଏ ଘରେ ନିଆଁ ଲାଗିଛି । ଯେହେତୁ ମୋ ଘରେ ନିଆଁ ଲଗାଇବା ପାଇଁ ମୁଁ ତାକୁ ବାରଣ କଲି ସେ ଅନ୍ୟ ଏକ ଘରେ ନିଆଁ ଲଗାଇଲା । ତା'ର ହକ୍ ବା ଦାବି ହେଲା ଗୋଟିଏ ଘର ଜଳାଇବା, ବାସ୍ ସେ ତାହା ପୂରଣ କରିଦେଲା ।

## ମୃତ୍ୟୁସତ୍ତାକୁ ବାରଣ କରି ଫେରାଇ ଦେବା

*ପ୍ରଶ୍ନ : ସମୟ ସମୟରେ ଲୋକମାନେ ମୃତ୍ୟୁଶଯ୍ୟାରେ ଥାଇ ଜାଣି ପାରନ୍ତି ଯେ ଅଳ୍ପ ସମୟ ଭିତରେ ସେମାନଙ୍କ ମୃତ୍ୟୁ ଘଟିବାକୁ ଯାଉଛି । ସେମାନେ କାହିଁକି ସେମାନଙ୍କୁ ନେବାକୁ ଆସିଥିବା ମୃତ୍ୟୁର ସୂକ୍ଷ୍ମସତ୍ତାକୁ ବାରଣ କରି ଫେରାଇ ଦିଅନ୍ତି ନାହିଁ ?*

**ଶ୍ରୀମା** : ଆଃ ! ତାହା ନିର୍ଭର କରେ ସେହି ଲୋକମାନଙ୍କ ଉପରେ । ଦୁଇଟି ଜିନିଷ ଆବଶ୍ୟକ । ପ୍ରଥମେ ତୁମ ସତ୍ତାର କୌଣସି ଅଂଶ, ସାମାନ୍ୟ କିଛି ମଧ୍ୟ ଯେପରି ମରିବାକୁ ଚାହୁଁ ନଥାଏ । କିନ୍ତୁ ବେଶୀ ଭାଗ କ୍ଷେତ୍ରରେ ଏହା ଘଟେ ନାହିଁ । ତୁମ ଭିତରେ ବରାବର ଏକ ପରାଜୟବାଦୀ ମନୋଭାବ ରହିଥାଏ; ଏପରି କିଛି ରହିଥାଏ ଯାହା କ୍ଳାନ୍ତ, ଯାହାର ଜୀବନ ପ୍ରତି ଏକ ପ୍ରକାର ବିରକ୍ତି ଓ ବିତୃଷ୍ଣାର ଭାବ ରହିଥାଏ, ଏପରି କିଛି ଭାବ ରହିଥାଏ ଯେ ଯଥେଷ୍ଟ ହୋଇଗଲାଣି, ଆଉ ନୁହେଁ, ଏକ ପ୍ରକାର ଆଳସ୍ୟର ଭାବ ରହିଥାଏ, ଏପରି କିଛି ରହିଥାଏ ଯାହା ଆଉ ସଂଗ୍ରାମ କରିବାକୁ ଚାହେଁ ନାହିଁ ଏବଂ କୁହେ, ''ବାସ୍, ସବୁ ଶେଷ ହୋଇଯାଉ, ତାହା ହିଁ ଉତ୍ତମ ହେବ'' । ଏତିକି ହିଁ ଯଥେଷ୍ଟ, ତୁମେ ମୃତ୍ୟୁବରଣ କର ।

ପ୍ରକୃତରେ ଏହା ହିଁ ଘଟେ । ଯଦି ତୁମ ଭିତରେ କୌଣସି କିଛି, ଆଦୌ କିଛି ମଧ୍ୟ ମୃତ୍ୟୁ ପାଇଁ ସମ୍ମତି ନ ଦିଏ, ତୁମେ ମୃତ୍ୟୁ ବରଣ କରିବ ନାହିଁ । କାହାର ମୃତ୍ୟୁ ଘଟିବା ପୂର୍ବରୁ ଏପରି ଗୋଟିଏ ମୁହୂର୍ତ୍ତ ଆସିଥାଏ, ବୋଧହୁଏ ଏକ ସେକେଣ୍ଡର ଶହେ ଭାଗରୁ ଗୋଟିଏ ମୁହୂର୍ତ୍ତ, ଯେତେବେଳେ ସେ ମୃତ୍ୟୁ ପାଇଁ ନିଜର ସମ୍ମତି ଦେଇଥାଏ । ଯଦି ସମ୍ମତି ଦେବାର ଏହି ମୁହୂର୍ତ୍ତଟି ନ ଥା'ନ୍ତା ତେବେ ତାହାର ମୃତ୍ୟୁ ହୁଅନ୍ତା ନାହିଁ ।

ମୁଁ ଏପରି ଲୋକମାନଙ୍କୁ ଜାଣେ ଯେଉଁମାନେ ଶାରୀରିକ ଓ ପ୍ରାଣିକ ସମସ୍ତ ନିୟମ ଦୃଷ୍ଟିରୁ ଅନେକ ଦିନୁ ମରି ସାରନ୍ତେଣି, କିନ୍ତୁ ସେମାନେ ମୃତ୍ୟୁ ପାଇଁ ଅସମ୍ମତି ଜଣାଇ ଥିଲେ । ସେମାନେ କହିଥିଲେ, ''ନା, ମୁଁ ମରିବି ନାହିଁ'' । ଏବଂ ସେମାନେ ବଞ୍ଚି ରହିଥିଲେ । ଆଉ ମଧ୍ୟ ଏପରି ଲୋକମାନେ ଥାଆନ୍ତି ଯେଉଁମାନଙ୍କର ମୃତ୍ୟୁର ଆଦୌ କୌଣସି କାରଣ ନ ଥାଏ, କିନ୍ତୁ ସେମାନଙ୍କର ଧରଣ ଏପରି ଯେ ସେମାନେ କୁହନ୍ତି, ''ଆଃ ! ବାସ୍, ହଁ ଖୁବ୍ ଭଲ ହେବ, ସବୁକିଛି ଶେଷ ହୋଇଯାଉ'' । ଏବଂ ସବୁକିଛି ପ୍ରକୃତରେ ଶେଷ ହୋଇଯାଏ । ଏପରିକି ଏତିକି ହିଁ ଯଥେଷ୍ଟ, ଏପରିକି ଏହାଛଡ଼ା ଆଉ ଅଧିକ କିଛିର ଆବଶ୍ୟକତା ନାହିଁ : ଏଥିପାଇଁ ତୁମର ଏକ ଅବିରତ ଇଚ୍ଛାର କୌଣସି ଆବଶ୍ୟକତା ନାହିଁ, କେବଳ ଏତିକି କହିଲେ ହିଁ ଯଥେଷ୍ଟ, ''ହଁ, ବାସ୍, ଯଥେଷ୍ଟ ହୋଇ ଗଲାଣି !'' ଏବଂ ସେତେବେଳେ ମୃତ୍ୟୁ ଆସି ସବୁକୁ ଶେଷ କରିଦିଏ । ପ୍ରକୃତରେ ଏହିପରି ହିଁ ଘଟିଥାଏ । ତୁମେ ଯାହା କହୁଛ ଯେ ତୁମର ଶଯ୍ୟା ପାଖରେ ମୃତ୍ୟୁ ଆସି ଛିଡ଼ା ହୋଇ ପାରିଥାଏ, କିନ୍ତୁ ତୁମେ ଯଦି ତାହାକୁ କହିବ, ''ମୁଁ ତୁମକୁ ଚାହେଁ ନାହିଁ, ଏଠାରୁ ଚାଲିଯାଅ,'' ତା'ହେଲେ ସେ ସେଠାରୁ ଫେରି ଚାଲିଯିବାକୁ ବାଧ୍ୟ ହେବ । କିନ୍ତୁ ସାଧାରଣତଃ

ଲୋକମାନେ ହଟିଯାଇ ମୃତ୍ୟୁକୁ ବାଟ ଛାଡ଼ି ଦିଅନ୍ତି । ତୁମକୁ ସଂଗ୍ରାମ କରିବାକୁ ହେବ, ତୁମକୁ ଦୃଢ଼ ହେବାକୁ ହେବ, ତୁମକୁ ସାହସୀ ଓ ନିର୍ଭୀକ ହେବାକୁ ହେବ ଓ ସହ୍ୟ କରିବାର ଶକ୍ତିକୁ ବଜାୟ ରଖିବାକୁ ହେବ, ଜୀବନର ଆବଶ୍ୟକତା ସମ୍ପର୍କରେ ବିପୁଳ ବିଶ୍ୱାସ ରଖିବାକୁ ହେବ । ଉଦାହରଣସ୍ୱରୂପ, ଯେପରି ଜଣେ ଅତି ଦୃଢ଼ଭାବରେ ଅନୁଭବ କରୁଥାଏ ଯେ ତାହାର ତଥାପି ଆଉ କିଛି କରିବାକୁ ବାକି ଅଛି ଏବଂ ସେ ତା' ନିଶ୍ଚୟ ସମ୍ପନ୍ନ କରିବ – ତୁମକୁ ଏହିପରି ମନୋଭାବ ହିଁ ରଖିବାକୁ ହେବ । କିନ୍ତୁ କିଏ ନିଶ୍ଚିତ ହୋଇପାରିବ ଯେ ତା' ଭିତରେ କେଉଁଠି ସାମାନ୍ୟ ଟିକେ ପରାଜୟବାଦୀ ମନୋଭାବ ନାହିଁ ବୋଲି; ଏହା କେଉଁଠି ହେଲେ ରହିଥାଏ ଏବଂ ସେ ବାଟ ଛାଡ଼ିଦିଏ ଓ କୁହେ ''ଠିକ୍ ଅଛି'' । ଏହିଠାରେ ହିଁ ଆସୁଛି ନିଜକୁ ଏକତ୍ରୀଭୂତ କରିବାର ପ୍ରୟୋଜନୀୟତା ।

## ସବୁଠାରୁ ଯାହା ଗୁରୁତ୍ୱପୂର୍ଣ୍ଣ

ଆମେ ଯେକୌଣସି ପଥ ଅନୁସରଣ କରୁନା କାହିଁକି, ଯେକୌଣସି ବିଷୟ ଅଧ୍ୟୟନ କରୁନା କାହିଁକି, ଆମେ ବରାବର ସେହି ଗୋଟିଏ ସିଦ୍ଧାନ୍ତରେ ପହଞ୍ଚୁ । ଜଣେ ବ୍ୟକ୍ତି ପାଇଁ ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ତା ହେଉଛି ତା'ର ସତ୍ତାର ଦିବ୍ୟକେନ୍ଦ୍ରକୁ ଆବେଷ୍ଟନ କରି ନିଜକୁ ଏକତ୍ରୀଭୂତ କରିବା । ସେହି ଭାବରେ ହିଁ ସେ ଜଣେ ଯଥାର୍ଥ ବ୍ୟକ୍ତିରେ ପରିଣତ ହେବ, ନିଜର ଏବଂ ନିଜ ନିୟତିର ପ୍ରଭୁ ହୋଇଉଠିବ । ତା' ନହେଲେ ସେ ରହିଥିବ ବିଭିନ୍ନ ଶକ୍ତିର ଖେଳନା ହୋଇ, ଯେଉଁ ଶକ୍ତିଗୁଡ଼ିକ ତାକୁ ନଦୀ ସୁଅରେ ଏକ ସୋଲ ଠିପି ଭାସିଲା ପରି ଭସାଇ ନିଅନ୍ତି । ସେ ଏପରି ସବୁ ସ୍ଥାନକୁ ଯାଏ, ଯେଉଁଠାକୁ ଯିବାକୁ ସେ ଚାହୁଁ ନ ଥାଏ; ଏପରି ସବୁ କାମ କରେ ଯାହା ସେ କରିବାକୁ ଚାହୁଁ ନ ଥାଏ, ଶେଷରେ ସେ ନିଜକୁ ଏପରି ଏକ ଗର୍ତ୍ତ ଭିତରେ ପଡ଼ିବାକୁ ଛାଡ଼ିଦିଏ ଯେଉଁଥିରୁ ଉଠି ବାହାରି ଆସିବା ପାଇଁ ତା'ର ଆଉ ଶକ୍ତି ନଥାଏ । କିନ୍ତୁ ତୁମେ ଯଦି ସଚେତ ଭାବରେ ନିଜକୁ ସଙ୍ଗଠିତ କରିଥାଅ, ଦିବ୍ୟକେନ୍ଦ୍ରକୁ ଘେରି ତା'ର ଚତୁର୍ଦିଗରେ ନିଜକୁ ଏକତ୍ରୀଭୂତ କରିଥାଅ, ତାହାରି ଦ୍ୱାରା ହିଁ ଶାସିତ ଓ ପରିଚାଳିତ ହେଉଥାଅ, ତା'ହେଲେ ତୁମେ ତୁମର ଭାଗ୍ୟ ଓ ନିୟତିର ପ୍ରଭୁ ହୋଇଉଠ । ଏହା ଯେତେ ଆୟାସସାଧ୍ୟ ହେଲେ ମଧ୍ୟ ପ୍ରଚେଷ୍ଟାର ସମସ୍ତ ମୂଲ୍ୟ ତୁମେ ପାଇଯିବ ... ସେ ଯାହା ହେଉ, ମୁଁ ନିଶ୍ଚୟ ଏକ ଦାସ ହେବା ଅପେକ୍ଷା ପ୍ରଭୁ ହେବାକୁ ଅଧିକ ପସନ୍ଦ କରିବି । ଏହା ନିଶ୍ଚୟ ଏକ ଅପ୍ରୀତିକର ଅନୁଭୂତି ଯେତେବେଳେ ତୁମେ ଅନୁଭବ କର ଯେ ତୁମେ ଗୁଡ଼ିଏ ଦଉଡ଼ି ଦ୍ୱାରା ବନ୍ଧା ହୋଇ ଟଣା ହେଉଛ ଓ ତୁମେ ଚାହଁ ବା ନ ଚାହଁ ଗୁଡ଼ିଏ କାମ କରିବାକୁ ବାଧ୍ୟ ହେଉଛ – ଅବଶ୍ୟ ଚାହିଁବା ନ ଚାହିଁବା କଥାଟା ଏଠି ଅପ୍ରାସଙ୍ଗିକ – କିନ୍ତୁ ଯେତେବେଳେ ତୁମେ କୌଣସି ଦଉଡ଼ି ଦ୍ୱାରା ଟଣା ହୋଇ କିଛି କାମ କରିବାକୁ ବାଧ୍ୟ ହୁଅ, ଏପରିକି ଯେଉଁ ଦଉଡ଼ିକୁ ତୁମେ ଦେଖି ମଧ୍ୟ ପାରୁ ନାହଁ, ତାହା ଅତ୍ୟନ୍ତ ବିରକ୍ତିକର ଓ ପୀଡ଼ାଦାୟକ । ସେ ଯା ହେଉ, ମୁଁ ଜାଣେନା କିନ୍ତୁ ମୋତେ ଏହା ଖୁବ୍ ବିରକ୍ତିକର ଲାଗେ, ଏପରିକି ଯେତେବେଳେ ମୁଁ ଖୁବ୍ ପିଲା ଥିଲି ସେତେବେଳୁ ମଧ୍ୟ ମୋତେ ଏହା ଖୁବ୍ ବିରକ୍ତିକର ଲାଗି ଆସିଛି । ପାଞ୍ଚବର୍ଷ ବୟସରୁ ମଧ୍ୟ ମୋତେ ଏହା ଖୁବ୍ ଅସହ୍ୟ ଲାଗିଛି ଏବଂ ମୁଁ ବରାବର ଏକ ବାଟ ଖୋଜୁଥିଲି ଯେପରିକି ଏହା ଏପରି ନ ହେଉ – ଯେପରିକି ଲୋକମାନେ ମୋତେ ଗାଳି ଦେବା ପାଇଁ କୌଣସି ସୁଯୋଗ ନ ପାଇବେ । କାରଣ ମୁଁ ଜାଣିଥିଲି ମୋତେ କେହି ସାହାଯ୍ୟ କରିପାରିବେ ନାହିଁ । ତୁମର ଏଠାରେ ଯେଉଁ ସୁଯୋଗ ଅଛି ଯେ କେହି ଜଣେ ରହିଛି ତୁମକୁ କହିଦେଇ ପାରିବ ''ଏହି ଜିନିଷଟି ହିଁ ତୁମର କରିବା ଉଚିତ'' ସେହି ସୁଯୋଗ ମୋର ନ ଥିଲା । ଏପରି କହି ଦେବାକୁ ମୋ ପାଇଁ କେହି ନ ଥିଲେ, ମୋତେ ନିଜେ ହିଁ ତାହା ଖୋଜି ବାହାର କରିବାକୁ ପଡୁଥିଲା । ଏବଂ ମୁଁ ତାହା ପାଇ ଯାଇଥିଲି । ମୁଁ ଏହା ଆରମ୍ଭ କରିଥିଲି ପାଞ୍ଚବର୍ଷ ବୟସରେ । ଏବଂ ତୁମେମାନେ ତ ଅନେକ ଦିନୁ ପାଞ୍ଚବର୍ଷ ବୟସରେ ପହଞ୍ଚି ସାରିଛ ... ।

ବାସ୍ ।

(MCW, Vol. V, pp. - 136-140) ✥

ବିଶ୍ୱାସ ହେଉଛି ପ୍ରମାଣ ବିହୀନ ଏକ ନିଶ୍ଚିତତା ।
– ଶ୍ରୀମା

ଶେଷ ପୃଷ୍ଠା :

# ଆତ୍ମ-ନିବେଦନର ନିଷ୍ଠା

**ଶ୍ରୀ ବିଶ୍ୱମ୍ଭର ସାମନ୍ତ**

ଉଦାରଙ୍କୁ ମା' ଥରେ କହିଥିଲେ, "I have come down on earth to make things easy for you, so why should you try when I am here to do it ?" ଅର୍ଥାତ୍, ''ପୃଥିବୀ ଉପରକୁ ମୁଁ ଆସିଛି ତୁମ ପାଇଁ ଜିନିଷଗୁଡ଼ିକୁ ସହଜ କରିଦେବା ପାଇଁ । ତେଣୁ ମୁଁ ଯେତେବେଳେ ତାହା କରିବା ପାଇଁ ଏଠାରେ ଅଛି ତୁମେ କାହିଁକି ସେଥିପାଇଁ ଚେଷ୍ଟା କରିବ ?'' ମା'ଙ୍କର ଏହି କଥାଗୁଡ଼ିକ ପଢ଼ି ଆମେ ଯେପରି ଭାବି ନ ବସୁ ଯେ ମା' ତ ଅଛନ୍ତି ସେ ସବୁ କରିଦେବେ । ଆମର ଆଉ କୌଣସି ପ୍ରଚେଷ୍ଟାର ଆବଶ୍ୟକତା କ'ଣ ? ମା' ନିଶ୍ଚୟ ସବୁ କରିଦେବେ । କିନ୍ତୁ ତାହା କରିବା ପାଇଁ ତ ଆମକୁ ନିଜକୁ ମା'ଙ୍କ ହାତରେ ଛାଡ଼ି ଦେବାକୁ ହେବ ।

ମା' ସ୍ୱୟଂ କହିଛନ୍ତି, "Just give yourself to me and I will do it all for you" – ଅର୍ଥାତ୍, ''ତୁମେ କେବଳ ନିଜକୁ ମୋତେ ଦେଇଦିଅ ଏବଂ ମୁଁ ତୁମ ପାଇଁ ସବୁକିଛି କରିଦେବି ।'' ମା'ଙ୍କର ଏହି ପ୍ରତିଶ୍ରୁତି ତ ବିଫଳ ହେବ ନାହିଁ । ମା'ଙ୍କର ଦିବ୍ୟ ଉପସ୍ଥିତି ଯେପରି ସଦାସର୍ବଦା ଆମ ସଙ୍ଗେ ସଙ୍ଗେ ରହିଛି । କିନ୍ତୁ ଏହି ପ୍ରତିଶ୍ରୁତି ମଧ୍ୟ ସେହିପରି ପ୍ରତ୍ୟକ୍ଷ, ଜୀବନ୍ତ ଓ ଫଳପ୍ରଦ ହୋଇ ରହିଛି । କିନ୍ତୁ ଏହି ପ୍ରତିଶ୍ରୁତି ଆମ ତରଫରୁ ଏକ ସର୍ତ୍ତ ପାଳନର ଅପେକ୍ଷା ରଖେ ଏବଂ ତା' ହେଉଛି ମା'ଙ୍କ କଥାରେ, ''ତୁମେ କେବଳ ନିଜକୁ ମୋତେ ଦେଇଦିଅ ।'' ପୂର୍ଣ୍ଣଯୋଗରେ ସମଗ୍ର ସାଧନାର ମୂଳକଥା ହେଲା ନିଜକୁ ଏହି ଦେଇ ଦେବା । ନିଜକୁ ଏହି ଦେଇ ଦେବା ପାଇଁହିଁ ଆମକୁ ଅଭୀପ୍ସା ଓ ସଂକଳ୍ପ କରିବାକୁ ହେବ ଓ ସକଳ ନିଷ୍ଠାର ସହିତ ତହିଁରେ ଲାଗି ରହିବାକୁ ହେବ । ଆମର ଗଭୀର ଅନ୍ତରସ୍ଥ ଚୈତ୍ୟସତ୍ତା ଯେପରି ନିଜକୁ ମା'ଙ୍କ ପାଖରେ ଦେଇ ଦେଇଥାଏ, ସେହିପରି ଆମର ମନ, ପ୍ରାଣ ଓ ଦେହର ଚେତନାରେ ସେହି ଚୈତ୍ୟ ଭାବଟିକୁ ଫୁଟାଇ ଗଢ଼ି ତୋଳିବାକୁ ହେବ । ଆମର ଚୈତ୍ୟସତ୍ତା ମା'ଙ୍କର ଦିବ୍ୟ ଉପସ୍ଥିତି ସମ୍ପର୍କରେ ସର୍ବଦା ସଚେତ ବୋଲି ତାହା ଏପରି ସହଜରେ ନିଜକୁ ଦେଇଦିଏ । କିନ୍ତୁ ମନ, ପ୍ରାଣ ଓ ଦେହକୁ ନେଇ ଗଠିତ ଆମର ବାହ୍ୟ ସତ୍ତା ଓ ତା'ର ଚେତନା ମା'ଙ୍କର ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ନୁହେଁ । ତେଣୁ ପ୍ରତ୍ୟକ୍ଷ ଓ ଜୀବନ୍ତ ଭାବେ ମା'ଙ୍କର ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ହେବାକୁ ହେଲେ ଆମକୁ ସେହି ଉଚ୍ଚତର ଚେତନାରେ ପହଞ୍ଚିବାକୁ ହେବ, ଯାହା ଆମ ହୃଦୟର ଗଭୀର ପଶ୍ଚାତରେ ଓ ମସ୍ତକର ଊର୍ଦ୍ଧ୍ୱରେ ରହିଛି । ଏହି ପହଞ୍ଚିବାହିଁ ହେଉଛି ଦିବ୍ୟ ଚେତନାର ଶକ୍ତି ଓ ପ୍ରଭାବ ପ୍ରତି ଆମର ଉନ୍ମୀଳନ । ଏହି ଉନ୍ମୀଳନ ଉପରେହିଁ ପୂର୍ଣ୍ଣଯୋଗର ସବୁକିଛି ନିର୍ଭର କରେ ।

ଶ୍ରୀଅରବିନ୍ଦଙ୍କ କଥାରେ, "In this Yoga all depends on whether one can open to the Influence or not." (CWSA, Vol. 29, p. 107)

ଅର୍ଥାତ୍, ''ଏହି ଯୋଗରେ ସବୁକିଛି ନିର୍ଭର କରେ ଦିବ୍ୟ ପ୍ରଭାବ ପ୍ରତି ଜଣେ ନିଜକୁ ଉନ୍ମୀଳିତ କରିପାରୁଛି କି ନାହିଁ, ତା' ଉପରେ ।'' କିନ୍ତୁ ମା'ଙ୍କର ପ୍ରତିଶ୍ରୁତି ପରି ଶ୍ରୀଅରବିନ୍ଦ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଆମ ତରଫରୁ ନିଷ୍ଠା ଥିଲେ ସେହି ଉନ୍ମୀଳନ ଆସିବହିଁ ଆସିବ । ତାହା ସୁନିଶ୍ଚିତ ।

ତାଙ୍କ କଥାରେ, "If there is a sincerity in the aspiration and a patient will to arrive at the higher consciousness in spite of all obstacles, then the opening in one form or another is sure to arrive."

(CWSA, Vol. 29, p. 107)

ଅର୍ଥାତ୍, ''ଯଦି ଅଭୀପ୍ସାରେ ନିଷ୍ଠା ଥାଏ ଓ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଉଚ୍ଚତର ଚେତନାରେ ପହଞ୍ଚିବା ପାଇଁ ଏକ ଧୈର୍ଯ୍ୟଶୀଳ ସଙ୍କଳ୍ପ ଥାଏ ତେବେ କୌଣସି ନା କୌଣସି ରୂପରେ ଏହି ଉନ୍ମୀଳନ ଆସିବ ନିଶ୍ଚୟ ।'' କିନ୍ତୁ ଏହା ଶୀଘ୍ର ଆସିବ କି ବିଳମ୍ବରେ ଆସିବ ତାହା ନିର୍ଭର କରେ ଆମର ମନ, ପ୍ରାଣ ଓ ଦେହ ଏଥିପାଇଁ କେତେ ଦୂର ପ୍ରସ୍ତୁତିର ଅବସ୍ଥାରେ ରହିଛି କି ନାହିଁ ତା' ଉପରେ । ଏପରିକି ପ୍ରଥମ ଅବସ୍ଥାରେ ଆସୁଥିବା ବାଧାବିଘ୍ନର ସମ୍ମୁଖୀନ ହୋଇ ଧୈର୍ଯ୍ୟ ଅଭାବରୁ ଉନ୍ମୀଳନ ଦିଗରେ ସମସ୍ତ ପ୍ରଚେଷ୍ଟାକୁ ପୂରାପୂରି ଛାଡ଼ି ଦେବାର ବିପଦ ମଧ୍ୟ ରହିଛି ।

ଏ ସମ୍ପର୍କରେ ଚେତାଇ ଦେଇ ଶ୍ରୀଅରବିନ୍ଦ କହିଛନ୍ତି, "But it may take a long or a short time according to the prepared or unprepared condition of the mind, heart and body; so if one has not the necessary patience, the effort may be abandoned owing to the difficulty of the beginning."

(CWSA, Vol. 29, p. 107)

ଅର୍ଥାତ୍, ''ଏଥିପାଇଁ ଦୀର୍ଘ ବା କମ୍ ସମୟ ଲାଗିପାରେ ମନ, ହୃଦୟ ଓ ଶରୀରର ଅବସ୍ଥାରେ ପ୍ରସ୍ତୁତି ବା ଅପ୍ରସ୍ତୁତି ଯୋଗୁଁ; ତେଣୁ ଯଦି ଜଣକର ଆବଶ୍ୟକ ଧୈର୍ଯ୍ୟ ନଥାଏ, ତା'ହେଲେ ଆରମ୍ଭରେ ଆସୁଥିବା ବାଧାବିଘ୍ନ ଯୋଗୁଁ ଜଣେ ଏହି ପ୍ରଚେଷ୍ଟା ମଧ୍ୟ ଛାଡ଼ି ଦେଇପାରେ ।''

ଉନ୍ମୀଳନ ପାଇଁ ପ୍ରଚେଷ୍ଟା ଛାଡ଼ିଦେବାର ଏହି ବିପଦଟି ଆମ ସମସ୍ତଙ୍କ କ୍ଷେତ୍ରରେ ରହିଛି । ଏ ଦିଗରେ ସର୍ବଦା ସତର୍କ ରହିବା ଉଚିତ । କିନ୍ତୁ ଏହି ବିପଦରୁ ରକ୍ଷା ପାଇବା ପାଇଁ ମଧ୍ୟ ମା'ଙ୍କ ପାଖରେ ଆତ୍ମ-ନିବେଦନହିଁ ଏକମାତ୍ର ବାଟ । କେବଳ ଧୈର୍ଯ୍ୟର ଅଭାବ ନୁହେଁ, ଆମ ଭିତରେ ରହିଥିବା ନାନା ଅଶୁଦ୍ଧି ମଧ୍ୟ ବାରଂବାର ଉଠି ଆସି ଆମ ଭିତରେ ଏକ ପ୍ରକାର ଅସହାୟତା ଓ ଆତ୍ମଗ୍ଲାନିର ଭାବ ସୃଷ୍ଟି କରେ, ପୂର୍ଣ୍ଣଯୋଗ ପାଇଁ ଆମର ଅଯୋଗ୍ୟତା ଓ ଅସାମର୍ଥ୍ୟତାର ନାନା କୁମନ୍ତ୍ରଣା ଆମକୁ ଦିଏ । ଏହି ପ୍ରକାର ଅବସ୍ଥା ଆସିଲେ ଆମର ପ୍ରଧାନ କାମଟି ହେଉଛି ମା'ଙ୍କ ଦିବ୍ୟ ଚେତନାର ଆଶ୍ରୟ ନେବା ଓ ମା'ଙ୍କର ଏବଂ ଶ୍ରୀଅରବିନ୍ଦଙ୍କର ସେହି ପ୍ରତିଶ୍ରୁତିକୁ ବାରବାର ସ୍ମରଣ କରିବା ଯେ ମା'ହିଁ ଆମ ପାଇଁ ସବୁକିଛି କରିଦେବେ ଓ ଆମର ଉନ୍ମୀଳନ ନିଶ୍ଚୟ ଆସିବ ଏବଂ ଉଚ୍ଚତର ଚେତନାରେ ଆମେ ନିଶ୍ଚୟ ପହଞ୍ଚିବୁ । ସହଜ ଭାବରେ ମା'ଙ୍କ ହାତରେ ନିଜକୁ ଛାଡ଼ି ଦେଲେ ମା'ହିଁ ସବୁକିଛି କରିଦେବେ — ଏ ପ୍ରତିଶ୍ରୁତି ସ୍ୱୟଂ ଶ୍ରୀଅରବିନ୍ଦ ଦେଇଛନ୍ତି । ନିଜକୁ ସହଜ ଭାବରେ ମା'ଙ୍କୁ ଦେଇ ଦେବାର ପ୍ରଚେଷ୍ଟାରେ ନିଷ୍ଠାର ସହିତ ଲାଗି ରହିବାକୁ ହେବ । ନିଜର ମନକୁ ବିକ୍ଷିପ୍ତ ଚିନ୍ତାରେ ଏଣେତେଣେ ଧାଁ-ଧାଉଡ଼ କରିବାକୁ ନଦେଇ ପ୍ରାଣିକ ଚେତନାକୁ ନାନା ଅନ୍ଧ ଓ ଜିଦ୍‌ଖୋର କାମନା-ବାସନା ପଛରେ ଦଉଡ଼ିବାକୁ ନଦେଇ, ଦୈହିକ ଚେତନାକୁ ନାନା କ୍ଲାନ୍ତି, ଆଳସ୍ୟ ଓ ତାମସିକ ନିଶ୍ଚେଷ୍ଟତା ଓ ନିଷ୍କ୍ରିୟତା ଭିତରେ ବୁଡ଼ିଯିବାକୁ ନଦେଇ ଆମକୁ ଚେଷ୍ଟା କରିବାକୁ ହେବ ଆମ ଭିତରେ ରହିଥିବା ମା'ଙ୍କ ଚେତନା ସହ, ଆମର ଉଚ୍ଚତର ଓ ଗଭୀରତର ଚେତନା ସହ ଘନିଷ୍ଠ ସଂଯୋଗ ରଖିବା ପାଇଁ । ସେ ଦିଗରେ ଆମର ପ୍ରଚେଷ୍ଟାହିଁ ଆମକୁ ମା'ଙ୍କ ଦିବ୍ୟ ଚେତନା ଓ ଶକ୍ତି ସହ ସଂଯୋଗ ରଖିବା ଦିଗରେ ବାଟ କଢ଼ାଇ ନେବ ।

ଶ୍ରୀଅରବିନ୍ଦ ଯେପରି କହିଛନ୍ତି, "Always keep in touch with the Divine Force. The best thing for you is to do that simply and allow it to do its own work; wherever necessary, it will take hold of the inferior energies and purify them; at other times it will empty you of them and fill you with itself."

(CWSA, Vol. 29, p. 189)

ଅର୍ଥାତ୍, ''ସଦାସର୍ବଦା ଭଗବତ୍ ଶକ୍ତି ସହ ସଂଯୋଗ ରଖ । ତୁମ ପାଇଁ ଯାହା ସର୍ବୋତ୍ତମ, ତା'ହେଲା ସହଜ ଭାବରେ ଏହାହିଁ କରିବା ଓ ସେହି ଦିବ୍ୟ ଶକ୍ତିକୁ ତା' ନିଜର କାମ କରିବା ପାଇଁ ଛାଡ଼ିଦେବା; ଯେଉଁଠି ଆବଶ୍ୟକ, ଏହା ସମସ୍ତ ନିମ୍ନତର ଶକ୍ତିକୁ ଧରି ଅକ୍ତିଆର କରିବ ଓ ସେଗୁଡ଼ିକୁ ଶୁଦ୍ଧ କରିଦେବ; ଅନ୍ୟ ସମୟରେ ଏହା ତୁମ ଭିତରୁ ସେଗୁଡ଼ିକୁ କାଢ଼ି ବାହାର କରିଦେବ ଏବଂ ତାହା ସ୍ୱୟଂ ନିଜ ଦ୍ୱାରା ତୁମକୁ ପୂର୍ଣ୍ଣ କରିଦେବ ।'' ମା' ଯେତେବେଳେ କହନ୍ତି, ସବୁକିଛି ତାଙ୍କ ହାତରେ ଛାଡ଼ିଦେବା ପାଇଁ, ସେ ଏହାହିଁ କହନ୍ତି । ମା'ଙ୍କ ହାତରେ ସବୁକିଛିର ଭାର ଛାଡ଼ିଦେବା, — ନିଜକୁ ସମସ୍ତ ଦାୟିତ୍ୱ ଅର୍ପଣ ଭିତରେ, ନିଜର ଆତ୍ମ-ନିବେଦନର ନିଷ୍ଠା ଭିତରେହିଁ ରହିଛି ଆମ ପାଇଁ ମା' ସବୁକିଛି କରିଦେବେ ବୋଲି ମା'ଙ୍କ ସେହି ପ୍ରତିଶ୍ରୁତିର ବାସ୍ତବ, କ୍ରିୟାତ୍ମକ ପରିପୂରଣ ।

*

ଆମେମାନେ ଭାଗ୍ୟବାନ୍ ଯେ ଆମର ଗୁରୁ ଓ ଇଷ୍ଟ ରୂପେ ଆମେ ସେହି ଏକହିଁ ଦିବ୍ୟ ଚେତନାକୁ ପାଇଛୁ ଯାହା ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦିବ୍ୟ ବ୍ୟକ୍ତିତ୍ୱ ଓ ଆଧାର ଭିତରେ ନିତ୍ୟ ଅଭିବ୍ୟକ୍ତ । ସେହି ଦିବ୍ୟ ଚେତନା ସହ ଆମ ଚେତନାର ସଂଯୋଗ ଯେତେ ନିରବଚ୍ଛିନ୍ନ, ଯେତେ ସଚେତ ଓ ସ୍ୱତଃସ୍ଫୂର୍ତ୍ତ ହେବ ଆମେ ସେତିକି ଦ୍ରୁତଗତିରେ ଆମ ଲକ୍ଷ୍ୟ ପଥରେ, ଆମ ଜୀବନର ସାର୍ଥକତା ପଥରେ ଆଗେଇ ଯିବୁ । ସେହି

ଦିବ୍ୟ ଚେତନାର ଉପଲବ୍ଧିହିଁ ଆମର ଲକ୍ଷ୍ୟ, ତାହା ସହ ପୂର୍ଣ୍ଣ ଭାବରେ ମିଳିତ ଓ ଏକ ହୋଇଯିବାହିଁ ଆମ ଜୀବନର ସାର୍ଥକତା । ସେହି ଭଗବତ୍ ଚେତନା ସହ ସଂଯୋଗ ସ୍ଥାପନ ପାଇଁ, ତାହା ପ୍ରତି ଉନ୍ମୀଳନ ଓ ତାହା ପାଖରେ ଆତ୍ମ-ନିବେଦନହିଁ ଆମ ଆଗରେ ସର୍ବୋତ୍କୃଷ୍ଟ ପନ୍ଥା । ପ୍ରଥମେ ସେହି ଭଗବତ୍ ଚେତନା ପ୍ରତି ଉନ୍ମୀଳନ ହେଲେ ସିନା ଆମେ ତା' ପାଖରେ ଆତ୍ମ-ନିବେଦନ କରିବୁ । ସେହି ଉନ୍ମୀଳନ ପାଇଁ ଆବଶ୍ୟକ ହେଲା ସେହି ଭଗବତ୍ ଚେତନା ଉପରେ ଅଖଣ୍ଡ ବିଶ୍ୱାସ ଓ ତାହାର ସଚେତ ଉପଲବ୍ଧି ପାଇଁ ପ୍ରଗାଢ଼ ଅଭୀପ୍ସା । ସେହି ଚେତନାକୁ ଆବାହନ କରିବା, ତା' ନିକଟରେ ପ୍ରାର୍ଥନା ଜଣାଇବା ଆଦି ଯେକୌଣସି ପନ୍ଥା ଗ୍ରହଣ କରାଯାଉ ନା କାହିଁକି ସବୁଗୁଡ଼ିକହିଁ ଆମକୁ ସେହି ଚେତନା ସହ ସଂଯୋଗ ସ୍ଥାପନ ଦିଗରେ ଆଗେଇ ନେବ ।

ଶ୍ରୀଅରବିନ୍ଦଙ୍କ କଥାରେ : "One has to have faith and aspire for the opening. Aspiration, call, prayer are forms of one and the same thing and are all effective; you can take the form that comes to you or is easiest to you."

(CWSA, Vol. 29, p. 106)

ଅର୍ଥାତ୍, ''ତୁମକୁ ବିଶ୍ୱାସ ରଖିବାକୁ ହେବ ଏବଂ ଉନ୍ମୀଳନ ପାଇଁ ଅଭୀପ୍ସା କରିବାକୁ ପଡ଼ିବ । ଅଭୀପ୍ସା, ଆବାହନ, ପ୍ରାର୍ଥନା – ଏସବୁ ହେଉଛି ସେହି ଗୋଟିଏ ଜିନିଷରହିଁ ବିଭିନ୍ନ ରୂପ ଓ ସବୁଗୁଡ଼ିକହିଁ ଫଳପ୍ରଦ । ତୁମ ଭିତରେ ଏଥିରୁ ଯେଉଁଟି ଆସିବ ବା ଯାହା ତୁମକୁ ସବୁଠୁ ସହଜ ଲାଗିବ, ସେଇଟିକୁ ତୁମେ ଗ୍ରହଣ କରିପାର ।''

ଆମେ ଯେଉଁ ଦିବ୍ୟ ଚେତନା କଥା କହୁଛୁ, ତାହାକୁ କେବଳ ଏକ ନୈର୍ବ୍ୟକ୍ତିକ ଚେତନା ବୋଲି ଯେପରି ଭାବି ନବସୁ । ତାହା ସ୍ୱୟଂ ପରମଙ୍କ ଚେତନା, ପରମ ପୁରୁଷଙ୍କ ଚେତନା, ଭଗବତୀ ଆଦ୍ୟାଶକ୍ତି ଦିବ୍ୟ ଜନନୀଙ୍କ ଚେତନା । ସାଧକମାନଙ୍କୁ ଅନେକ ପତ୍ରରେ ଶ୍ରୀଅରବିନ୍ଦ ତାହାକୁ "My consciousness and Mother's consciousness." – ''ମୋ ଚେତନା ଓ ମା'ଙ୍କ ଚେତନା'' ବୋଲି ଉଲ୍ଲେଖ କରି ତାହା ପାଖରେ ସମର୍ପଣ କରିବା କଥା କହିଛନ୍ତି । ତାହାହିଁ ଆମର ମସ୍ତକର ଊର୍ଦ୍ଧ୍ୱରେ ଓ ଆମ ହୃଦୟର ଗଭୀରରେ ନିତ୍ୟ ବିରାଜମାନ । ସେହି ଚେତନାକୁ ଧାରଣ କରିହିଁ ଆମ ଚେତନାର ଊର୍ଦ୍ଧ୍ୱତମ ସ୍ତରରେ ଓ ହୃଦୟ ସିଂହାସନରେ ଶ୍ରୀଅରବିନ୍ଦ ଓ ଶ୍ରୀମା ନିତ୍ୟ ଅଧିଷ୍ଠିତ । ସେହି ଦିବ୍ୟ ଚେତନାକୁ ଆମ ଆଧାର ଭିତରକୁ ଆବାହନ କରି କ୍ରିୟାଶୀଳ କରିବାରେହିଁ ରହିଛି ପୂର୍ଣ୍ଣଯୋଗର ତତ୍ତ୍ୱ ଓ ସିଦ୍ଧି । ଆମ ଜୀବନ, କର୍ମ ଓ ସାଧନାର ସମସ୍ତ ଦାୟିତ୍ୱ ତାହାରି ହାତରେହିଁ ଅର୍ପଣ କରିବାକୁ ହେବ । ଆମ ଆଧାରରେ ତାହା କେତେବେଳେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଦିବ୍ୟ ରୂପ ନେଇ ଦିବ୍ୟ ଉପସ୍ଥିତି ରୂପେ ପ୍ରକଟିତ ହେବ ବା ଦିବ୍ୟ ଶାନ୍ତି, ଶକ୍ତି, ଜ୍ଞାନ, ଆଲୋକ ଓ ଆନନ୍ଦର ରୂପ ନେଇ ପ୍ରକଟିତ ହେବ ତାହାର ନିଷ୍ପତ୍ତି ପୂରାପୂରି ତାଙ୍କ ହାତରେ । ଆମ ତରଫରୁ କେବଳ ଆବଶ୍ୟକ ହେଲା ସେହି ଦିବ୍ୟ ଅନୁଭୂତିଗୁଡ଼ିକୁ ପାଇବା ପାଇଁ ଆମ ଚେତନାକୁ ପ୍ରସ୍ତୁତ କରିବା ଓ ଅଟଳ ଧୈର୍ଯ୍ୟର ସହ ଏକ ଗଭୀର ଅଭୀପ୍ସା ଓ ପ୍ରତୀକ୍ଷାର ସକ୍ରିୟ ଅବସ୍ଥାରେ ରହିବା ।

ଶ୍ରୀଅରବିନ୍ଦଙ୍କ କହିବାନୁସାରେ, "But you must not become impatient if all is not done at once; ... you have to go on till the consciousness is ready."

(CWSA, Vol. 29, p. 106)

ଅର୍ଥାତ୍, ''କିନ୍ତୁ ସବୁକିଛି ସଙ୍ଗେ ସଙ୍ଗେ ଏକାବେଳେକେ ନ ହେଲେ ଧୈର୍ଯ୍ୟହରା ହେଲେ ଚଳିବ ନାହିଁ; ... ଚେତନା ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ତୁମକୁ ଲାଗି ରହିବାକୁ ହେବ ।''

ଆମ ପାଇଁ ଏହି ଚେତନାର ପ୍ରସ୍ତୁତି ଓ ଲାଗି ରହିବାର ପଥ-ନିର୍ଦ୍ଦେଶ କରି ଶ୍ରୀଅରବିନ୍ଦ ଜଣେ ସାଧକଙ୍କୁ ଏକ ପତ୍ରରେ ତିନୋଟି କଥା ଉଲ୍ଲେଖ କରିଥିଲେ –

"(1) Offer yourself more and more – all the consciousness, all that happens in it, all your work and action.

"(2) If you have faults and weaknesses, hold them up before the Divine to be changed or abolished.

"(3) Try to do what I told you, concentrate in the heart till you constantly feel the Presence there." (CWSA, Vol. 29, p. 104)

ଅର୍ଥାତ୍, ''(୧) ଅଧିକରୁ ଅଧିକ ନିଜକୁ ଅର୍ପଣ ଓ

ନିବେଦନ କର – ତୁମର ସମଗ୍ର ଚେତନାକୁ, ତହିଁରେ ଯାହା ଘଟେ ସେ ସମସ୍ତକୁ, ତୁମର ସମସ୍ତ କର୍ମ ଓ କ୍ରିୟାବଳିକୁ ।

''(୨) ତୁମର ଯାହାସବୁ ଦୋଷ ଓ ଦୁର୍ବଳତା ଥାଏ ସେଗୁଡ଼ିକୁ ସଂଶୋଧନ ବା ଉଚ୍ଛେଦ କରିବା ପାଇଁ ସେଗୁଡ଼ିକୁ ଭଗବାନଙ୍କ ପାଖରେ ତୋଳିଧର ।

''(୩) ମୁଁ ତୁମକୁ ଯାହା କହିଥିଲି ତାହା କରିଚାଲିବା ପାଇଁ ସଚେଷ୍ଟ ହୁଅ, ନିଜ ହୃଦୟରେ ଏକାଗ୍ର ହୁଅ ଯେପର୍ଯ୍ୟନ୍ତ ସେଠାରେ ନିରନ୍ତର ଦିବ୍ୟ ଉପସ୍ଥିତିକୁ ଅନୁଭବ ନ କରିଛ ।''

ଦିବ୍ୟଗୁରୁ ଆତ୍ମ-ନିବେଦନର ଏହି ଯେଉଁ ସୂତ୍ରଗୁଡ଼ିକ ରଖି ଯାଇଛନ୍ତି ଯଦି ଆମେ ପୂର୍ଣ୍ଣ ନିଷ୍ଠା ଓ ଆନ୍ତରିକତା ସହ ସେଗୁଡ଼ିକୁ ଆମର ସମଗ୍ର ସତ୍ତା ଦେଇ, ଆମର ମନ, ପ୍ରାଣ ଓ ଦେହର ସମସ୍ତ ଚିନ୍ତା, ଆବେଗ ଓ କର୍ମର ବାସ୍ତବତା ଭିତରେ ଫୁଟାଇ ତୋଳିବା ପାଇଁ ପ୍ରଯତ୍ନ କରୁ ତା'ହେଲେ ଆମେ ସେଗୁଡ଼ିକର ଫଳପ୍ରଦତାକୁ ଅତି ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଅନୁଭବ ଓ ଉପଲବ୍ଧି କରିପାରିବୁ ।

(ପୂର୍ଣ୍ଣଯୋଗ ପ୍ରବାହ : ପୃଷ୍ଠା. ୫୫୩-୫୫୬)

Offering : the placing of your entire being, with all its movements true and false, good and bad, right and wrong, before the Divine for transformation .

(CWM, Vol. 14, p. 99) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

## ଏକ ନିବେଦନ

ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କର ସମସ୍ତ ଭକ୍ତ ତଥା ଆଶ୍ରମର ସମସ୍ତ ଶୁଭେଚ୍ଛୁମାନଙ୍କୁ ଏହା ଏକ ନିବେଦନ ।

AI (କୃତ୍ରିମ ବୁଦ୍ଧିମତା) ଏବଂ ଅନ୍ୟାନ୍ୟ ସାଧନର ବ୍ୟାପକ ଉପଲବ୍ଧତା ଏବଂ ସେଗୁଡ଼ିକର ସହଜ ବ୍ୟବହାର ଯୋଗୁଁ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କର ଅନେକ ଫଟୋ ଏବଂ ଭିଡ଼ିଓ ଅସ୍ୱାଭାବିକ ଭାବେ ସମ୍ପାଦିତ ହୋଇଥିବାର ଆମେ ଦେଖିବାକୁ ପାଉଛୁ । ଏଗୁଡ଼ିକ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ପ୍ରତି ଅସମ୍ମାନଜନକ ।

ତେଣୁ ଆମେ ସମସ୍ତଙ୍କୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କର ଫଟୋ/ଭିଡ଼ିଓଗୁଡ଼ିକୁ କୌଣସି ପ୍ରକାରେ କୃତ୍ରିମ ପରିବର୍ତ୍ତନ ନକରିବା ପାଇଁ ଅନୁରୋଧ କରୁଛୁ ।

## ସର୍ବସାଧାରଣ ସୂଚନା

ଏହା ଦେଖାଯାଉଛି ଯେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଶିକ୍ଷାର ପ୍ରଚାର କରିବା ଲକ୍ଷ୍ୟ ନେଇ ବିଭିନ୍ନ ୱେବସାଇଟ୍, ଫେସବୁକ୍ ପେଜ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ନେଟୱାର୍କିଂ ଗ୍ରୁପ୍ ଆରମ୍ଭ କରାଯାଉଛି । ଏଥିମଧ୍ୟରୁ କେତେକ ୱେବସାଇଟ୍ ସେମାନଙ୍କର URL ଠିକଣାରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ନାମ ବ୍ୟବହାର କରୁଛନ୍ତି, ଯାହାଦ୍ୱାରା ୱେବସାଇଟ୍ ପରିଦର୍ଶକମାନେ ଭାବି ପାରନ୍ତି ଯେ ଏଗୁଡ଼ିକ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବା ଅନୁମୋଦିତ ଅଫିସିଆଲ୍ ୱେବସାଇଟ୍ ।

କେତେକ କ୍ଷେତ୍ରରେ, ଏହି ସାଇଟ୍‌ଗୁଡ଼ିକ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ନାମରେ ଅନୁଦାନ ମଧ୍ୟ ମାଗୁଛନ୍ତି, ଆପତ୍ତିଜନକ ଦାବି କରୁଛନ୍ତି ଏବଂ ଜୀବନରେ ସଫଳତା ପାଇବା ପାଇଁ ବିଭିନ୍ନ 'ଫର୍ମୁଲା' ପ୍ରଦାନ କରୁଛନ୍ତି ।

ବହୁ ବ୍ୟକ୍ତିଙ୍କ ଠାରୁ ଆସିଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ଆମେ ଏହା ସ୍ପଷ୍ଟ କରୁଛୁ ଯେ :

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀର କେବଳ ଗୋଟିଏ ଅଫିସିଆଲ୍ ୱେବସାଇଟ୍ ଅଛି :

www.sriaurobindoashram.org

ଏହାର କୌଣସି ଅଫିସିଆଲ୍ ସୋସିଆଲ୍ ନେଟୱାର୍କିଂ ଗ୍ରୁପ୍ ନାହିଁ ।

ଅନ୍ୟ ୱେବସାଇଟ୍ ଏବଂ ଅନଲାଇନ୍ ପ୍ଲାଟଫର୍ମ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ସେଗୁଡ଼ିକ ଉପରେ ଭରସା କରିବା ପୂର୍ବରୁ ଯଥାଯଥ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି, କାରଣ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରେ ସେଗୁଡ଼ିକର ସଠିକତା କିଂବା ଦାବିଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ସମ୍ଭବ ନୁହେଁ । ଏହିପରି ୱେବସାଇଟ୍/ ଗ୍ରୁପ୍ ଦ୍ୱାରା ବିଭ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ କୌଣସି ପ୍ରକାର ଦାବିକୁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ଗ୍ରହଣ କରିବ ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏପରି କେତେକ ୱେବ୍‌ସାଇଟ ଦ୍ୱାରା ପ୍ରସ୍ତାବିତ 'ଜୀବନର ସମସ୍ୟା ପାଇଁ ତୁରନ୍ତ ସମାଧାନ' (quick-fix solutions) ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ଯୋଗର ଅନ୍ତର୍ଭୁକ୍ତ ନୁହେଁ ।

ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ନିଜ ପକ୍ଷରୁ ପାଣ୍ଠି ସଂଗ୍ରହ କରିବା ପାଇଁ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ସଙ୍ଗଠନକୁ ଅଧିକାର ଦେଇ ନାହିଁ । ଶୁଭେଚ୍ଛୁ ଏବଂ ଦାତାମାନେ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ଦାନ କରିବାକୁ ଚାହାଁନ୍ତି, ସେମାନଙ୍କୁ ସିଧାସଳଖ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀକୁ ଦାନ କରିବାକୁ ଏବଂ ଟ୍ରଷ୍ଟ ଦ୍ୱାରା ପ୍ରଦାନ କରାଯାଉଥିବା ଅଫିସିଆଲ୍ ରସିଦ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ ଯେଉଁ ୱେବସାଇଟ୍/ବ୍ୟକ୍ତି/ଗୋଷ୍ଠୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ସମର୍ଥନ ଅଛି ବୋଲି ଦାବି କରୁଛନ୍ତି କିଂବା ବିଭିନ୍ନ ବିଷୟରେ 'ସହାୟତା' କରି ପାରିବେ ବୋଲି ଦର୍ଶାଉଛନ୍ତି, ସେମାନଙ୍କର ଏପରି କରିବାର ଅଧିକାର ନାହିଁ, ଯେପର୍ଯ୍ୟନ୍ତ ସେମାନଙ୍କ ପାଖରେ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ନିର୍ଦ୍ଦିଷ୍ଟ ଅନୁମତି ନାହିଁ । •